

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ଓଡ଼ିଶାର ସ୍ତନ୍ୟପାୟୀ ପ୍ରାଣୀ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ଓଡ଼ିଶାର ସ୍ତନ୍ୟପାୟୀ ପ୍ରାଣୀ



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ଓଡ଼ିଶାର ସ୍ତନ୍ୟପାୟୀ ପ୍ରାଣୀ



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

**ଓଡ଼ିଶାର ସ୍ତନ୍ୟପାୟୀ ପ୍ରାଣୀ**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା
ନବମ ଓ ଦଶମ ଶ୍ରେଣୀ ନିମନ୍ତେ
ଅନୁମୋଦିତ ଓ ପ୍ରକାଶିତ

ସ୍ୱତ୍ୱ : ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ସମ୍ପାଦନା ମଣ୍ଡଳୀ :
ଡ. ଅନୁସ୍ମିତା ସ୍ୱାଇଁ, ଉପ-ସଚିବ, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ଡ. ସୁଶାନ୍ତ କୁମାର ମହାପାତ୍ର, ଏକାଡେମିକ ଅଫିସର, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ଶ୍ରୀ ଜଗନ୍ନାଥ ପଣ୍ଡା, ପୂର୍ବତନ ଶିକ୍ଷକ, ଭକ୍ତମଧୁ ବିଦ୍ୟାପୀଠ, କଟକ
ଶ୍ରୀମତୀ ଗୀତାଞ୍ଜଳି ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଡାଳଭାଗ, ଆଠଗଡ଼

ଲେଖକ ମଣ୍ଡଳୀ :
ଡକ୍ଟର ସତ୍ୟରଞ୍ଜନ ବେହେରା
ସୁଦୀପ କୁମାର ବେହେରା
ସୁଦିପ୍ତା ସୋନାଲୀ ମହାପାତ୍ର
ମୌସୁମୀ ପଧାନ
ଓଡ଼ିଶା ଜୈବବିବିଧତା ବୋର୍ଡ଼, ଭୁବନେଶ୍ୱର

ପ୍ରଚ୍ଛଦ ଶିଳ୍ପୀ
ଅନନ୍ତ କିଶୋର ଓଝା

ଚିତ୍ରକର
ସୁନ୍ଦର ହାଁସଦା

**ପ୍ରଥମ ସଂସ୍କରଣ : ୨୦୨୪**

# ମୁଖବନ୍ଧ

ସୁନ୍ଦର ଜୀବନ ଧାରଣ ନିମିତ୍ତ ପରିବେଶର ଗଠନ ଓ ଉପାଦାନ ବିଷୟରେ ଜାଣିବା ଅପରିହାର୍ଯ୍ୟ ଅଟେ । ଜୈବବିବିଧତା (Biodiversity) ଆମ ପରିବେଶର ଏକ ମୁଖ୍ୟ ଅଙ୍ଗ । ଏହି ପୁସ୍ତକରେ ଓଡ଼ିଶାର ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ବିବିଧତା ଶିକ୍ଷାକୁ ବିଦ୍ୟାର୍ଥୀ କୈନ୍ଦ୍ରିକ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି ।

ବିଦ୍ୟାର୍ଥୀମାନଙ୍କ ଜ୍ଞାନକୁ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନ କରି ପରିବେଶରେ ଥିବା ଜୈବବିବିଧତା ଜ୍ଞାନକୁ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମରେ ଜଡ଼ିତ କରାଯାଇଛି । ଆମ ରାଜ୍ୟର ବିଦ୍ୟାର୍ଥୀମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ନବମ ଓ ଦଶମ ଶ୍ରେଣୀ ପାଇଁ ଏକ ନୂତନ ପୁସ୍ତକ ପ୍ରଚଳନ କରିଛନ୍ତି । ଉପରୋକ୍ତ ଉଦ୍ଦେଶ୍ୟକୁ ପ୍ରତିଫଳନ କରିବା ପାଇଁ ଏହି ପୁସ୍ତକଟି **"ଓଡ଼ିଶାର ସ୍ତନ୍ୟପାୟୀ ପ୍ରାଣୀ"** ରୂପେ ପ୍ରଣୟନ ହୋଇଛି ।

ବିଦ୍ୟାର୍ଥୀଙ୍କର ବୈଜ୍ଞାନିକ ମନୋବୃତ୍ତି, ଜିଜ୍ଞାସା ଏବଂ ସୃଜନଶୀଳତା ବୃଦ୍ଧିପାଇଁ ପୁସ୍ତକରେ ସ୍ତନ୍ୟପାୟୀ ପ୍ରାଣୀର ବର୍ଣ୍ଣନା, ଚିତ୍ର ଓ ବିଶେଷ ତଥ୍ୟ ରହିଛି । ପୁସ୍ତକ ଶେଷରେ ଛାତ୍ରଛାତ୍ରୀଙ୍କ ଗବେଷଣାତ୍ମକ ମନୋବୃତ୍ତିକୁ ଆଗକୁ ଆଣିବା ପାଇଁ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକ ରଖାଯାଇଛି । ଏହି ପୁସ୍ତକ ପ୍ରସ୍ତୁତିରେ ସହଯୋଗ କରିଥିବା ଓଡ଼ିଶା ଜୈବବିବିଧତା ବୋର୍ଡ଼ର ବୈଜ୍ଞାନିକ, ଗବେଷକ ମଣ୍ଡଳୀ, ସଦସ୍ୟ ସଚିବ ଏବଂ ସଂଯୋଜକଙ୍କୁ ପରିଷଦ ତରଫରୁ ଧନ୍ୟବାଦ ଜଣାଉଛି । ଆଶା ପୁସ୍ତକଟି ସମସ୍ତଙ୍କ ଦ୍ୱାରା ଆଦୃତ ହେବ ।

ସଭାପତି
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା



# ଭୂମିକା

ଆମ ଦେଶର ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ, ପରିବେଶ ବିଜ୍ଞାନ ଶିକ୍ଷା ସହିତ ଗବେଷଣା ପ୍ରତିଷ୍ଠାନ ମାଧ୍ୟମରେ ଗୁଣାତ୍ମକ ଗବେଷଣାକୁ ପ୍ରୋତ୍ସାହନ ଦିଆଯାଇଛି । ଜୈବବିବିଧତାର ସଂରକ୍ଷଣ ପାଇଁ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଏକାନ୍ତ ଆବଶ୍ୟକ । ପାଠ୍ୟ ପୁସ୍ତକ ଆଧାରରେ ନବମ ଓ ଦଶମ ଶ୍ରେଣୀ ନିମନ୍ତେ **"ଓଡ଼ିଶାର ସ୍ତନ୍ୟପାୟୀ ପ୍ରାଣୀ"** ପୁସ୍ତକ ଛାତ୍ରଛାତ୍ରୀଙ୍କ ଜ୍ଞାନର ବିକାଶ ପାଇଁ ପ୍ରସ୍ତୁତ କରାଯାଇଛି ।

ଏହି ପୁସ୍ତକଟିରେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ପ୍ରକାରଭେଦ, ଜୀବନଶୈଳୀ, ଭୂମିକା ଓ ସଂରକ୍ଷଣ ବିଷୟରେ ଉଲ୍ଲେଖ କରାଯାଇଛି । ୫୦ଟି ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଓଡ଼ିଆ ନାମ, ଇଂରାଜୀ ନାମ ଓ ବୈଜ୍ଞାନିକ ନାମ ଛାତ୍ରଛାତ୍ରୀଙ୍କ ଜାଣିବା ପାଇଁ ରଖାଯାଇଛି ।

ଏହି ପାଠ୍ୟପୁସ୍ତକ ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ମାନସିକତା ତଥା ପରିବେଶ ନିରୀକ୍ଷଣ ମନୋବୃତ୍ତି ବଢ଼ାଇବାରେ ସହାୟକ ହେବ । ଘର, ବାଡ଼ି ଓ ଜଙ୍ଗଲ ଭିତରେ ଦେଖାଯାଉଥିବା ସ୍ତନ୍ୟପାୟୀ ପ୍ରାଣୀ ଜାତି ଉପରେ ବର୍ଣ୍ଣନା କରାଯାଇଛି । ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଖାଦ୍ୟ ଓ ବାସସ୍ଥାନ ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି । ପରିଶେଷରେ ଛାତ୍ରଛାତ୍ରୀଙ୍କ ପାଇଁ ଗବେଷଣାତ୍ମକ ପ୍ରକଳ୍ପ ପ୍ରସ୍ତାବିତ ହୋଇଛି ।

ଆଶା କରୁ ଏହି ପୁସ୍ତକଟି ବିଦ୍ୟାର୍ଥୀମାନଙ୍କ ମନରେ ଗବେଷଣାତ୍ମକ ଜିଜ୍ଞାସା ସୃଷ୍ଟିରେ ସହାୟକ ହେବ । ପୁସ୍ତକଟିର ଆଙ୍ଗିକ ଓ ଆତ୍ମିକ ଉନ୍ନତି ନିମନ୍ତେ ଗଠନ ମୂଳକ ପରାମର୍ଶ ସ୍ୱାଗତଯୋଗ୍ୟ ।

(ଲେଖକ ମଣ୍ଡଳୀ)








# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ଉପକ୍ରମ | ୦୧ |
| ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ସାଧାରଣ ବିଶେଷତ୍ୱ | ୧୨ |
| ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଶ୍ରେଣୀବିଭାଗ | ୧୪ |
| ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଦନ୍ତ ବିନ୍ୟାସ | ୪୮ |
| ଓଡ଼ିଶାରେ ଦେଖାଯାଉଥିବା ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଲଣ୍ଡି ଓ ପାଦଚିହ୍ନ | ୫୨ |
| ମଣିଷ ଓ ବନ୍ୟଜନ୍ତୁ ବିବାଦ | ୫୬ |
| ପରିବେଶରେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଭୂମିକା ଓ କୌତୂହଳପୂର୍ଣ୍ଣ ତଥ୍ୟ | ୬୨ |
| ୫୦ଗୋଟି ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ବର୍ଣ୍ଣନା | ୬୬ |
| ଓଡ଼ିଶାରେ ପଶୁପାଳନ କ୍ଷେତ୍ରରେ ଦେଖାଯାଉଥିବା ଜୈବବିବିଧତା | ୧୧୯ |
| ଛାତ୍ରଛାତ୍ରୀଙ୍କ ପାଇଁ ଗବେଷଣାତ୍ମକ ପ୍ରକଳ୍ପ | ୧୨୫ |
| ପରିଶିଷ୍ଟ | ୧୩୪ |



# ଉପକ୍ରମ

ହଜାର ହଜାର ବର୍ଷ ପୂର୍ବରୁ ଦୁଇଟି ଉତ୍ତପ୍ତ ପିଣ୍ଡର ସଂଘର୍ଷରେ ଗ୍ରହଗୁଡ଼ିକ ସୃଷ୍ଟି ହୋଇଥିଲା । ତାହା ମଧ୍ୟରୁ ପୃଥିବୀ ଏକ ଗ୍ରହ । ଦିନ ପରେ ଦିନ, ମାସ ପରେ ମାସ ଓ ବର୍ଷ ପରେ ବର୍ଷ ଗଡ଼ିଚାଲିଲା, ତା'ପରେ ଉତ୍ତପ୍ତ ପୃଥିବୀ ହେଲା ଶୀତଳ ଓ ଜଳମଗ୍ନ । ମାଟି, ପାଣି, ପବନ ଆଦି ଅଜୈବ ପଦାର୍ଥର ସମୟକ୍ରମେ ପରିବର୍ତ୍ତନ ଓ ବିବର୍ତ୍ତନ ଘଟି ସୃଷ୍ଟି ହେଲା କ୍ଷୁଦ୍ର ଜଳଜ ଜୀବ । କ୍ଷୁଦ୍ର ଜଳଜ ଉଦ୍ଭିଦ ଓ ଜଳଜ ଜୀବ କହିଲେ Phytoplankton ଓ Zooplanktonକୁ ବୁଝାଏ । ପୁଣି ସମୟ ଚକ୍ରରେ କ୍ଷୁଦ୍ର ଜଳଜ ଜୀବ ଦେହରେ ପରିବର୍ତ୍ତନ ଘଟିଲା । ଉଦ୍ଭିଦ ଶ୍ରେଣୀରେ ଧୀରେ ଧୀରେ ଶୈବାଳ, କବକ, ଗୁଳ୍ମ, ବୁଦା, ବଡ଼ ଗଛ ଆଦିର ଉତ୍ପତ୍ତି ଘଟିଲା । ସମାନ୍ତରାଳ ଭାବେ ପ୍ରାଣୀ କ୍ଷେତ୍ରରେ Jelly fish ଠାରୁ ଏକକୋଷୀ ଆମୋଇବା (Amoeba) ପରେ କ୍ରମଶଃ ବହୁକୋଷୀ ପ୍ରାଣୀଜଗତର ଉତ୍ପତ୍ତି ହେଲା । ପ୍ରାଣୀଜଗତ ଅମେରୁଦଣ୍ଡୀ କୀଟପତଙ୍ଗ ଠାରୁ ମେରୁଦଣ୍ଡୀ ମାଛ, ଉଭୟଚର, ସରୀସୃପ, ବିହଙ୍ଗ, ସ୍ତନ୍ୟପାୟୀ ଆଦି ଜାତି ପର୍ଯ୍ୟନ୍ତ ବିବର୍ତ୍ତନ ଘଟି ଏକ ବିବିଧତା ପୂର୍ଣ୍ଣ ପୃଥିବୀ ସୃଷ୍ଟି ହେଲା ।

ଆମେ ଯଦି ଆମ ଚତୁଃପାର୍ଶ୍ୱକୁ ଦେଖିବା ବିଭିନ୍ନ ପ୍ରକାରର ଜୈବ ଓ ଅଜୈବ ସମ୍ପଦର ସମାହାରକୁ ଦୃଷ୍ଟିଗୋଚର କରିପାରିବା । ମାଟି, ପାଣି, ପବନ, ଆସବାବ ପତ୍ର ଆଦି ଅଜୈବ ସମ୍ପଦ ହେଲେ ମଧ୍ୟ ଜୀବନ ନିର୍ବାହ ପାଇଁ ନିତାନ୍ତ ଆବଶ୍ୟକ । ସେହିପରି ଗଛଲତା, କୀଟପତଙ୍ଗ, ଅଣୁଜୀବ, ପ୍ରାଣୀ ଆଦି ଜୈବସମ୍ପଦ ବିବିଧତା ପୂର୍ଣ୍ଣ ହୋଇ ଆମ ଆଖପାଖରେ ଦେଖାଯାଆନ୍ତି । ଯଦି ଆମେ ପାଖ ଜଙ୍ଗଲକୁ ଯିବା ସେଠାରେ ଅଧିକ ସଂଖ୍ୟାରେ ଉଦ୍ଭିଦ ଓ ପ୍ରାଣୀ ଦେଖିବାକୁ ପାଇବା । କିନ୍ତୁ ଏମାନଙ୍କ ବିଷୟରେ ଜାଣିବା ପାଇଁ ଆମକୁ ଜୀବଜଗତର ଚିହ୍ନଟକରଣ, ଉନ୍ନତ ବର୍ଗୀକରଣ ଓ ନାମକରଣ ବିଷୟରେ ଜ୍ଞାନ ଆହରଣ କରିବା ଜରୁରୀ । ଆଜି ପର୍ଯ୍ୟନ୍ତ ୧.୭-୧.୮ ନିୟୁତ ଜାତି ବିଷୟରେ ବିଜ୍ଞାନ ବର୍ଣ୍ଣନା କରିପାରିଛି । ଏ ଯୁଗରେ ଜୈବବିବିଧତା ବିଷୟରେ ଜାଣିବା ଏକ ଉତ୍ସାହଜନକ ଓ ଆନନ୍ଦଦାୟକ ଅଭ୍ୟାସ କହିଲେ ଅତ୍ୟୁକ୍ତି ହେବନାହିଁ । ।

ପ୍ରଥମେ Aristotle, ଗ୍ରୀକ୍‌ର ଜଣେ ଦାର୍ଶନିକ ଜୀବମାନଙ୍କୁ ସେମାନଙ୍କର ବାହ୍ୟଗଠନ ଓ ଲୋହିତ ରକ୍ତ କଣିକା (Red-blood cell) ର ଉପଲବ୍ଧତା ଆଧାରରେ ଉଦ୍ଭିଦ ଓ ପ୍ରାଣୀମାନଙ୍କୁ ଶ୍ରେଣୀବିଭାଗ କରିଥିଲେ । ଉଦ୍ଭିଦ ଗୁଡ଼ିକୁ ଗୁଳ୍ମ (Herbs), ବୁଦା (Shrubs) ଓ ଗଛ (Trees) ରେ ବିଭକ୍ତ କରିଥିଲେ ଏବଂ ପ୍ରାଣୀମାନଙ୍କୁ ଶରୀରରେ ଲୋହିତ ରକ୍ତକଣିକା ଥିବା ପ୍ରାଣୀ ଓ ଉପଲବ୍ଧ ନ ଥିବା ପ୍ରାଣୀରେ ବିଭକ୍ତ କରିଥିଲେ । ଜୀବମାନଙ୍କର ଶ୍ରେଣୀବିଭାଗ ଏକ ଅବିରତ ପ୍ରକ୍ରିୟା ଏବଂ ଏହା ପରିବର୍ତ୍ତନଶୀଳ । R.H Whittaker, ଆମେରିକାର ଜଣେ ପରିବେଶ ବିଜ୍ଞାନୀ ୧୯୬୯ ମସିହାରେ ପଞ୍ଚଜଗତ ବିଶିଷ୍ଟ ଶ୍ରେଣୀ ବିଭାଗ ପ୍ରତିପାଦନ କରିଥିଲେ । ଯାହାକୁ ପଞ୍ଚଜଗତ ବର୍ଗୀକରଣ ପଦ୍ଧତି (Five kingdom classification) ବୋଲି କୁହାଯାଏ । ସେହି ପାଞ୍ଚ ପ୍ରକାରର ବର୍ଗ ଯଥାକ୍ରମେ –ମୋନେରା, ପ୍ରୋଟିଷ୍ଟା,

ଫଙ୍ଗାଇ, ପ୍ଲାଣ୍ଟି ଓ ଏନିମଲିଆ । ପ୍ରାଣୀଜଗତକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି, ଯଥା– ଅମେରୁଦଣ୍ଡୀ (Non-chordata) ଓ ମେରୁଦଣ୍ଡୀ (Chordata) । ସେହିପରି ପୁଣି ମେରୁଦଣ୍ଡୀ ବର୍ଗର ପ୍ରାଣୀମାନଙ୍କୁ ଭର୍ଟିବ୍ରାଟା (Vertebrata)ରେ ବିଭକ୍ତ କରାଯାଇଛି । Vertebrata ଉପବର୍ଗକୁ ଛଅଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ଯଥା– Cyclostomata, Pisces, Amphibia, Reptilia, Aves ଓ Mammalia । ସ୍ୱିଡେନର ସୁନାମ ଧନ୍ୟ ବୈଜ୍ଞାନିକ Carolus Linnaeus ଙ୍କୁ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଆଧୁନିକ ବୈଜ୍ଞାନିକ ନାମକରଣ ଓ ଶ୍ରେଣୀ ବିଭାଗ ପଦ୍ଧତିର ଜନକ ବୋଲି କୁହାଯାଏ । ଏହି ପଦ୍ଧତିକୁ ସେ ପ୍ରଥମେ "Systema naturae" ବହିରେ ଉପସ୍ଥାପନା କରିଥିଲେ । ତାଙ୍କ ଦ୍ୱାରା ଲିଖିତ ସମସ୍ତ ନିୟମ ଆର୍ନ୍ତଜାତୀୟ ଜୈବିକ ନାମକରଣ ନିୟମାବଳୀ (International code of Biological Nomenclature –ICBN) ଦ୍ୱାରା ଗୃହୀତ ହୋଇଛି । ଏହି ଅନୁଯାୟୀ ବୈଜ୍ଞାନିକ ନାମ ଦୁଇପଦ ବିଶିଷ୍ଟ ହୋଇଥାଏ । ପ୍ରଥମ ପଦଟି ପ୍ରଜାତି (Genus)କୁ ଓ ଦ୍ୱିତୀୟ ପଦଟି ଜାତି (Species) କୁ ବୁଝାଇଥାଏ । ଏହାକୁ ଇଟାଲୀୟ ହସ୍ତଲିପିରେ ଲେଖାଯାଏ କିମ୍ବା ରେଖାଙ୍କିତ (Underline) କରାଯାଏ । ଯେଉଁ ପଦ୍ଧତିରେ ନାମଟିକୁ ବ୍ୟବହାର କଲେ ସାରା ପୃଥିବୀରେ ଜାଣିପାରିବେ ସେହି ପଦ୍ଧତିକୁ ବୈଜ୍ଞାନିକ ନାମକରଣ କୁହାଯାଏ । ସେଥିପାଇଁ ପ୍ରତ୍ୟେକ ଜାତିର ବୈଜ୍ଞାନିକ ନାମକରଣ କରାଯାଇଛି । ଉଦାହରଣ:– ହାତୀର ବୈଜ୍ଞାନିକ ନାମ– *Elephas maximus* ଓ ମଣିଷର *Homo sapiens* ।

ସ୍ତନ୍ୟପାୟୀ ପ୍ରାଣୀ, ଜୀବଜଗତର ସବୁଠାରୁ ଅଧିକ ବିକଶିତ, ଗୁଣ ବା ପ୍ରତିଭା ବିଶିଷ୍ଟ ଶ୍ରେଣୀ । ସ୍ତନ୍ୟପାୟୀ ପ୍ରାଣୀମାନେ Mammalia ଶ୍ରେଣୀରେ ଅନ୍ତର୍ଭୁକ୍ତ । ମଣିଷ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ । Mammalia ଶବ୍ଦ ଲାଟିନ୍ ଭାଷାରୁ ଆସିଅଛି, ଯାହାର ମାନେ Mammae- ସ୍ତନ୍ୟଗ୍ରନ୍ଥୀକୁ ବୁଝାଏ । ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ବାଘର ଗାମ୍ଭୀର୍ଯ୍ୟପୂର୍ଣ୍ଣ ବ୍ୟବହାର, ବିଶାଳକାୟ ହାତୀର ଶରୀର ଓ ବୁଦ୍ଧି ଏବଂ ମଣିଷ ପରି ମୁହଁ ଆଖି ଥିବା ବାନର ଆମକୁ ଆମର ସୃଷ୍ଟି ବିଷୟରେ ଜ୍ଞାନ ଦେଇଥାଏ । ପରିବେଶରେ ଏମାନଙ୍କ ପରିସ୍ଥିତି ଆମକୁ ମୁଗ୍ଧ କରିବା ସହିତ ସେମାନଙ୍କ ବିଷୟରେ ଜାଣିବାପାଇଁ ଆଗ୍ରହୀ କରିଥାଏ । ଜୈବବିବିଧତାର ଶୋଭା ବର୍ଦ୍ଧନରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ସ୍ତନ୍ୟପାୟୀ ପ୍ରାଣୀଙ୍କର ଶରୀର ଉପରେ ବାଳ ବା ଲୋମ, ମାଈ ମାନଙ୍କର ସ୍ତନ୍ୟ ଗ୍ରନ୍ଥୀ, ସ୍ୱତନ୍ତ୍ର ଭାବରେ ମୁଣ୍ଡର ଗଠନ (Neocortex), ଶରୀର ଓ ମୁଣ୍ଡ ଆକାର ଅନୁପାତ ଅନ୍ୟ ଶ୍ରେଣୀର ପ୍ରାଣୀମାନଙ୍କ ଠାରୁ ଭିନ୍ନ କରିଥାଏ । ସେହିପରି ଦାନ୍ତର ବିନ୍ୟାସ ଯାହା ଜୀବନକାଳ ପାଇଁ ଥାଏ ଅବା ଥରେ ମାତ୍ର ଝରିପଡ଼ିଥାଏ । ମୁଣ୍ଡ ଭିତର ଖପୁରୀରେ ଦୁଇଟି ଗୋବପରି (Knobs) ଥାଏ, ଯାହାକୁ Occipital Condyles କୁହାଯାଏ । ଏହିସବୁ ଗୁଣ ଅନ୍ୟ ଶ୍ରେଣୀଠାରୁ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ସ୍ୱତନ୍ତ୍ର ଭାବେ ପୃଥକ କରିଥାଏ ।

ଭୂପ୍ରକୃତି ଅନୁସାରେ ଓଡ଼ିଶାକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଛି । ଯଥା: (୧) ଛୋଟନାଗପୁର ଓ ପୂର୍ବ ଉଚ୍ଚଭୂମି, (୨) ଗାଙ୍ଗେୟ ସମତଳ ଅଞ୍ଚଳ (୩) ପୂର୍ବତଟ । ଏହାର କ୍ଷେତ୍ରଫଳ ୧,୫୫,୭୦୭ ବର୍ଗ କି.ମି । ଆମ ରାଜ୍ୟରେ ୪୮୦ କି.ମି ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଅଛି । ଓଡ଼ିଶାର ପୂର୍ବରେ ବଙ୍ଗୋପସାଗର, ଉତ୍ତରରେ ପଶ୍ଚିମବଙ୍ଗ, ଉତ୍ତର ପୂର୍ବରେ ଝାଡ଼ଖଣ୍ଡ, ଦକ୍ଷିଣ ପଶ୍ଚିମରେ ଛତିଶଗଡ଼ ଏବଂ

ଦକ୍ଷିଣରେ ଆନ୍ଧ୍ରପ୍ରଦେଶ ଏହାର ସୀମା ନିର୍ଦ୍ଧାରଣ କରେ। ରିମୋଟ ସେନ୍ସିଂ କୌଶଳ ବ୍ୟବହାର କରି ଭାରତର ବନ ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ଜଙ୍ଗଲ ଆବରଣ ୬୧,୨୦୪ ବର୍ଗ କି.ମି ଅଟେ, ଯେଉଁଥିରୁ ୭,୨୧୩ ବର୍ଗ କି.ମି ଅତ୍ୟନ୍ତ ଘନ ଜଙ୍ଗଲ ଅଟେ ଓ ମଧ୍ୟମ ଘନ ଜଙ୍ଗଲ ୨୦,୯୯୪ବର୍ଗ କି.ମିରୁ ଅଧିକ। ରାଜ୍ୟରେ ଜଙ୍ଗଲ ଆବରଣ ମୋଟ୍ ଭୌଗୋଳିକ କ୍ଷେତ୍ରର ୩୩.୫୦% ଅଟେ।

ସେହିପରି ସାରା ପୃଥିବୀରେ ୫,୪୮୭ଟି ସ୍ତନ୍ୟପାୟୀ ପ୍ରାଣୀ (IUCN, 2008 ଅନୁଯାୟୀ)ଦେଖାଯାଆନ୍ତି। ଏମାନେ ବିଭିନ୍ନ ପ୍ରକାର ବାସସ୍ଥାନରେ ବିସ୍ତାର ହୋଇଅଛନ୍ତି। ଆମ ଭାରତ ବର୍ଷରେ ୪୫୦ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀ (Zooogical Survey of India ଅନୁଯାୟୀ) ଦେଖାଯାଆନ୍ତି। ଏମାନଙ୍କ ମଧ୍ୟରୁ ମହାବଳ ବାଘକୁ ଆମ ଦେଶର ଜାତୀୟ ପଶୁ ବୋଲି ବିବେଚନା କରାଯାଏ। ସେହିପରି ହାତୀକୁ ଜାତୀୟ ଐତିହ୍ୟ ପ୍ରାଣୀ ଓ ଗାଙ୍ଗେୟ ନଦୀ ଡଲଫିନ୍ (Gangetic River Dolphin)କୁ ଜାତୀୟ ଜଳଚର ସ୍ତନ୍ୟପାୟୀ ପ୍ରାଣୀ ଭାବେ ବିବେଚନା କରାଯାଏ। ଆମ ଭାରତରେ ପୃଥିବୀର ୬୫ ଶତକଡ଼ା ବାଘ ଓ ଏସୀୟ ହାତୀ ଏବଂ ୮୫ ଶତକଡ଼ା ଗୋଟିଏ ଶିଙ୍ଘ ଗେଣ୍ଡା ଦେଖାଯାଆନ୍ତି। ଭାରତ ଗୋଟିଏ ଦେଶ ଯେଉଁଠାରେ ଏସୀୟ ସିଂହ ଦେଖାଯାଆନ୍ତି। ତାହାଛଡ଼ା ଶିଙ୍ଘ ଥିବା ତୃଣଭୋଜୀ ହରିଣ, ୧୫ ଜାତିର ବିରାଡ଼ି, ୧୧ ପ୍ରକାରର ଜଙ୍ଗଲୀ ଛେଳି ଓ ମେଣ୍ଢା, ୨୨ ପ୍ରକାରର ବାନର, ୧୨୩ ପ୍ରକାରର ବାଦୁଡ଼ି, ୧୦୩ ପ୍ରକାରର ମୂଷା, ୨୫- ୨୯ ସାମୁଦ୍ରିକ ପ୍ରାଣୀ ଆଦି ଦୃଶ୍ୟମାନ ହୋଇଥାନ୍ତି।

ଓଡ଼ିଶାରେ ୧୧୪ ପ୍ରକାରର ଉଭୟ ଗୃହପାଳିତ ଓ ଜଙ୍ଗଲୀ ସ୍ତନ୍ୟପାୟୀ ପ୍ରାଣୀ ଦେଖାଯାଆନ୍ତି। ଏମାନଙ୍କ ମଧ୍ୟରେ ୩ ପ୍ରକାରର ବାନର, ୯ ପ୍ରକାରର ତୃଣଭୋଜୀ, ମାଂସାଶୀ ସ୍ତନ୍ୟପାୟୀ ଭିତରେ ୬ ବିରାଡ଼ି ପ୍ରଜାତି ଓ ୫ କୁକୁର ପ୍ରଜାତି, ୨୫ ପ୍ରକାରର ବାଦୁଡ଼ି, ୧୯ ପ୍ରକାରର ମୂଷା ଓ ଚୁଚୁନ୍ଦ୍ରା, ୧୮ ପ୍ରକାରର ସାମୁଦ୍ରିକ ପ୍ରାଣୀ ଆଦି ଅନ୍ୟତମ। ସେହିପରି ୧୧ଟି ଗୃହପାଳିତ ସ୍ତନ୍ୟପାୟୀ ପ୍ରାଣୀ ଦେଖାଯାଆନ୍ତି। ଗାଇ, ଛେଳି, ମେଣ୍ଢା, ମଇଁଷି ଆଦି ଗ୍ରାମାଞ୍ଚଳରେ ଗୃହପାଳିତ ପଶୁଭାବେ ଜଣାଶୁଣା ସେହିପରି କିଛି ମୂଷା, ନେଉଳ, ବିଲୁଆ, କଟାସ ଆଦି ଘର ପାଖ ବଣ, ବୁଦା, ପୋଖରୀ, ଗଛ ଆଦିରେ ରହିଥାନ୍ତି। ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀମାନେ ଓଡ଼ିଶାର ଶିମିଳିପାଳ, ସାତକୋଶିଆ, ମହେନ୍ଦ୍ରଗିରି, ସୁନାବେଡ଼ା, କୁଳଡ଼ିହା ଆଦି ଘଞ୍ଚ ଜଙ୍ଗଲରେ ବାସ କରିଥାନ୍ତି।

ସ୍ତନ୍ୟପାୟୀ ପ୍ରାଣୀମାନେ ସର୍ବପ୍ରଥମେ ସ୍ଥଳଭାଗରେ ଦେଖାଯାଉଥିଲେ। ତା'ପରେ କିଛି ଜାତି ପରିବର୍ତ୍ତନ ପ୍ରକ୍ରିୟାରେ ଜଳଭାଗକୁ ମଧ୍ୟ ନିଜର ବାସସ୍ଥାନ ରୂପେ ବରଣ କଲେ। କିଛି ଜଳଚର ସ୍ତନ୍ୟପାୟୀ ଫୁସ୍‌ଫୁସ୍ ଦ୍ୱାରା ଶ୍ୱାସକ୍ରିୟା କରିଥାନ୍ତି। ସ୍ତନ୍ୟପାୟୀ ପ୍ରାଣୀମାନେ Triassic Period (୨୫୨ ରୁ ୨୦୧ନିୟୁତ ବର୍ଷ ପୂର୍ବରୁ) ର ସରୀସୃପ ବର୍ଗ (Therapsida) ରୁ ସୃଷ୍ଟି ହୋଇଥିଲେ। ଏହା Synapsida ଶ୍ରେଣୀର ଏକ ଉପବର୍ଗ। Platypus ପରି ସ୍ତନ୍ୟପାୟୀ ପ୍ରାଣୀର ସରୀସୃପ ଶ୍ରେଣୀ ସହ ବହୁତ ସାମଞ୍ଜସ୍ୟ ଅଛି।

## ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ସାଧାରଣ ବିଶେଷତ୍ୱ

**(General Characteristics of Mammals)**

ପ୍ରାଣୀଜଗତରେ ସ୍ୱାଭାବିକ ପ୍ରକ୍ରିୟାରେ ସମୟାନୁକ୍ରମେ ଅଧିକ ବିକଶିତ ହୋଇଥିବା ଶ୍ରେଣୀ ହେଉଛନ୍ତି ସ୍ତନ୍ୟପାୟୀ ପ୍ରାଣୀ । ଏମାନେ ମେରୁଦଣ୍ଡୀ ପ୍ରାଣୀ ହୋଇଥିବାବେଳେ କିଛି ସ୍ୱତନ୍ତ୍ର ଲକ୍ଷଣ ଏମାନଙ୍କୁ ଅନ୍ୟ ପ୍ରାଣୀମାନଙ୍କଠାରୁ ଭିନ୍ନ କରିଥାଏ । ନିମ୍ନରେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର କିଛି ସାଧାରଣ ବିଶେଷତ୍ୱ ଦିଆଯାଇଛି ।

- ସ୍ତନ୍ୟପାୟୀ ପ୍ରାଣୀମାନେ ଶାବକ ଜନ୍ମ କରିଥାନ୍ତି ଓ ଏମାନଙ୍କ ଶରୀରରେ ଉଷ୍ଣ ରକ୍ତ (Warm-blood) ପ୍ରବାହିତ ହୋଇଥାଏ ।
- ଛୁଆମାନଙ୍କୁ କ୍ଷୀର ପିଆଇବା ପାଇଁ ମାଈ ସ୍ତନ୍ୟପାୟୀ ପ୍ରାଣୀ ଶରୀରରେ ସ୍ତନ୍ୟ ଗ୍ରନ୍ଥି (Mammary gland) ଥାଏ ।
- ପରିବେଶ ସହିତ ଖାପଖୁଆଇ ଚଳିବା ପାଇଁ ଶରୀର ଲୋମଶଯୁକ୍ତ ହୋଇଥାଏ । କେତେକ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ବାହ୍ୟ ଆବରଣରେ କାତି ଓ କଣ୍ଟା, ପାଦରେ ନଖ ଓ ଖୁରା, ମୁଣ୍ଡରେ ଶିଙ୍ଘ ଇତ୍ୟାଦି ଥାଏ ।
- ଉଭୟ ମାଈ ଓ ଅଣ୍ଡିରା ମାନଙ୍କର ଚର୍ମ ଉପରେ ମୋଟା ଚର୍ବିଳ ଗ୍ରନ୍ଥି (Sebaceous gland) ଏବଂ କେତେକଙ୍କ ଝାଳ ଗ୍ରନ୍ଥି (Sweat gland) ଓ ଗନ୍ଧ ଗ୍ରନ୍ଥି (Scent gland) ଇତ୍ୟାଦି ଥାଏ ।
- ଏମାନଙ୍କର ଦାନ୍ତବିନ୍ୟାସ (Dentition) ସାରା ଜୀବନ ପାଇଁ ଥାଏ ଅବା ଥରେ ଝଡ଼ି ପଡ଼ିଥାଏ ।
- ବିଭିନ୍ନ ପ୍ରକାରର ଦାନ୍ତ (Heterodont) ଥାଏ ଓ ମୁଣ୍ଡରେ ଦୁଇ ପ୍ରକାରର ହାଡ଼ ଥାଏ ।
- ତଳ ମାଢ଼ି ଗୋଟିଏ ହାଡ଼ରେ ଗଠନ ହୋଇଥାଏ ।
- ଶରୀରର ଗଣ୍ଡି (Trunk) ଦୁଇଟି ଭାଗରେ ବିଭକ୍ତ ଯଥା: ବକ୍ଷଦେଶ (Thorax) ଓ ଉଦର (Abdomen) ହୋଇଥାଏ ।
- ଫୁସ୍‌ଫୁସ୍ ମାଧ୍ୟମରେ ଶ୍ୱାସକ୍ରିୟା କରିଥାନ୍ତି ।
- କାନ ଭିତରେ ତିନୋଟି ହାଡ଼ ଯଥା–Malleus, Incus ଓ Stapes ଥାଇ ଭଲ ଶ୍ରବଣ ଶକ୍ତି ଥାଏ ।
- ହୃତପିଣ୍ଡ ଚାରିକୋଠରି ବିଶିଷ୍ଟ, ଦୁଇଟି ଅଳିନ୍ଦ (Auricles) ଓ ଦୁଇଟି ନିଳୟ (Ventricles) ଥାଏ ।
- ଶରୀରରେ ଦ୍ୱୈତ ରକ୍ତ ସଞ୍ଚାଳନ (Double blood circulation) ଦେଖାଯାଇଥାଏ ।
- ରେଚନ ଅଙ୍ଗ ବୃକ୍କ (Kidney) ଓ ରେଚନ ପଦାର୍ଥ ୟୁରିନ୍ (Urine) ମୂତ୍ର ସହ ଶରୀରରୁ ବାହାରିଥାଏ ।

- ମୁଣ୍ଡରେ ବିକଶିତ ଅଗ୍ରମସ୍ତିଷ୍କ (Cerebrum), ଅନୁମସ୍ତିଷ୍କ (Cerebellum) ଓ ସୁଷୁମ୍ନା ଶୀର୍ଷକ (Medulla oblongata) ଥାଏ ।
- ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ୧୨ ଯୋଡ଼ା କରୋଟି ସ୍ନାୟୁ (Cranial nerve) ଥାଏ ।
- ଅଣ୍ଡିରା ଓ ମାଈ ଯୁଗ୍ମକ ଗୁଡ଼ିକର ସମାୟନ (Fertilization) ଶରୀରର ଆଭ୍ୟନ୍ତରୀଣ ହୋଇଥାଏ ।
- ଭ୍ରୂଣବନ୍ଧ ବା ପ୍ଲାସେଣ୍ଟା (Placenta) ଜରିଆରେ ଗର୍ଭାଶୟ ସହିତ ଭ୍ରୂଣ ପୋଷଣ ଓ ଶ୍ୱାସକ୍ରିୟା ପାଇଁ ଏକ ଜୈବିକ ସମ୍ବନ୍ଧ ସ୍ଥାପନ କରେ ।
- ଶାବକମାନଙ୍କ ପ୍ରତି ପୈତୃକ ଯତ୍ନ (Parental care)  ଥାଏ ।
- ସ୍ତନ୍ୟପାୟୀ ପ୍ରାଣୀଙ୍କର ଅନ୍ୟ ବର୍ଗର ପ୍ରାଣୀମାନଙ୍କଠାରୁ ଅଧିକ ବୁଦ୍ଧି ଥାଏ ।




## ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଙ୍କର ଶ୍ରେଣୀବିଭାଗ

**(Classification of Mammals)**

ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ବିଜ୍ଞାନରେ ସମ୍ପୂର୍ଣ୍ଣରୂପେ ବର୍ଣ୍ଣନା ଓ ବିଭକ୍ତ କରାଯାଇଛି । ସାରା ପୃଥିବୀରେ ୫,୪୮୭ଟି ସ୍ତନ୍ୟପାୟୀ ଜାତି ଅଛନ୍ତି । ନିକଟ ଅତୀତରେ ୯୬ଟି ଜାତି ବିଲୁପ୍ତ ହୋଇଗଲେଣି । ପ୍ରଜନନକୁ ଆଧାର କରି ପ୍ରଥମେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ତିନୋଟି ଗୋଷ୍ଠୀରେ ବିଭକ୍ତ କରାଯାଇଛି । ଯଥା-

- ଅଣ୍ଡା ଦେଉଥିବା ସ୍ତନ୍ୟପାୟୀ (Monotremes)
- ଥଳିରେ ଶାବକମାନଙ୍କୁ ପାଳୁଥିବା ସ୍ତନ୍ୟପାୟୀ (Marsupials)
- ଗର୍ଭାଶୟରେ ଭ୍ରୁଣକୁ ଧାରଣ କରି ଜନ୍ମ ଦେଉଥିବା ସ୍ତନ୍ୟପାୟୀ (Placentals)

### **ଅଣ୍ଡା ଦେଉଥିବା ସ୍ତନ୍ୟପାୟୀ** (Monotremes)

ଏହି ବର୍ଗର ପ୍ରାଣୀମାନେ ସ୍ଥଳଚର ଓ ଅର୍ଦ୍ଧଜଳଚର ହୋଇଥାନ୍ତି । ସ୍ତନ୍ୟପାୟୀ ଜୀବ ହୋଇଥିଲେ ମଧ୍ୟ ସରୀସୃପ ଶ୍ରେଣୀ ଭଳି ଅଣ୍ଡାଦାନ କରିଥାନ୍ତି । ସରୀସୃପ ଶ୍ରେଣୀ ଭଳି ଶରୀରର ତାପମାତ୍ରା ସ୍ଥିର ନଥାଏ । ଏହି ପ୍ରାଣୀମାନେ ନିର୍ଦ୍ଦିଷ୍ଟ କିଛି ଦେଶରେ ଦେଖାଯାଆନ୍ତି । ଯେପରିକି Platypus ପୂର୍ବ ଅଷ୍ଟ୍ରେଲିଆରେ ଅଧିକ ଦେଖାଯାଇଥାନ୍ତି । ଏହାର ବତକ ପରି ମୁହଁ, ମୂଷା (Beaver) ପରି ଲାଞ୍ଜ ଓ ଓଧ ( Otter) ପରି ଜାଲ ପାଦ ଥାଏ । ଏହି ବର୍ଗରେ Echidnas ଭଳି ପ୍ରାଣୀମାନେ ମଧ୍ୟ ଅନ୍ତର୍ଭୁକ୍ତ । ଏମାନଙ୍କର ଶରୀର ଉପରେ କଣ୍ଟା (Spine) ଥାଏ । ଏହା ମଧ୍ୟ ଅଷ୍ଟ୍ରେଲିଆରେ ଦେଖାଯାଆନ୍ତି । ମାଟିରେ ଗାତ କରି ରହିଥାନ୍ତି ଓ ଛୋଟ ଅମେରୁଦଣ୍ଡୀ ପ୍ରାଣୀ, ମାଛ, ବେଙ୍ଗ ଓ କୀଟପତଙ୍ଗ ଖାଇଥାନ୍ତି ।



ଏକିଡ୍‌ନା



ଡକ୍ ବିଲ ପ୍ଲାଟିପସ୍

## ଥଳିରେ ଶାବକମାନଙ୍କୁ ପାଳୁଥିବା ସ୍ତନ୍ୟପାୟୀ (Marsupials)

ଏହି ବର୍ଗର ଅଧିକାଂଶ ପଶୁମାନଙ୍କର ପେଟରେ ଛୋଟ ଥଳି ଥାଏ, ଯାହାକୁ ଇଂରାଜୀରେ 'Marsupium' ବୋଲି କୁହାଯାଏ। ଏମାନେ ଅବିକଶିତ ଶାବକମାନଙ୍କୁ ସେହି ଥଳିରେ ରଖି ଲାଳନ ପାଳନ କରିଥାନ୍ତି। କିଛି ସପ୍ତାହ ଅବା ମାସ ସେହି ଥଳିରେ ରହିଲା ପରେ ପରିପକ୍ୱ ହୋଇଥାନ୍ତି। ପୃଥିବୀରେ ଏମାନଙ୍କର ସଂଖ୍ୟା ୩୩୦ ରୁ ଅଧିକ। ଉଦାହରଣ:- କଙ୍ଗାରୁ, କୋଆଲା, Wombats ଇତ୍ୟାଦି ଅଷ୍ଟ୍ରେଲିଆ ଓ ନ୍ୟୁ-ଗିନି ଦେଶରେ ଦେଖାଯାଉଥିଲାବେଳେ, Opossums ଆଦି ଆମେରିକାରେ ଦେଖାଯାଆନ୍ତି। ଏମାନେ ସ୍ଥଳ ଭାଗରେ, ଜଳ ଭାଗରେ, ଜଙ୍ଗଲରେ ଓ ମାଟିରେ ଗାତ ଖୋଳି ମଧ୍ୟ ରହିଥାନ୍ତି। ଅଧିକାଂଶ ପ୍ରାଣୀ ତୃଣଭୋଜୀ ହୋଇଥାନ୍ତି ଏବଂ କିଛି କୀଟପତଙ୍ଗ ଓ ଫୁଲର ମଧୁ ମଧ୍ୟ ଖାଇ ବଞ୍ଚିଥାନ୍ତି।



କୋଆଲା

କଙ୍ଗାରୁ

## ଗର୍ଭାଶୟରେ ଭ୍ରୂଣକୁ ଧାରଣ କରି ଜନ୍ମ ଦେଉଥିବା ସ୍ତନ୍ୟପାୟୀ (Placentals)

ଏହି ବର୍ଗର ପ୍ରାଣୀମାନେ ଗର୍ଭାଶୟରେ ଭ୍ରୂଣକୁ ଧାରଣ କରିଥାନ୍ତି । ଭ୍ରୂଣବନ୍ଧ (Placenta), ମାଆ ଓ ଗର୍ଭସ୍ଥ ଶିଶୁ ବା ଶାବକ ଥିବା ଏକ ଜୈବ ସଂଯୋଗ, ଯାହା ଏହି ବର୍ଗର ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ଶରୀରରେ ଥାଏ । ଭ୍ରୂଣବନ୍ଧ ମାଧ୍ୟମରେ ଭ୍ରୂଣକୁ ଖାଦ୍ୟ ଓ ଆବଶ୍ୟକୀୟ ତରଳ ପଦାର୍ଥ ଯିବା ଆସିବା କରିଥାଏ । ୫,୦୦୦ରୁ ଅଧିକ ଜାତିର ସ୍ତନ୍ୟପାୟୀ ପ୍ରାଣୀ ଏହି ବର୍ଗରେ ଦେଖାଯାଆନ୍ତି । ବିଭିନ୍ନ ପ୍ରକାର ବାସସ୍ଥାନରେ ଏମାନଙ୍କୁ ଦେଖିବାକୁ ମିଳେ । ଏମାନଙ୍କର ଶ୍ୱାସକ୍ରିୟା,ରକ୍ତସଞ୍ଚାଳନ ଓ ରେଚନ ତନ୍ତ୍ର ବେଶ ଉନ୍ନତ ଧରଣର । ଉଦାହରଣ: ଗାଈ, ଛେଳି, କୁକୁର, ବିଲେଇ, ଘୋଡ଼ା, ହାତୀ, ବାଘ, ହରିଣ, ମୂଷା, ବାଦୁଡ଼ି, ତିମି, ମାଙ୍କଡ଼ ଓ ମନୁଷ୍ୟ ଇତ୍ୟାଦି ।



ଗାଈ



ହାତୀ

## ସ୍ତନ୍ୟପାୟୀ ପ୍ରାଣୀଙ୍କ ବର୍ଗୀକରଣ (Mammal Groups)

ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ସହଜରେ ଜାଣିବା ପାଇଁ ସେମାନଙ୍କର ମଧ୍ୟ ବର୍ଗୀକରଣ କରାଯାଇଛି । ଗୋଟିଏ ଗୋଟିଏ ବାସସ୍ଥାନରେ ଭିନ୍ନ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀ ରହିଥାନ୍ତି । ସେମାନଙ୍କର ଶରୀରର ଗଠନ, ଖାଦ୍ୟ ଓ ଚଳପ୍ରଚଳ ଆଦି ମଧ୍ୟ ଭିନ୍ନ ହୋଇଥାଏ । ଶ୍ରେଣୀବିଭାଗ ଦ୍ୱାରା ବିଭିନ୍ନ ଜୀବକୁ ଚିହ୍ନିବା ସହଜ ହୁଏ, ଜୈବବିବିଧତା ସମ୍ବନ୍ଧରେ ଅଧିକ ତଥ୍ୟ ମିଳେ, ଜୀବମାନଙ୍କ ମଧ୍ୟରେ ଥିବା ପରସ୍ପର ସମ୍ବନ୍ଧ ବିଷୟରେ ଜାଣିହୁଏ ଏବଂ ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ଜୀବମାନଙ୍କର ବିସ୍ତାର ବିଷୟରେ ଜ୍ଞାନ ମିଳିଥାଏ । ଶ୍ରେଣୀ ବିଭାଗରେ 'ଜାତି' (Species) କୁ ଏକକ ଭାବରେ ଗ୍ରହଣ କରାଯାଏ । ଏକ ବା ଏକାଧିକ ଜାତିକୁ ନେଇ ଗୋଟିଏ 'ପ୍ରଜାତି' (Genus) ଗଠିତ ହୋଇଥାଏ । ଉଦାହରଣ ସ୍ୱରୂପ ସିଂହ, ବାଘ, କଲରାପତରିଆ ବାଘ ଓ ବିରାଡ଼ି ଏ ସମସ୍ତ ବିରାଡ଼ି ବଂଶର (Family) ଏବଂ ଫେଲିସ୍ (Felis) ପ୍ରଜାତିର ଅନ୍ତର୍ଭୁକ୍ତ ।

ଯେମିତିକି ସେମାନଙ୍କର ବୈଜ୍ଞାନିକ ନାମ ଯଥାକ୍ରମେ ସିଂହ *(Panthera leo)*, ବାଘ *(Panthera tigris)*, କଲରାପତରିଆ ବାଘ *(Panthera pardus)* ଓ ଭୂଆଁ ବିଲେଇ *(Felis chaus)* ହୋଇଥାଏ । ନିମ୍ନରେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ବର୍ଗୀକରଣ କରାଯାଇଛି ।



## ବାନର ସମୂହ (Primates)

ଏହି ସ୍ତନ୍ୟପାୟୀ ପ୍ରାଣୀମାନେ Primate ବର୍ଗର ଅନ୍ତର୍ଭୁକ୍ତ । ସମୟର ବିବର୍ତ୍ତନ ପ୍ରକ୍ରିୟାରେ ମଣିଷ ଜାତି ଏହି ବର୍ଗରୁ ହିଁ ଆସିଅଛି । ଏମାନଙ୍କର ଆଖି ବାହାରକୁ ଥାଏ, ଆଖି ଚାରିପଟେ ହାଡ଼ ଥାଏ, ମୁହଁ ମୁଣ୍ଡର ଆଗକୁ ବାହାରିଥାଏ, ବଡ଼ ଆଙ୍ଗୁଳି ସହିତ ଆଙ୍ଗୁଳିରେ ନଖ ଥାଏ । ସିଧା ଛିଡ଼ା ହେବା, ଗଛ ଡ଼ାଳରେ ଡେଇଁବା ଆଦି କାର୍ଯ୍ୟ ଭଲ ଭାବରେ ଏମାନେ କରିପାରନ୍ତି । ଏମାନେ ଉଭୟ ପ୍ରାଣୀଜ ଓ ଉଦ୍ଭିଦଜାତ ଖାଦ୍ୟ ଖାଇଥାନ୍ତି । ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ହାତ ପଞ୍ଝା ପରି ଥିଲାବେଳେ ଏମାନଙ୍କର ହାତ ପାପୁଲି ଥାଏ ଓ ନଖ ଚେପଟା ହୋଇଥାଏ । ପୃଥିବୀରେ Primate ବର୍ଗରେ ୫୦୦ ରୁ ଅଧିକ ଜାତି ଦେଖାଯାଆନ୍ତି । ଆମ ଓଡ଼ିଶାରେ ୩ ପ୍ରକାରର ମାଙ୍କଡ଼ ଜାତି ଦେଖାଯାଆନ୍ତି । ଯଥା-ହନୁମାଙ୍କଡ଼ (Hanuman Langur), ପାତି ମାଙ୍କଡ଼ (Rhesus macaque) ଓ  ଜାତି ମାଙ୍କଡ଼ (Bonnet macaque) | ଏହି ବର୍ଗରେ ଅନ୍ୟ ପ୍ରଜାତି ଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ । ଉଦାହରଣ:- Lemurs, Lorises, Tarsiers, Monkeys, Apes and ମଣିଷ (Human) ଇତ୍ୟାଦି ।





ହନୁମାଙ୍କଡ

## ହାତୀ ପ୍ରଜାତି (Elephants)

ସ୍ଥଳଚର ଜୀବମାନଙ୍କ ମଧ୍ୟରେ ହାତୀ ସବୁଠାରୁ ବଡ଼ ପ୍ରାଣୀ । ଏମାନଙ୍କର ଚର୍ମ କୁଂଚିତ, ଧୂସର ରଙ୍ଗର ହୋଇଥିଲାବେଳେ ଦୁଇଟି ବଡ଼ ଦାନ୍ତ (Tusk), ଲମ୍ବା ଶୁଣ୍ଢର ଦୁଇ ପାର୍ଶ୍ୱରେ ରହିଥାଏ । ସ୍ତମ୍ଭାକୃତି ଗୋଡ଼ ଶରୀରର ଓଜନ ସମ୍ଭାଳିଥାଏ । ହାତୀମାନଙ୍କର ବଡ଼ କାନ, ମଧ୍ୟମ ଆକରର ଲାଞ୍ଜ, ଓ ଲାଞ୍ଜର ଶେଷ ଆଡ଼କୁ ଗୁଚ୍ଛ-ଚୁଟି ଦେଖାଯାଏ । ଆଫ୍ରିକା ଓ ଏସିଆ ମହାଦେଶରେ ୨ଟି ହାତୀମାନଙ୍କର ଜାତ ଦେଖାଯାଏ । ଏମାନେ ଜଙ୍ଗଲରେ ଉଦ୍ଭିଦଜାତ ପଦାର୍ଥ ଖାଇ ବଞ୍ଚିଥାନ୍ତି । ଆମ ଓଡ଼ିଶାରେ ଏସୀୟ ହାତୀ ଦେଖାଯାଆନ୍ତି । ଉଦାହରଣ:-ଏସୀୟ ହାତୀ ଓ ଆଫ୍ରିକୀୟ ହାତୀ ।



**ଏସୀୟ ହାତୀ**

## ଅଯୁଗ୍ମ ଖୁରା ବିଶିଷ୍ଟ ସ୍ତନ୍ୟପାୟୀ (Odd-toed hoofed mammals)

ଏହି ସ୍ତନ୍ୟପାୟୀ ପ୍ରାଣୀମାନେ Perissodactyla ବର୍ଗର ଅନ୍ତର୍ଭୁକ୍ତ । ପାଦରେ ଅଯୁଗ୍ମ ଖୁରା ଥାଏ । ଏମାନେ ଜୋର୍‌ରେ ଦୌଡ଼ିପାରନ୍ତି । ପାଟିର ପେଶଣୀ ଦାନ୍ତ (Molar teeth) ଉନ୍ନତମାନର ହୋଇଥାଏ । କେତେକ ଜାତିର ପଶୁମାନଙ୍କର ଲୋମ ମୋଟା ଓ ଚୁଟିଯୁକ୍ତ ହୋଇଥାଏ । ଗୋଡ଼ ଲମ୍ବା ଓ ଶରୀର ଦୌଡ଼ିବା ପାଇଁ ଉପଯୁକ୍ତ ହୋଇଥାଏ । ଗଣ୍ଡା (Rhino) ଭଳି ପ୍ରାଣୀର ଗୋଟିଏ ଅବା ଦୁଇଟି ତୀକ୍ଷ୍ଣ ମୁନିଆ ଶିଙ୍ଘ ଥାଏ । ଏମାନେ ଛୋଟ ଘାସ, ଗଛ ଡାଳ, ପତ୍ର ଆଦି ଖାଇଥାନ୍ତି । ଏମାନେ ଶାକାହାରୀ ହୋଇଥାନ୍ତି । ଏହି ସ୍ତନ୍ୟପାୟୀ ପ୍ରାଣୀମାନେ ତୃଣଭୂମି ଅଞ୍ଚଳ, ଜଙ୍ଗଲ ଆଦି ସ୍ଥାନରେ ଦେଖାଯାଆନ୍ତି । ଉଦାହରଣ :- ଘୋଡ଼ା, ଗଧ, ଜେବ୍ରା, ଗଣ୍ଡା ଇତ୍ୟାଦି ।



ଘୋଡ଼ା



ଜେବ୍ରା

## ଯୁଗ୍ମ ଖୁରା ବିଶିଷ୍ଟ ସ୍ତନ୍ୟପାୟୀ (Even-toed hoofed mammals)

### ହରିଣ ପ୍ରଜାତି ସମୂହ (Cervids)

ଏହି ବର୍ଗର ହରିଣ ମାନଙ୍କର ହୃଷ୍ଟପୃଷ୍ଟ ଶରୀର, ଛୋଟ ଲାଞ୍ଜ ଏବଂ ଲମ୍ବା ଓ ସରୁ କାନ ଥାଏ । ମୁଣ୍ଡ ଉପରେ ଶାଖା ଶିଙ୍ଗ ଥାଏ । ଅଣ୍ଡିରା ହରିଣ ମାନଙ୍କରେ ଶିଙ୍ଗ ଦେଖାଯାଇଥାଏ, ଯାହା ପ୍ରତିବର୍ଷ ଝରିପଡ଼େ ଓ ପୁଣି ନୂଆ ବାହାରିଥାଏ । ଏମାନଙ୍କୁ Antler କୁହାଯାଏ । ପାଦରେ ଦୁଇଯୋଡ଼ା ଯୁଗ୍ମ ଆଙ୍ଗୁଳି ବା ଖୁରା ଥାଏ ବୋଲି ଏମାନଙ୍କୁ Artiodactyla ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଏ । ଏମାନେ ସାଧାରଣତଃ ଜଙ୍ଗଲରେ ଦେଖିବାକୁ ମିଳନ୍ତି ଏବଂ କଅଁଳ ଘାସ, କାଣ୍ଡ, ଗଛ ଛାଲି ଆଦି ଖାଇ ବଞ୍ଚିଥାନ୍ତି ଏବଂ କେବେକେବେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ପାଖ ଗ୍ରାମ ମଧ୍ୟକୁ ପଶି ଆସିଥାନ୍ତି । ଉଦାହରଣ : ହରିଣ, ସମ୍ବର, କୁଟୁରା ଇତ୍ୟାଦି ।

**ତୁମେ ଜାଣିଛ କି ?** କେବଳ Chinese water deer ରେ ଶାଖା ଶିଙ୍ଗ ନ ଥାଏ । କିନ୍ତୁ ଏହି ପ୍ରଜାତିର ଦାନ୍ତ ମାଢ଼ିରେ ଶ୍ୱାନ ଦାନ୍ତ (Canine) ଥାଏ ।




ହରିଣ




ସମ୍ବର

## ଏଣ୍ଟିଲୋପ ପ୍ରଜାତି ସମୂହ (Antelopes & Bovids)

ଏହି ବର୍ଗର ପ୍ରାଣୀମାନଙ୍କର ହୃଷ୍ଟପୃଷ୍ଟ ଶରୀର, ଲମ୍ବା ଲାଞ୍ଜ ଏବଂ ମୁଣ୍ଡ ଉପରେ ଉଭୟ ଅଣ୍ଡିରା ଓ ମାଈଙ୍କର ଶିଙ୍ଗ ଥାଏ । ଏହି ଶିଙ୍ଗ କେବେ ଝଡ଼ି ପଡ଼ି ନଥାଏ ଓ ଭିତରେ ରକ୍ତ, ମାଂସ ସହ ହାଡ଼ ମଧ୍ଧ ଥାଏ । ଏମାନଙ୍କୁ Artiodactyla ମଧ୍ଧ କୁହାଯାଏ । ଏମାନେ ଜଙ୍ଗଲରେ ବାସ କରିବା ସହିତ କିଛି ଜାତି ଘରେ ଗୃହପାଳିତ ପଶୁ ଭାବେ ରହିଥାନ୍ତି । ଏହି ସ୍ତନ୍ୟପାୟୀ ପ୍ରାଣୀମାନେ ଘାସ ସହ ଗଛର ପତ୍ର ଓ ଡାଳ ଆଦି ଖାଇଥାନ୍ତି ।ଏମାନଙ୍କର ଶିଙ୍ଗ ଛୋଟ, ସିଧା, କୁଣ୍ଡଳାକାର, ବକ୍ର ଅବା ମୁନିଆ ଏବଂ  ଜାତିରୁ ଜାତି ଅଲଗା ହୋଇଥାଏ ।

ଉଦାହରଣ :- ନୀଳଗାଈ, ଛେଳି, ମେଣ୍ଢା, ମଈଁଷି, ଗୟଳ, କୃଷ୍ଣସାର ମୃଗ ଇତ୍ୟାଦି ।



ଗୟଳ



ଅଣ୍ଡିରା

ମାଈ

କୃଷ୍ଣସାର ମୃଗ

## ମାଂସାହାରୀ ସ୍ତନ୍ୟପାୟୀ (Carnivorous Mammals)

### ବିଲେଇ ପ୍ରଜାତି ସମୂହ (Felids)

ଏହି ବର୍ଗର ସ୍ତନ୍ୟପାୟୀ ପ୍ରାଣୀମାନେ Felidae ବଂଶର ଅନ୍ତର୍ଭୁକ୍ତ । ପୃଥିବୀର ସବୁ ସ୍ଥାନରେ ଏମାନେ ବିସ୍ତାର ହୋଇ ଅଛନ୍ତି । ସାଧାରଣତଃ ଜଙ୍ଗଲରେ ଦେଖାଯାଆନ୍ତି । ସାରା ପୃଥିବୀରେ ୪୦ ରୁ ଅଧିକ ଜାତିର ଜଙ୍ଗଲୀ ବିରାଡ଼ି ଦେଖାଯାଉଥିଲାବେଳେ ଭାରତରେ ୧୬ ଟି ଜାତି ଦେଖାଯାଆନ୍ତି । ଆମ ଓଡ଼ିଶାରେ ୬ଟି ଜଙ୍ଗଲୀ ବିଲେଇ ପ୍ରଜାତି ଦେଖାଯାଆନ୍ତି । ଏହି ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ପତଳା ସରୁ ଶରୀର, ଗୋଲାକାର ଛୋଟମୁଣ୍ଡ ଓ ସିଧା କାନ ଥାଏ । ଏମାନଙ୍କର ଶକ୍ତିଶାଳୀ ପଞ୍ଝା ଶିକାର କରିବାରେ ସାହାଯ୍ୟ କରେ । ଏହି ପଞ୍ଝା ସଙ୍କୋଚନଶୀଳ (Retractable) ହୋଇଥାଏ । ଏହି ବର୍ଗର ପ୍ରାଣୀ ମାନଙ୍କର ମଜବୁତ ଶ୍ୱାନ ଦାନ୍ତ (Canine) ଖାଦ୍ୟକୁ କାଟି ଖାଇବାରେ ସାହାଯ୍ୟ କରେ । ଆଗ ଗୋଡ଼ ଦୁଇଟି ବହୁତ ଶକ୍ତିଶାଳୀ ଶିକାର ଧରିବା ପାଇଁ ସହାୟକ ହୁଏ । ନିଜର ପୋଷଣ ପାଇଁ ଅନ୍ୟପ୍ରାଣୀ (ମାଂସ) ଉପରେ ନିର୍ଭର କରିଥାନ୍ତି । ଉଦାହରଣ:- ବାଘ, ସିଂହ, କଲରାପତରିଆ ଆଦି ବଡ଼ ବିରାଡ଼ି ହୋଇଥିଲାବେଳେ ଘର ବିଲେଇ, ବଣଭୁଆ, ଚିତା ବିରାଡ଼ି, ମାଛରଙ୍କା ବିରାଡ଼ି, ବିତାରୀ ବିରାଡ଼ି ଆଦି ଛୋଟ ବିରାଡ଼ି ପ୍ରଜାତିର ହୋଇଥାନ୍ତି ।



କଲରାପତରିଆ ବାଘ



ମାଛରଙ୍କା ବିରାଡ଼ି

## କୁକୁର ପ୍ରଜାତି ସମୂହ (Canids)

ଏହି ବର୍ଗର ପ୍ରାଣୀମାନେ ପୃଥିବୀର ସବୁ ଦେଶରେ ଦେଖାଯାଆନ୍ତି । Canidae ବଂଶରେ ଏହି ସ୍ତନ୍ୟପାୟୀ ପ୍ରାଣୀମାନେ ଅନ୍ତର୍ଭୁକ୍ତ । ପାଖାପାଖି ୩୬ଟି ଜାତି ଏହି ବର୍ଗରେ ଦେଖାଯାଆନ୍ତି । ଏମାନଙ୍କର ଶରୀର ଲମ୍ବାଳିଆ, ଗୋଡ଼ ସରୁ ଓ ଲମ୍ବା, ଲାଞ୍ଜ ଲମ୍ବା ଓ ଅଧିକ ଚୁଟି ଥାଏ ଏବଂ କାନ ଲମ୍ବା ଓ ମୁନିଆ ଭଳି ହୋଇଥାଏ । ବିଲେଇ ବର୍ଗଠାରୁ ଏମାନେ ଛୋଟ ହୋଇଥାନ୍ତି ଏବଂ ମୁଣ୍ଡ ଲମ୍ବାଳିଆ ଓ ଓସାରଯୁକ୍ତ ହୋଇଥାଏ । ଏମାନେ ବୁଦାଳିଆ ଜଙ୍ଗଲରେ ରହିଥାନ୍ତି । ଦଳ ଅବା ଏକାକୀ ରହି ଶିକାର ପଛରେ ଦୌଡ଼ି ପାଟିରେ କାମୁଡ଼ି ଧରନ୍ତି ଓ ମାରି ଖାଇଥାନ୍ତି । ଏମାନେ ମାଂସାଶୀ ଓ ସର୍ବାହାରୀ ମଧ୍ୟ ହୋଇଥାନ୍ତି । ଏମାନଙ୍କର ଶ୍ୱାନଦାନ୍ତ (Canine) ବହୁତ ବଡ଼ ଓ ଶକ୍ତିଶାଳୀ ହୋଇଥାଏ । ଓଡ଼ିଶାରେ ୬ ପ୍ରକାରର canids ଦେଖାଯାଆନ୍ତି । ଉଦାହରଣ: ବିଲୁଆ, କୋକିଶିଆଳି, ଗଧିଆ, ଜଙ୍ଗଲୀ କୁକୁର, ଗୃହପାଳିତ କୁକୁର ଓ ହେଟାବାଘ ।

**ତୁମେ ଜାଣିଛ କି ?** ଏହା ପ୍ରଥମ ପ୍ରାଣୀ ଯେଉଁମାନେ ଗୃହପାଳିତ ହୋଇଥାନ୍ତି । ବହୁତ ବୁଦ୍ଧିମାନ ଓ ତାଲିମ ମଧ୍ୟ ଗ୍ରହଣ କରିପାରନ୍ତି । ଏମାନଙ୍କର ଆଘ୍ରାଣ ଶକ୍ତି ଓ ଶ୍ରବଣ ଶକ୍ତି ଉନ୍ନତ ମାନର ।



ବିଲୁଆ



ହେଟାବାଘ

## ଭାଲୁ ସମୂହ (Ursids)

ଏହି ସ୍ତନ୍ୟପାୟୀ ପ୍ରାଣୀମାନେ Ursidae ବଂଶର ଅନ୍ତର୍ଭୁକ୍ତ, ଶରୀର ହୃଷ୍ଟ ପୁଷ୍ଟ ସହ, ଶକ୍ତିଶାଳୀ ପାଦ (Plantigrate feet) ଯାହା ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ଠାରୁ ସ୍ୱତନ୍ତ୍ର ହୋଇଥାଏ । ସଂପୂର୍ଣ୍ଣ ପାଦର ତଳ ଅଂଶରେ ଭରାଦେଇ ଚାଲିଥାନ୍ତି । ମୁହଁ ଲମ୍ବା ଓ ଲାଞ୍ଜ ଛୋଟ ଥାଏ । ଚର୍ମ ଉପରେ ମୋଟା ଲୋମ (Fur) ସେମାନଙ୍କୁ ଥଣ୍ଡା ଅଞ୍ଚଳରେ ବଞ୍ଚି ରହିବା ସମ୍ଭବ କରିଥାଏ । ସାରା ପୃଥିବୀରେ ୮ ଜାତିର ଭାଲୁ ପ୍ରଜାତି ଦେଖାଯାଆନ୍ତି । ଆମ ଓଡ଼ିଶାରେ ଭାଲୁ (Sloth bear) ଦେଖାଯାଆନ୍ତି । ଭାଲୁମାନଙ୍କର ଅଗ୍ରଜିହ୍ୱାରେ କୀଟପତଙ୍ଗ, ଫଳ, ମାଛ ଆଦି ଧରି ଖାଇବା ସମ୍ଭବ ହୋଇଥାଏ । ଏମାନଙ୍କର ଆଘ୍ରାଣ ଶକ୍ତି ବହୁତ ଭଲ । ସାଧାରଣ ଭାବେ ଏମାନେ ସର୍ବାହାରୀ ହୋଇଥାନ୍ତି । ଏମାନେ ବରଫାବୃତ ଅଞ୍ଚଳ, ସ୍ଥଳ ଭାଗରେ ଥିବା ଜଙ୍ଗଲ ଆଦି ସ୍ଥାନରେ ଦେଖିବାକୁ ମିଳନ୍ତି । କିଛି ଗଛ ଉପରେ, ଗୁମ୍ଫା ଭିତରେ ଦେଖିବାକୁ ମିଳନ୍ତି । Giant panda ର ଆଗ ଗୋଡ଼ରେ ୬ଟି ଆଙ୍ଗୁଳି ଥାଏ, ଯାହା ବାଉଁଶ ଧରି ଏହାର କଅଁଳ ପତ୍ର ଖାଇବାରେ ସାହାଯ୍ୟ କରେ । ଉଦାହରଣ : ମେରୁ ଅଞ୍ଚଳର ଭାଲୁ (Brown bear or polar bear), କଳା ଭାଲୁ (Sloth bear), ପାଣ୍ଡା (Giant Panda) ଇତ୍ୟାଦି ।

**ତୁମେ ଜାଣିଛ କି ?** Polar Bear ସବୁଠାରୁ ବଡ଼ ଭାଲୁ ଅଟେ । Red panda ନିଜର ମୂତ୍ର, ମଳ ଆଦି ବ୍ୟବହାର କରି ନିଜର ପରିସର ଚିହ୍ନଟ କରେ ଓ ଅନ୍ୟ ମାନଙ୍କ ସହ ଯୋଗାଯୋଗ ରଖେ ।



ଭାଲୁ

## ଛୋଟ ଆକାରର ମାଂସାଶୀ ସ୍ତନ୍ୟପାୟୀ (Small Carnivores)

ଆଉ କିଛି ଛୋଟ ମାଂସାଶୀ ପ୍ରାଣୀ Viverridae, Herpestidae, Mustelidae ଆଦି ବର୍ଗରେ ଦେଖାଯାଆନ୍ତି ।

**Viverridae** - ଏହି ବର୍ଗରେ ଡାଳି ଓଧ, ଶାଳିଆପତନୀ ଆଦି ଲମ୍ବା ଲାଞ୍ଜ ଥିବା ପ୍ରାଣୀ ହୋଇଥାଏ । ପୃଥିବୀରେ ୩୫ ପ୍ରକାରର ଜାତି ଏହି ବର୍ଗରେ ଅନ୍ତର୍ଭୁକ୍ତ । ଏମାନଙ୍କ ଶରୀରରେ Civet gland ଥାଏ, ଯାହା ପାଣି ଓଧ କି ନେଉଳ ମାନଙ୍କର ଦେଖାଯାଏ ନାହିଁ । ଏମାନେ ଘଞ୍ଚ ଜଙ୍ଗଲର ଗଛରେ, ବେଳେବେଳେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନବସତି ପାଖରେ ମଧ୍ୟ ଦେଖିବାକୁ ମିଳନ୍ତି । ଏମାନଙ୍କର ଛୋଟ ଗୋଡ଼, ଲମ୍ବା ଶରୀର ଓ ଛୋଟ ମୁହଁଥାଏ । ଶରୀରରେ ମଳଦ୍ୱାର ପାଖରେ Anal scent gland ଥାଏ । ଅଧିକାଂଶ ରାତ୍ରିଚର ହୋଇଥାନ୍ତି । ଏମାନେ ମହୁ, ପାଚିଲା ତାଳ, ବିଭିନ୍ନ ପାଚିଲା ଫଳ, କୀଟପତଙ୍ଗ, ପକ୍ଷୀ ଅଣ୍ଡା, ମୂଷା ଆଦି ଖାଇଥାନ୍ତି । ଆମ ଭାରତରେ ୮ଟି ଜାତି ଦେଖାଯାଆନ୍ତି । ଓଡ଼ିଶାରେ ୩ଟି ପ୍ରଜାତି ଦେଖାଯାଆନ୍ତି । ସେଗୁଡ଼ିକ ମଧ୍ୟରେ ଡାଳି ଓଧ (Small Indian civet), ଶାଳିଆପତନୀ (Palm civet) ଓ ବଡ଼ ଡାଳି ଓଧ (Large Indian civet) ଅନ୍ୟତମ । ଉଦାହରଣ :- ଡାଳି ଓଧ, ଶାଳିଆପତନୀ, ବଡ଼ ଡାଳି ଓଧ ଇତ୍ୟାଦି ।




**ତୁମେ ଜାଣିଛ କି ?** ଏମାନଙ୍କ ପରିସ୍ରା ବାସୁମତୀ ଚାଉଳର ପାଣି ଭଳି ବାସିଥାଏ ।

**Herpestidae** – ଏହି ବଂଶରେ ପାଖାପାଖି ୩୩ଟି ଜାତି ପୃଥିବୀରେ ଦେଖାଯାଆନ୍ତି । ଏମାନଙ୍କର ଶରୀର ଲମ୍ବା ଓ ଅଧିକ ଲୋମଶ ହୋଇଥାଏ । କାନ ଛୋଟ ଓ ମୁହଁ ଅଳ୍ପ ଗୋଲାକାର ପରି ଦେଖାଯାଏ । ଅଧିକାଂଶ ଜାତିର ନେଉଳର ପାଦରେ ୫ଟି ଆଙ୍ଗୁଳି ଥାଏ । ମାଟିରେ ଗାତ କରି ରହିଥାନ୍ତି ଓ ସାପ, ଚଢେଇ, ଅନ୍ୟ ସରୀସୃପ, ଛୋଟ ସ୍ତନ୍ୟପାୟୀ ଆଦି ଖାଇଥାନ୍ତି । ନେଉଳ ନିର୍ଭୀକ ଭାବରେ ବିଷାକ୍ତ ଅ


ନେଉଳ

ହିରାଜକୁ ମଧ୍ୟ ଆକ୍ରମଣ କରେ । ଏମାନେ ଗ୍ରାମାଞ୍ଚଳରେ ଓ ସହରାଞ୍ଚଳରେ ଦେଖାଯାଆନ୍ତି ଓ ଜୋର୍‌ରେ ମଧ୍ୟ ଦୌଡ଼ି ପାରନ୍ତି । ଉଦାହରଣ : ଧୂସର ନେଉଳ (Grey Mongoose), କଳା ଲାଞ୍ଜିଆ ପାହାଡ଼ି ନେଉଳ (Ruddy Mongoose), ଛୋଟ ନେଉଳ (Small Indian Mongoose), Crab eating mongoose ଇତ୍ୟାଦି ।

**ତୁମେ ଜାଣିଛ କି ?** White tailed mangoose ସବୁଠାରୁ ବଡ଼ ନେଉଳ ।

**Mustelidae-** ଏହି ବଂଶରେ ପାଖାପାଖି ୬୨ ଟି ଜାତିର ସ୍ତନ୍ୟପାୟୀ ପ୍ରାଣୀ ଦେଖାଯାଆନ୍ତି । ଶରୀର ଉପରେ କୋମଳ ଲୋମ ଥାଏ । ଏମାନଙ୍କର ଦାନ୍ତ ବିନ୍ୟାସ ସ୍ୱତନ୍ତ୍ର ଥାଏ । ମଳଦ୍ୱାର ଥଳି ବଡ଼ ଥାଏ । ଏମାନେ ଉଭୟ ସ୍ଥଳ ଭାଗରେ ଓ ଜଳଭାଗରେ ଦେଖାଯାଆନ୍ତି । ପାଣିରେ କଙ୍କଡ଼ା, ମାଛ ଆଦି ଧରିବା ପାଇଁ ଏମାନଙ୍କର ଜାଲପାଦ ଥାଏ । ଏମାନେ ଚାରୋଟି ପାଦରେ ପାଣିରେ ପହଁରି ଖାଦ୍ୟ ସଂଗ୍ରହ କରିଥାନ୍ତି । ଦାନ୍ତ ମାଢିରେ ଶକ୍ତ କଳ ଦାନ୍ତ (Molar) ଥାଏ, ଯାହା କଙ୍କଡ଼ା ଆଦିଙ୍କୁ ଚୋବାଇ ଖାଇବାରେ ସାହାଯ୍ୟ କରେ । ଗାଢ଼ ଭାଲୁ ମାଟି ଖୋଳି ରହିଥାନ୍ତି ଓ ରାତ୍ରିଚର ହୋଇଥାନ୍ତି । ଭାରତରେ ଏହି ବଂଶର ୮ଟି ଜାତି ଦେଖାଯାଆନ୍ତି । ଓଡ଼ିଶାରେ ୩ ଟି ଓଧ ଜାତି ଦେଖାଯାଆନ୍ତି । ଯଥା: ଓଧ (Smooth coated otter) Eurasian otter ଓ Asian small-clawed otter । ଏମାନେ ମାଟିରେ ଗାତ ଖୋଳି ରହିଥାନ୍ତି । ଉଦାହରଣ: ଓଧ (Otters), ଗାଢ଼ ଭାଲୁ (Honey badger) ଓ Martens ଇତ୍ୟାଦି ।

**ତୁମେ ଜାଣିଛ କି ?** ଏହି ବଂଶର ସବୁଠାରୁ ବଡ଼ ପ୍ରାଣୀ Wolverine । ଏମାନଙ୍କର ଲାଞ୍ଜ ଆହୁଲା ପରି ହୋଇଥାଏ । ଏମାନଙ୍କର ମଳକୁ ଇଂରାଜୀରେ Spraint ବୋଲି କୁହାଯାଏ, ଯାହା ପଚା ମାଛ ପରି ଦୁର୍ଗନ୍ଧ ହୋଇଥାଏ ।



**ପାଣି ଓଧ**

## ବାର୍‌ହା ପ୍ରଜାତି (Suids)

ଘୁଷୁରୀ ଓ ବାର୍‌ହାମାନେ  Suidae ବଂଶରେ ଆସୁଥିବା ସ୍ତନ୍ୟପାୟୀ ପ୍ରାଣୀ । ଏମାନଙ୍କର ଗୋଡ଼ ଛୋଟ ଓ ପାଦରେ ଦୁଇ ଯୋଡ଼ା ଯୁଗ୍ମ ଆଙ୍ଗୁଳି ଥାଏ । ସେହି ଦୃଷ୍ଟିରୁ ଏମାନଙ୍କୁ Artiodactyla ଶ୍ରେଣୀରେ ଅର୍ନ୍ତଭୁକ୍ତ କରାଯାଇଛି । ଏହି ପ୍ରାଣୀମାନଙ୍କର ହୃଷ୍ଟପୃଷ୍ଟ ଶରୀର, ଛୋଟ ବେକ, ବଡ଼ ଲମ୍ବାଳିଆ ମୁଣ୍ଡ ଓ ପାଟିରେ କର୍ତ୍ତନ ଦାନ୍ତ (Incisor) ଥାଏ । ବଣୁଆ ଘୁଷୁରୀ (Wild pig) ବା ବାର୍‌ହା ର ଦୁଇଟି Tusk ଅଣ୍ଡିରା ମାନଙ୍କରେ ଦେଖାଯାଏ । କିନ୍ତୁ ମାଈମାନଙ୍କରେ ସେହି ଦାନ୍ତ ଛୋଟ ଥାଏ । ଚର୍ମ ଉପରେ ମୋଟା ଲୋମଦ୍ୱାରା ଆସ୍ତରଣ ଓ ଟାଆଁସିଆ ଲୋମ (Bristle) ଥାଏ । ଏମାନେ ସର୍ବାହାରୀ, ନିଜ ଖାଦ୍ୟ ପାଇଁ ଫଳ, ମଞ୍ଜି, ଚେର ଓ କନ୍ଦମୂଳ ଉପାଡ଼ି ଖାଇଥାନ୍ତି । ତାହା ସହିତ ଗଳିତ ପଚା ସଢ଼ା ମାଂସ, ସାପ, କୀଟ ଓ ଏଣେତେଣେ  ପଡ଼ିଥିବା ଅଳିଆ ପଦାର୍ଥ ମଧ୍ୟ ଖାଇଥାନ୍ତି । ଏମାନେ ଗ୍ରାମାଞ୍ଚଳ ଓ ଜଙ୍ଗଲରେ ଦେଖାଯାଆନ୍ତି । ଉଦାହରଣ: ଗୃହପାଳିତ ଘୁଷୁରୀ (Pig), ବଣୁଆ ଘୁଷୁରୀ (Wild pig) ଆଦି  ।

**ତୁମେ ଜାଣିଛ କି ?** Nipah virus ଓ Swine flu ଭଳି ସଂକ୍ରାମକ ରୋଗ ଘୁଷୁରୀ ମାନଙ୍କ ପାଖରୁ ଆସିଥାଏ ବୋଲି ବିଶ୍ୱାସ କରାଯାଏ ।



ଘୁଷୁରୀ

ବଣୁଆ ଘୁଷୁରୀ

## ଠେକୁଆ ସମୂହ (Hares)

ଏମାନେ Lagomorpha ବର୍ଗର ସ୍ତନ୍ୟପାୟୀ ପ୍ରାଣୀ । ଏମାନଙ୍କର ଦୁଇଯୋଡ଼ା କର୍ତ୍ତନ ଦାନ୍ତ ଉପର ମାଢ଼ି ଓ ତଳ ମାଢ଼ିରେ ଥାଏ । ପଛକୁ ଛୋଟ ଦାନ୍ତ ରହିଥାଏ । ଏହିପରି ଦାନ୍ତର ବିନ୍ୟାସ ଅନ୍ୟ ପ୍ରାଣୀମାନଙ୍କ କ୍ଷେତ୍ରରେ ଦେଖାଯାଏ ନାହିଁ । ବିଚିତ୍ର ଭାବରେ ଏମାନେ ଦୁଇ ପ୍ରକାରର ମଳତ୍ୟାଗ କରିଥାନ୍ତି । ଗୋଟିଏ ପ୍ରକାର ନରମ ଛୋଟ ବଟିକା(Soft pellets) ଭଳି ଓ ଅନ୍ୟ ପ୍ରକାରଟି କଠିନ ଛୋଟ ବଟିକା ପରି (Hard pellets) ହୋଇଥାଏ । ନିଜର ମଳକୁ ମଧ୍ୟ ଖାଇଥାନ୍ତି । ଏମାନଙ୍କର ଶରୀର ଛୋଟରୁ ମଧ୍ୟମ ଧରଣର ହୋଇଥାଏ । ଲମ୍ବା ଓ ମଜବୁତ ଗୋଡ଼ଥାଏ । ଆଗଗୋଡ଼ ପଛ ଗୋଡ଼ ତୁଳନାରେ ଛୋଟ ଥାଏ । ଏହା ସେମାନଙ୍କୁ ଡେଇଁବାରେ ସାହାଯ୍ୟ କରିଥାଏ । ଲମ୍ବା କାନ ଶତ୍ରୁ ପାଖରୁ ଦୂରେଇ ଯିବା ପାଇଁ ସାହାଯ୍ୟ କରିଥାଏ । ମୁହଁ ନାକ ପର୍ଯ୍ୟନ୍ତ ଲମ୍ବା ହୋଇ ରହିଥାଏ ଓ ଆଖି ମୁଣ୍ଡ ଉପରକୁ ଥାଏ । ଅନ୍ୟ କିଛି ଜାତି ଠେକୁଆ ମାନଙ୍କ ଗୋଲାକାର କାନ ଏବଂ ଆଗ ଓ ପଛ ଗୋଡ ପାଖାପାଖି ସମାନ ଥାଏ । ବୁଦାଳିଆ ଅଞ୍ଚଳରେ ଦେଖାଯାଆନ୍ତି ଓ ଖାଦ୍ୟ ଦୃଷ୍ଟିରୁ ତୃଣଭୋଜୀ ହୋଇଥାନ୍ତି ।

ଉଦାହରଣ : ଠେକୁଆ, ଛୋଟ ଠେକୁଆ ଇତ୍ୟାଦି ।

**ତୁମେ ଜାଣିଛ କି ?** ଭାରତରେ Indian Hare ସବୁଠାରୁ ବଡ଼ ଠେକୁଆ । ଏମାନେ ବହୁତ ଜୋର୍‌ରେ ଦୌଡ଼ିପାରନ୍ତି ।



**ଶଶକ/ ଠେକୁଆ**

## କାତିଥିବା ସ୍ତନ୍ୟପାୟୀ (Scaly anteaters)

ଏମାନେ Pholidota ବର୍ଗର ବିଚିତ୍ର ସ୍ତନ୍ୟପାୟୀ ପ୍ରାଣୀ । ଶରୀର ଲମ୍ବା, ଜିଭ ବଡ଼ ଓ ପାଟିରେ ଦାନ୍ତ ନ ଥାଏ । ଶରୀର ଉପରେ ଟାଣ କାତିର ଆବରଣ ଥାଏ । ଏହି କାତି Keratin ପଦାର୍ଥରେ ଗଠିତ, ଯାହା ବିପଦରୁ ସେମାନଙ୍କୁ ରକ୍ଷା କରିଥାଏ । ଏମାନଙ୍କର ଜିଭ ଉପରେ ଏକ ଅଠାଳିଆ ଅଂଶ ଥାଏ, ଯାହା ଛୋଟ ପିମ୍ପୁଡ଼ି ଓ ଉଈ ଧରି ଖାଇବାରେ ସାହାଯ୍ୟ କରିଥାଏ । ସେମାନେ ନିଜ ଶରୀରକୁ ପେଣ୍ଡୁ ପରି କରି, ବିପଦ ଆସିଲେ ସାମ୍ନା କରିପାରନ୍ତି । ମାଟି ଭିତରେ ଗାତ କରି ରହିଥାନ୍ତି । ମୁହଁ ଲମ୍ବାଳିଆ ଓ ପାଦର ପଞ୍ଝା ମଧ ମଜବୁତ ହୋଇଥାଏ । ସ୍ଥଳଚର ଭାବେ ଜଙ୍ଗଲରେ ଦେଖାଯାଆନ୍ତି । ଚର୍ମ ଉପରେ ଲୋମଶ ବାଳ (Bristle hair) କାତି ମଧ୍ୟରେ ଦେଖାଯାଇଥାଏ । ଚାଲିଲା ବେଳେ ଦେହକୁ କାଣ୍ଡ (Bow) ପରି କରି ଚାଲିଥାନ୍ତି ।

ଉଦାହରଣ: ବଜ୍ରକାପ୍ତା ।

**ତୁମେ ଜାଣିଛ କି ?** Indian Pangolin ସବୁଠାରୁ ବଡ଼ ବଜ୍ରକାପ୍ତା ହୋଇଥାଏ ।





**ବଜ୍ରକାପ୍ତା**

## କର୍ତ୍ତଦନ୍ତୀ (Rodents)

ପୃଥିବୀର ମୋଟ ସ୍ତନ୍ୟପାୟୀ ପ୍ରାଣୀର ୪୦ ଶତକଡ଼ା Rodentia ବର୍ଗର ପ୍ରାଣୀ ହୋଇଥାନ୍ତି । ଏମାନଙ୍କର ଗୋଟିଏ ଯୋଡ଼ା କର୍ତ୍ତନ ଦାନ୍ତ ଉପର ଓ ତଳ ମାଢିରେ ଥାଏ । ଏହି ଦାନ୍ତ ସେମାନଙ୍କର ଜୀବନଯାକ ବଢିଥାଏ । ଏମାନଙ୍କ ଚର୍ମ ଲୋମଶ ଏବଂ ଝିଙ୍କ ପରି । କେତେକ ଜାତିର ପିଠିରେ କଣ୍ଟା (Quills) ମଧ୍ୟ ଥାଏ । କିଛି ପ୍ରାଣୀ ମାଟିରେ ଗାତ ଖୋଳି ରହୁଥିଲାବେଳେ, ଆଉକିଛି ଗଛରେ ମଧ୍ୟ ବାସ କରନ୍ତି । ଅଧିକାଂଶ ଜାତି ଶାକାହାରୀ ହୋଇଥାନ୍ତି । ଆଉକିଛି ଜାତି ମାଂସାଶୀ ଓ ସର୍ବାହାରୀ ମଧ୍ୟ ହୋଇଥାନ୍ତି । ଏମାନେ ଗ୍ରାମାଞ୍ଚଳ, ଜଙ୍ଗଲରେ ଦେଖିବାକୁ ମିଳନ୍ତି । ଆମେ କିଛି ମୂଷା ଓ ଗୁଣ୍ଡୁଚି ମୂଷା ଜାତିକୁ ଘରେ ଅବା ଘର ପାଖରେ ଦେଖିବାକୁ ପାଉ । ଉଦାହରଣ: ମୂଷା, ବଡ଼ମୂଷା, ଝିଙ୍କ, ଗୁଣ୍ଡୁଚି ମୂଷା-Beaver, Marmots, ଇତ୍ୟାଦି ।

**ତୁମେ ଜାଣିଛ କି ?** ଝିଙ୍କ (Indian crested porcupine) ମୂଷା ବର୍ଗର ସବୁଠାରୁ ବଡ଼ ପ୍ରାଣୀ ଓ ଏମାନଙ୍କ ପିଠି ଉପରେ ମୁନିଆ କଣ୍ଟା (Quills) ବାହାରକୁ ବାହାରି ହୋଇଥାଏ । ସବୁଠାରୁ ଛୋଟ ମୂଷା Pygmy Gerbil ହୋଇଥାଏ ।



**ବେଲେରା ମୂଷା**



**ଝିଙ୍କ**

## ଚୁଚୁନ୍ଦ୍ରା ଓ ଗୁଜ ମୁହଁଥିବା ସ୍ତନ୍ୟପାୟୀ (Shrews and Moles)

ଏମାନେ ମୂଷା ପରି ଦେଖାଯାଆନ୍ତି ମାତ୍ର ମୂଷା ବର୍ଗର ପ୍ରାଣୀ ନୁହଁନ୍ତି । ଚୁଚୁନ୍ଦ୍ରାମାନେ Soricomorph ବର୍ଗରେ ଅନ୍ତର୍ଭୁକ୍ତ । ଏମାନଙ୍କର ଲମ୍ବା ଓ ମୁନିଆ ଥୋମଣୀ ଥାଏ । କାନ ଶଙ୍ଖ ଆକୃତିର ଓ ଦାନ୍ତ ଛୋଟ କୀଟପତଙ୍ଗ ମାନଙ୍କୁ କାଟି ଖାଇବା ପାଇଁ ଗଠନ ହୋଇଥାଏ । ଏମାନେ ମାଟିତଳେ, ପତ୍ର ତଳେ, କାଠ ଗଣ୍ଡି ଓ ପଥର ଫାଙ୍କ ପାଖରେ ଦେଖିବାକୁ ମିଳନ୍ତି । କିଛି ଜାତି ଅର୍ଦ୍ଧଜଳଚର ମଧ୍ୟ ହୋଇଥାନ୍ତି । ନିଜର ଖାଦ୍ୟ ପାଇଁ ଛୋଟ ଅମେରୁଦଣ୍ଡୀ, ଉଭୟଚର, ସରୀସୃପ, ମାଛ, ପନିପରିବା ଆଦି ପଦାର୍ଥ ଉପରେ ନିର୍ଭରଶୀଳ । ଏମାନଙ୍କ ଭୂଇଁ ଉପରେ ରହି ରହି ଚାଳି ଥାନ୍ତି । ଉଦାହରଣ: ଚୁଚୁନ୍ଦ୍ରା (House shrew), ପାହାଡ଼ିଆ ଚୁଚୁନ୍ଦ୍ରା, Moles ଇତ୍ୟାଦି ।

**ତୁମେ ଜାଣିଛ କି ?** ଚୁଚୁନ୍ଦ୍ରାମାନେ ଘରେ ଅସରପା ବଂଶକୁ ନିୟନ୍ତ୍ରଣରେ ରଖିଥାନ୍ତି ।



ଚୁଚୁନ୍ଦ୍ରା

## ଶରୀରରେ କଣ୍ଟା ଥିବା ମୂଷା (Hedgehogs)

ଏମାନେ ଝିଙ୍କ ଭଳି ଦେଖାଯାଉଥିଲେ ମଧ୍ୟ Erinaceomorpha ବର୍ଗର ସ୍ତନ୍ୟପାୟୀ ପ୍ରାଣୀ । ଚୁଚୁନ୍ଦ୍ରା ଓ moles ମାନଙ୍କଠାରୁ ଏମାନେ ଭିନ୍ନ । ଏମାନଙ୍କର କାନ ବଡ଼, ଯାହା ବାହାରକୁ ବାହାରିଥାଏ ଓ ଶରୀର ଉପରେ ମୋଟାକଣ୍ଟା (Spine) ପରି ଆବରଣ ଥାଏ । ମୁହଁ ଲମ୍ବାଳିଆ ହୋଇଥାଏ ଏବଂ ମାଢ଼ିରେ ବକ୍ରାକାର ଦାନ୍ତ ବିନ୍ୟାସ ଥାଏ । କର୍ତ୍ତନ ଦାନ୍ତ ମାଢି ଆଗରେ ରହିଥାଏ । ଶରୀର ଉପରେ ଥିବା କଣ୍ଟା ଝିଙ୍କ ପରି ଝରିପଡେ ନାହିଁ । ସେମାନେ ଉଭୟ ସ୍ଥଳରେ ଓ ମାଟିରେ ଗାତ ଖୋଳି ମଧ୍ୟ ରହିଥାନ୍ତି । ଏମାନଙ୍କର ତୀବ୍ର ଆଘ୍ରାଣ ଶକ୍ତି ଖାଦ୍ୟକୁ ଖୋଜି ଖାଇବାରେ ସାହାଯ୍ୟ କରେ । ବିପଦ ଆସିଲେ ନିଜ ଶରୀରକୁ ପେଣ୍ଡୁ ପରି ଗୋଡ଼ାଇ କରି ଦୂରେଇଯାଆନ୍ତି । ଏହି ଝିଙ୍କ ସଦୃଶ ପ୍ରାଣୀମାନେ କୀଟପତଙ୍ଗ, ବେଙ୍ଗ, ସାପ, କଙ୍କଡ଼ା ବିଛା, ବୁଢିଆଣୀ, ଝିଟିପିଟି, ଫଳ ଆଦି ଖାଇଥାନ୍ତି । ଶରୀର ପାଇଁ ଆବଶ୍ୟକ ପାଣି ଖାଦ୍ୟରୁ ମିଳିଥାଏ । ଏମାନେ ଓଡ଼ିଶାରେ ଦେଖିବାକୁ ମିଳନ୍ତି ନାହିଁ । ରାଜସ୍ଥାନ, ତାମିଲନାଡୁ, ଗୁଜୁରାଟ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ଦେଖିବାକୁ ମିଳନ୍ତି । ଉଦାହରଣ : ଝିଙ୍କ (Indian hedgehog), ମରୁଭୂମି ଝିଙ୍କ, ମାଦ୍ରାସ ଝିଙ୍କ ଇତ୍ୟାଦି ।

**ତୁମେ ଜାଣିଛ କି ?** ସବୁଠାରୁ କଣ୍ଟା ଥିବା ମୂଷା Long-eared hedgehog ଯାହା ଭାରତ ଛଡ଼ା ଅନ୍ୟ ଏସୀୟ ଦେଶରେ ଦେଖାଯାଏ ।



**କଣ୍ଟା ଥିବା ମୂଷା**

## ବାଦୁଡ଼ି ପ୍ରଜାତି ସମୂହ (Bats)

ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ଏମାନେ ପ୍ରକୃତ ଉଡ଼ନ୍ତା ପ୍ରାଣୀ । ଏମାନେ Chiroptera ବର୍ଗର ପ୍ରାଣୀ । ଏମାନଙ୍କ ମଧ୍ୟରୁ କିଛି ବଡ଼ ବାଦୁଡ଼ି (Flying fox) ଭଳି ଓ ଅଧିକ ଛୋଟ ଚେମେଣି (Evening bats) ହୋଇଥାନ୍ତି । ନିଜର ଡେଣା ଓ ଛୋଟ ହାତ ଦ୍ୱାରା ଉଡ଼ିପାରନ୍ତି । ଏମାନେ ଦଳରେ ଗଛ ଉପରେ, ଗୁମ୍ଫା ଭିତରେ, ପଥର ଫାଙ୍କ ଆଦିରେ ବିଶ୍ରାମ କରନ୍ତି । ବାଦୁଡ଼ି ମାନଙ୍କର ଛୋଟ ମୁଣ୍ଡ, ସରୁ ହାତ ଓ ଗୋଡ ଥାଏ । କାନ୍ଧଠାରୁ ପାଦର ଗଣ୍ଠି ଯାଏ ପତଳା ଚର୍ମ ଶରୀର ଉପରେ ଲମ୍ବିଥାଏ । ପଛ ପାଦ ଓ ଆଗ ହାତର ବୁଢା ଆଙ୍ଗୁଳି ଗଛରେ ଝୁଲିବା, ଗୁମ୍ଫା ଓ ଭୂଇଁରେ ଘୁଷୁରିବା ପାଇଁ ସାହାଯ୍ୟ କରେ । ସ୍ତନ୍ୟପାୟୀ ପ୍ରାଣୀ ଭିତରେ ଏମାନେ ସବୁଠାରୁ ଭିନ୍ନ ଓ ସ୍ୱତନ୍ତ୍ର ହୋଇଥାନ୍ତି । ଓଡ଼ିଶାରେ ୨୫ ପ୍ରକାରର ବାଦୁଡ଼ି ଦେଖାଯାଆନ୍ତି । ଏମାନେ କୀଟପତଙ୍ଗ ଓ ଫଳ ଆଦି ଖାଇଥାନ୍ତି । ଉଦାହରଣ : ଫଳ ଖିଆ ବାଦୁଡ଼ି, ସନ୍ଧ୍ୟା ଚେମେଣି, leaf – nosed bats, False vampires ଇତ୍ୟାଦି ।

**ତୁମେ ଜାଣିଛ କି ?** ବାଦୁଡ଼ି ମାନଙ୍କ ମଧ୍ୟରେ Large flying fox ସବୁଠାରୁ ବଡ଼ ଏବଂ Indian pygmy bat ସବୁଠାରୁ ସାନ ହୋଇଥାଏ । ଗୋଟିଏ ଚେମେଣି ଗୋଟିଏ ସଂନ୍ଧ୍ୟାରେ ଦେଢ଼ଲକ୍ଷରୁ ଉର୍ଦ୍ଧ୍ୱ ମଶାକୁ ଖାଇଥାନ୍ତି ।



ବାଦୁଡ଼ି

## ସାମୁଦ୍ରିକ ସ୍ତନ୍ୟପାୟୀ (Cetacean)

ଏମାନେ ସାମୁଦ୍ରିକ ପରିସଂସ୍ଥାନରେ ଦେଖିବାକୁ ମିଳନ୍ତି । ମାଛ ଭଳି ଦେଖିବାକୁ କିନ୍ତୁ ଏମାନେ Cetacean ବର୍ଗର ସ୍ତନ୍ୟପାୟୀ ପ୍ରାଣୀ । ଛୁଆ ଜନ୍ମ କରିବା ସହିତ ଫୁସଫୁସ ଦ୍ୱାରା ଶ୍ୱାସକ୍ରିୟା କରିଥାନ୍ତି । ଶରୀର ମାଛପରି କିନ୍ତୁ ଲାଞ୍ଜ ଲମ୍ବ ଭାବରେ ଥାଏ । ଲାଞ୍ଜ ପାଣି ଉପରକୁ ପହଁରିଲା ବେଳେ ଦେଖାଯାଏ । ଏମାନେ ସମୁଦ୍ର, ମୁହାଣ, ଜୁଆରିଆ ଉପସାଗର, ଉପନଦୀ, ଆଦି ସ୍ଥାନରେ ଦେଖିବାକୁ ମିଳନ୍ତି । ସାରା ପୃଥିବୀରେ ୮୦ ରୁ ଅଧିକ ଜାତି ଦେଖାଯାଉଥିଲାବେଳେ ଭାରତରେ ପାଖାପାଖି ୨୯ ଟି ଜାତି ଦେଖାଯାଏ । ଆମ ଓଡ଼ିଶାର ଜଳଭାଗରେ ୧୧ଟି ଜାତିର ଦେଖାଯାଆନ୍ତି । ସେଗୁଡ଼ିକ ମଧ୍ୟରେ ଇରାୱ୍ୱାଡୀ ଡଲ୍‌ଫିନ, ହମ୍ପବେକ୍ ଡଲ୍‌ଫିନ ଓ ବଟଲ ନୋଜ ଡଲଫିନ ଅନ୍ୟତମ । ଖାଦ୍ୟ ଗ୍ରହଣ ଦୃଷ୍ଟିରୁ ଏମାନେ ମାଂସାଶୀ ହୋଇଥାନ୍ତି । ଗେଣ୍ଡା, ଛୋଟ ମାଛ ଖାଇଥାନ୍ତି । ଉଦାହରଣ :- ତିମି, ଡଲଫିନ, Porpoises ଇତ୍ୟାଦି ।

**ତୁମେ ଜାଣିଛ କି ?** ମଣିଷ ପରି ଏହି ପ୍ରାଣୀମାନେ ଖୁବ୍ ଚାଲାକ୍ ଓ ଚତୁର ହୋଇଥାନ୍ତି । Blue whale ପୃଥିବୀର ସବୁଠାରୁ ବଡ଼ ସ୍ତନ୍ୟପାୟୀ ପ୍ରାଣୀ ଭାବେ ଜଣାଶୁଣା ।



ଡଲଫିନ



ତିମି

## ସାମୁଦ୍ରିକ ତୃଣଭୋଜୀ ସ୍ତନ୍ୟପାୟୀ (Sirenians)

ଏମାନେ ସମୁଦ୍ର ଉପକୂଳରେ ଦେଖିବାକୁ ମିଳନ୍ତି । ଡଲଫିନ୍ ଭଳି ଦେଖିବାକୁ କିନ୍ତୁ ଏମାନେ ସାମୁଦ୍ରିକ ଘାସ ଖାଇ ବଞ୍ଚିଥାନ୍ତି । Sirenian ବର୍ଗର ଏହି ପ୍ରାଣୀମାନେ ଅନ୍ତର୍ଭୁକ୍ତ । ମେରୁଦଣ୍ଡ ହାଡ଼ ୬ଟି ଥାଏ । ମୁଣ୍ଡ ବଡ଼ ଓ ଚେପଟା ଆକୃତିର ହୋଇଥାଏ । ଏମାନଙ୍କ ପାଟିରେ କର୍ତ୍ତନ ଦାନ୍ତ ଓ କଳଦାନ୍ତ ଥାଏ । ଏମାନଙ୍କର ଲାଞ୍ଜ ବଡ଼ ଓ ବକ୍ର ଏବଂ ଡେଣା (Flipper) ମଧ୍ୟ ବଡ଼ ଆକାର ବିଶିଷ୍ଟ ହୋଇଥାଏ । ଶରୀରର ଏହିପରି ଗଠନ ପାଇଁ ଏମାନେ ଭଲ ପହଁରିପାରନ୍ତି ।

ଉଦାହରଣ:- ସମୁଦ୍ର ଗାଈ (Dugongs ଓ Manatees) ଇତ୍ୟାଦି ।

**ତୁମେ ଜାଣିଛ କି ?** ଏହି ସ୍ତନ୍ୟପାୟୀ ପ୍ରାଣୀ ଆମ ଓଡ଼ିଶାର ଚିଲିକାରେ ବହୁ ପୂର୍ବରୁ ଦେଖାଯାଉଥିଲେ । କିନ୍ତୁ ୧୯୧୫ ମସିହା ପରେ ଏମାନଙ୍କ ଅବସ୍ଥିତି ଆମ ଓଡ଼ିଶାରେ ଆଉ ନାହିଁ । ଏମାନେ Gulf of Manner, Andaman ଓ Nicobar ସମୁଦ୍ରରେ ଏବେ କିଛି ମାତ୍ରାରେ ଦେଖିବାକୁ ମିଳନ୍ତି ।



**ସମୁଦ୍ର ଗାଈ**

## କାର୍ଯ୍ୟକଳାପ - ୧

### କମ୍ ଜଣାଶୁଣା ଥିବା ସ୍ତନ୍ୟପାୟୀ ପ୍ରାଣୀଙ୍କ ବିଷୟରେ ଜାଣିବା
(Knowing about lesser known mammals)

କିଛି ପ୍ରାଣୀ ସ୍ତନ୍ୟପାୟୀ ହୋଇଥିଲେ ମଧ୍ୟ ସେମାନଙ୍କର ଶରୀର ଆକାର, ଗଠନ ଶୈଳୀ, ବ୍ୟବହାର ଓ ବାସସ୍ଥାନ ଇତ୍ୟାଦି ଦୃଷ୍ଟିରୁ ସେମାନେ ସ୍ତନ୍ୟପାୟୀ ପ୍ରାଣୀ ଭଳି ହୋଇ ନ ଥାନ୍ତି । ଉଦାହରଣ ସ୍ୱରୂପ- ଡଲଫିନ୍ ଏହା ଏକ ସ୍ତନ୍ୟପାୟୀ ପ୍ରାଣୀ ହେଲେ ମଧ୍ୟ ତାହାର ଶରୀର ଆକାର ଓ ଗଠନ ମାଛ ସଦୃଶ ହୋଇଥାଏ ଏବଂ ସେ ଜଳଚର ହୋଇଥିବାରୁ ଅନେକ ସମୟରେ ଏହା ଏକ ମାଛ ବୋଲି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ । କିନ୍ତୁ ବାସ୍ତବରେ ଡଲଫିନ୍ ମାନେ ସ୍ତନ୍ୟପାୟୀ ପ୍ରାଣୀଙ୍କ ପରି ଫୁସ୍‌ଫୁସ୍ ଦ୍ୱାରା ବାୟୁରୁ ଅମ୍ଳଜାନ ଗ୍ରହଣ କରି ଶ୍ୱାସକ୍ରିୟା କରିଥାନ୍ତି ଏବଂ ଶାବକ ମଧ୍ୟ ଜନ୍ମ ଦେଇଥାନ୍ତି, ତେଣୁ ଏମାନଙ୍କୁ ସ୍ତନ୍ୟପାୟୀ ପ୍ରାଣୀଙ୍କ ମଧ୍ୟରେ ବର୍ଗୀକୃତ କରାଯାଇଅଛି । ବାଦୁଡ଼ି ଉଡ଼ିପାରୁଥିବାବେଳେ ଏହା ମଧ୍ୟ ସ୍ତନ୍ୟପାୟୀ ପ୍ରାଣୀ । ସେହିପରି ଆଉ କିଛି କମ୍ ଜଣାଶୁଣା ଥିବା ସ୍ତନ୍ୟପାୟୀ ପ୍ରାଣୀ ଆମ ଆଖପାଖରେ ଅଛନ୍ତି, ଉଦାହରଣ ସ୍ୱରୂପ ନେଉଳ, ପାଣି ଓଧ, ଡାଳି ଓଧ ଇତ୍ୟାଦି । ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠ୍ୟ ଯୋଜନା ଅନ୍ତର୍ଗତ କିଛି କୌତୁହଳ-ପୂର୍ଣ୍ଣ କାର୍ଯ୍ୟ ମାଧ୍ୟମରେ ପିଲାମାନଙ୍କୁ କମ୍ ଜଣାଶୁଣା ଥିବା ସ୍ତନ୍ୟପାୟୀ ପ୍ରାଣୀଙ୍କ ପ୍ରକାରଭେଦ ବିଷୟରେ ସବିଶେଷ ତଥ୍ୟ ଦେଇ ବୁଝାଇବେ ।

୧. ଏହାପରେ ପିଲାମାନେ ଶିକ୍ଷକ/ ଶିକ୍ଷିକାଙ୍କ ସହିତ ଆଲୋଚନା ଚକ୍ର ଦ୍ୱାରା ସେହି ପ୍ରାଣୀମାନଙ୍କ ନାମ ଏବଂ ସେମାନଙ୍କର ବାସସ୍ଥାନ, ଖାଦ୍ୟ ଇତ୍ୟାଦି ବିଷୟରେ ଏକ ତାଲିକା ପ୍ରସ୍ତୁତ କରିବେ ।

୨. ବାଦୁଡ଼ି କାହିଁକି ସ୍ତନ୍ୟପାୟୀ ବର୍ଗରେ ଅନ୍ତର୍ଭୁକ୍ତ ?

୩. ଅନ୍ୟ ୫ଟି କମ୍ ଜଣାଶୁଣା ଥିବା ସ୍ତନ୍ୟପାୟୀ ପ୍ରାଣୀଙ୍କର ବୈଶିଷ୍ଟ୍ୟ ଲେଖିବା ସହ ସେହି ପ୍ରାଣୀମାନେ କେଉଁ କାରଣ ପାଇଁ ସ୍ତନ୍ୟପାୟୀ ବର୍ଗରେ ଅନ୍ତର୍ଭୁକ୍ତ, ତାହାର ଯଥାର୍ଥତା ପ୍ରତିପାଦନ କରବେ ।



## କାର୍ଯ୍ୟକଳାପ - ୨

### ଶିକ୍ଷକ/ଶିକ୍ଷିକାମାନେ ଚିତ୍ର ଦେଖାଇ ପିଲାମାନଙ୍କୁ ଏସୀୟ ଓ ଆଫ୍ରିକୀୟ ହାତୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବେ ।

| | ଏସୀୟ ହାତୀ (Asian Elephant) | ଆଫ୍ରିକୀୟ ହାତୀ (African Elephant) |
|---|---|---|
| ୧. କାନ | ଛୋଟ ଓ ଗୋଲାକାର ହୋଇଥାଏ । | ବଡ ଓ କୁଲା ଆକୃତିର (Fan-shaped) ହୋଇଥାଏ । |
| ୨. ମୁଣ୍ଡ | ମୁଣ୍ଡ ଉପରେ ଦୁଇଟି ଗମ୍ବୁଜାକାର (Dome shaped) କୁଜ ଥାଏ । | ଗୋଲାକାର (Rounded) ମୁଣ୍ଡ ହୋଇଥାଏ । |
| ୩. ଦାନ୍ତ | ଦାନ୍ତ କେବଳ ଅଣ୍ଡିରା ମାନଙ୍କର ଦେଖାଯାଏ । | ବଡ଼ ଦାନ୍ତ ଥାଏ । ଉଭୟ ଅଣ୍ଡିରା ଓ ମାଈଙ୍କର ଦେଖାଯାଏ |
| ୪. ଶୁଣ୍ଢ | ଶୁଣ୍ଢ ଅଗ୍ରଭାଗରେ ଗୋଟିଏ ଆଙ୍ଗୁଳିଥାଏ । | ଶୁଣ୍ଢ ଉପରେ ଗୋଲାକାର ଦାଗ ଥାଏ ଓ ଶେଷରେ ଦୁଇଟି ଆଙ୍ଗୁଳି ଆକୃତିର ହୋଇଥାଏ । |
| ୫. ଚର୍ମ | ଚର୍ମ କୋମଳ ହୋଇଥାଏ । | କୁଞ୍ଚିତ ଚର୍ମ ଥାଏ । |
| ୬.ଦେଖାଯାଉଥିବା ସ୍ଥାନ | ଦକ୍ଷିଣ ଏସିଆରେ ଦେଖାଯାଆନ୍ତି । | ଆଫ୍ରିକା ମହାଦେଶରେ ଦେଖାଯାଆନ୍ତି (ପଶ୍ଚିମ, ମଧ୍ୟମ ସାଭାନା ଓ ଆଫ୍ରିକାର ମରୁଭୂମିରେ) |
| ୭.ଆୟୁଷ | ପାଖାପାଖି ୫୦ ବର୍ଷ । | ପାଖାପାଖି ୭୦ ବର୍ଷ । |

**ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।**

୧. ଆମ ରାଜ୍ୟରେ କେଉଁ ଜାତିର ହାତୀ ଦେଖାଯାଆନ୍ତି ?

୨. କେଉଁ କେଉଁ ଦେଶରେ ହାତୀ ଦେଖାଯାଆନ୍ତି ?

୩. ଆମ ଦେଶରେ ଦେଖାଯାଉଥିବା ହାତୀ ଓ ଅନ୍ୟ ଦେଶରେ ଦେଖାଯାଉଥିବା ହାତୀ ମଧ୍ୟରେ ପାର୍ଥକ୍ୟ କ'ଣ ?

୪. ଏସୀୟ ଓ ଆଫ୍ରିକୀୟ ହାତୀର ଚର୍ମ ଓ ଶୁଣ୍ଢରେ କ'ଣ ଭିନ୍ନତା ଲକ୍ଷ୍ୟ କରୁଛ ?

୫. ପରିବେଶରେ ହାତୀର ଭୂମିକା ବିଷୟରେ କ'ଣ ଜାଣିଛ ପ୍ରତିପାଦନ କର ।

୬. ଗୋଟିଏ ଏସୀୟ ଓ ଆଫ୍ରିକୀୟ ହାତୀର ଚିତ୍ର ଅଂକନ କରି, ସେମାନଙ୍କର ବାହ୍ୟ ଅଂଗର ନାମକରଣ କର ।



ଆଫ୍ରିକୀୟ ହାତୀ



ଏସୀୟ ହାତୀ

## କାର୍ଯ୍ୟକଳାପ - ୩

### ଶିକ୍ଷକ/ଶିକ୍ଷିକାମାନେ ଚିତ୍ର ଦେଖାଇ ପିଲାମାନଙ୍କୁ ବିଭିନ୍ନ ଶିଙ୍ଘ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବେ ।

| ଶାଖା ଶିଙ୍ଗ (Antlers) | ଶିଙ୍ଗ (Horns) |
|---|---|
| ହରିଣ, ସମ୍ବର ଆଦି ସ୍ତନ୍ୟପାୟୀ ପ୍ରାଣୀଙ୍କର ଶାଖା ଶିଙ୍ଗ ଦେଖାଯାଏ | କୃଷ୍ଣସାର ମୃଗ, ଗୟଳ, ଗାଈ, ମଇଁଷି ଆଦି ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଶିଙ୍ଗ ଦେଖାଯାଏ ଯାହା ଶାଖାଯୁକ୍ତ ହୋଇ ନଥାଏ । |
| ଏହି କେବଳ ଅଣ୍ଡିରା ମାନଙ୍କ ଠାରେ ଦେଖାଯାଏ । | ଉଭୟ ମାଈ ଓ ଅଣ୍ଡିରାରେ ଦେଖାଯାଏ । |
| ଶିଙ୍ଗ ବଢେ ଓ ପ୍ରତିବର୍ଷ ଝରିପଡ଼େ । | ଶିଙ୍ଗ ଜୀବନ ସାରା ଥାଏ ଓ ଝରିପଡେ ନାହିଁ । |
| ଶିଙ୍ଗ ହାଡ଼ରେ ଗଠିତ ଓ ବାହାର ଭେଲ୍‌ଭେଟ୍ ପରି ନିଦା ହୋଇଥାଏ । | ଶିଙ୍ଗ ଭିତରେ ହାଡ଼ ଓ ମାଂସ ଥାଏ ଓ ବାହାର ପଟ Keratin ପଦାର୍ଥରେ ଗଠନ ହୋଇଥାଏ । |
| ମୁଣ୍ଡ ଉପରେ ଥିବା ଖପୁରୀରେ ଶିଙ୍ଗ ଅଳ୍ପ ଲାଗି କରିଥାଏ । | ସଂପୂର୍ଣ୍ଣ ଖପୁରୀ ଓ ରକ୍ତ ଟିସୁ ସହ ଲାଗି କରିଥାଏ । |


ସମ୍ବର


କୃଷ୍ଣସାର ମୃଗ

**ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।**

୧. ସ୍ତନ୍ୟପାୟୀ ପ୍ରାଣୀଙ୍କର କେତେ ପ୍ରକାରର ଶିଙ୍ଗ ଦେଖାଯାଏ ?

୨. କେଉଁ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର Antlers ଥାଏ ?

୩. କେଉଁ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ Antelopes କୁହାଯାଏ ?

4. Antlers ଓ Antelopes ମଧ୍ୟରେ ଗାଠନିକ ପାର୍ଥକ୍ୟ କ'ଣ ରହିଛି ?

୫. ଗୋଟିଏ Antlers ଓ Horn ଥିବା ସ୍ତନ୍ୟପାୟୀର ନାମ ଲେଖ ଓ ଶିଙ୍ଗର ଚିତ୍ର ଅଙ୍କନ କର ।

## ସ୍ତନ୍ୟପାୟୀ ପ୍ରାଣୀଙ୍କର ବାସସ୍ଥାନର ପ୍ରକାର ଭେଦ

ସ୍ତନ୍ୟପାୟୀ ପ୍ରାଣୀମାନେ ଭିନ୍ନ ଭିନ୍ନ ବାସସ୍ଥାନରେ ନିଜକୁ ପରିବେଶ ସହ ଖାପଖୁଆଇ ରହିଥାନ୍ତି । ପ୍ରକୃତି ଓ ପରିବେଶକୁ ନେଇ ଏମାନଙ୍କର ପରିସଂସ୍ଥାନ (Ecosystem) ଅଲଗା ହେବା ସଙ୍ଗେ ସଙ୍ଗେ ଏମାନଙ୍କର ବାସସ୍ଥାନ ଓ ଖାଦ୍ୟ ମଧ୍ୟ ଭିନ୍ନ ହୋଇଥାଏ । କେତେକ ସ୍ତନ୍ୟପାୟୀ ପ୍ରାଣୀ ସ୍ଥଳଭାଗର ଜଙ୍ଗଲରେ ଦେଖାଯାଉଥିଲାବେଳେ ଅନ୍ୟ କେତେକ ସ୍ତନ୍ୟପାୟୀ ପ୍ରାଣୀମାନେ ପାଣିରେ ବାସ କରନ୍ତି । ବାସସ୍ଥାନର ପ୍ରକାରଭେଦକୁ ନେଇ ସ୍ତନ୍ୟପାୟୀ ପ୍ରାଣୀଙ୍କର ଶରୀରର ଗଠନ ଅଲଗା ଅଲଗା ହୋଇଥାଏ । ସେଗୁଡ଼ିକ ମଧ୍ୟରେ :-

**ସ୍ଥଳଚର ସ୍ତନ୍ୟପାୟୀ** (Terrestrial Mammals)

ଏହି ସ୍ତନ୍ୟପାୟୀ ପ୍ରାଣୀମାନେ ସ୍ଥଳଭାଗକୁ ନିଜର ବାସସ୍ଥାନ କରିଥାନ୍ତି । କେତେକ ଜଙ୍ଗଲ ଭିତରେ, ଗୁମ୍ଫା ଭିତରେ, ଘରେ ଗୃହପାଳିତ ଭାବରେ ଦେଖାଯାଆନ୍ତି । ଉଦାହରଣ: ତୃଣଭୋଜୀ ପ୍ରାଣୀ, ବାଘ, ଭାଲୁ, ହାତୀ, ଗାଈ, ମଇଁଷି ଇତ୍ୟାଦି ।



**ଜଳଚର ସ୍ତନ୍ୟପାୟୀ** (Aquatic Mammals)

କେତେକ ସ୍ତନ୍ୟପାୟୀ ପ୍ରାଣୀ ଗଭୀର ସମୁଦ୍ରରେ, ମଧୁର ଜଳରେ ରହିଥାନ୍ତି । ଜଳୀୟ ପରିସଂସ୍ଥାନ ସେମାନଙ୍କ ଜୀବନ ଚକ୍ର ପାଇଁ ଉଦ୍ଦିଷ୍ଟ ହୋଇଥାଏ । Seal ଭଳି ଜଳଚର ସ୍ତନ୍ୟପାୟୀ ପ୍ରାଣୀ ଅଧିକାଂଶ ସମୟ ପାଣିରେ ରହୁଥିବା ବେଳେ ପ୍ରଜନନ ପାଇଁ ସ୍ଥଳଭାଗକୁ ଆସିଥାଏ । ମାଛ ଭଳି ପାଣିରେ ରହୁଥିବାବେଳେ ଏମାନଙ୍କର ଗାଲି ନ ଥାଏ, ଏମାନେ ଫୁସ୍‌ଫୁସ୍ ଦ୍ୱାରା ଶ୍ୱାସକ୍ରିୟା କରିଥାନ୍ତି । ଉଦାହରଣ: ଡଲଫିନ୍, ତିମି, ସମୁଦ୍ର ଗାଈ ଇତ୍ୟାଦି ।



**ଗଛରେ ରହୁଥିବା ସ୍ତନ୍ୟପାୟୀ**
(Arboreal Mammals)



କେତେକ ସ୍ତନ୍ୟପାୟୀ ପ୍ରାଣୀ ଅଧିକାଂଶ ସମୟ ଗଛରେ ରହିଥାନ୍ତି । ବେଳେବେଳେ ଖାଦ୍ୟ ସଂଗ୍ରହ ପାଇଁ ସ୍ଥଳଭାଗକୁ ଆସନ୍ତି ଅବା ଗଛରୁ ମଧ୍ୟ ଖାଦ୍ୟ ସଂଗ୍ରହ କରିଥାନ୍ତି । ଶରୀରର ଗଠନ ଗଛରେ ରହିବା ପାଇଁ ଏମାନଙ୍କୁ ସକ୍ଷମ କରିଥାଏ । ହାତ ଓ ପାଦର ଆଙ୍ଗୁଳି ଲମ୍ବା ଓ ମସୃଣ ହୋଇଥାଏ ଯାହା ଏମାନଙ୍କୁ ଗଛ ଡ଼ାଳରେ ଚାଲିବା ଓ ଯାହା  ଡାଳକୁ ଧରି ବିଶ୍ରାମ ନେବାରେ ସାହାଯ୍ୟ କରେ । ଉଦାହରଣ:- ମାଙ୍କଡ଼, ପାଟ ମୂଷା, ଗୁଣ୍ଡୁଚି ମୂଷା, ଶାଳିଆପତନୀ ଇତ୍ୟାଦି ।

---

**ଉଡ଼ନ୍ତା ସ୍ତନ୍ୟପାୟୀ** (Flying Mammals)



ବାଦୁଡ଼ିମାନେ ପ୍ରକୃତ ଉଡ଼ନ୍ତା ସ୍ତନ୍ୟପାୟୀ ପ୍ରାଣୀ । ସେମାନଙ୍କର ହାତ ପକ୍ଷୀର ଡେଣା ଭଳି କାମ କରେ । ଶରୀର ଦୁଇ ପାର୍ଶ୍ୱରେ ପତଳା ଚର୍ମ ଡେଣା ଓ ପାଦକୁ ସଂଯୋଗ କରିଥାଏ । ଏପରି ଶରୀରର ଗଠନ ବାଦୁଡ଼ିମାନଙ୍କୁ ଉଡ଼ିବାରେ ଓ ଗଛରେ ବିଶ୍ରାମ ନେବାରେ ସାହାଯ୍ୟ କରେ ।  ଏମାନେ ରାତ୍ରିଚର ହୋଇଥାନ୍ତି । ଉଦାହରଣ:- ଚେମେଣି ଓ ବାଦୁଡ଼ି ।

---

**ଗାତ ଖୋଳି ରହୁଥିବା ସ୍ତନ୍ୟପାୟୀ ପ୍ରାଣୀ**
(Fossorial Mammals)



ଏହି ସ୍ତନ୍ୟପାୟୀ ପ୍ରାଣୀମାନେ ମାଟିତଳେ ଗାତ ଖୋଳି ରହିଥାନ୍ତି । ଆଗଗୋଡ ମାଟି ଖୋଳିବା ପାଇଁ ଉପଯୋଗୀ ହୋଇଥାଏ । କିଛି ସ୍ତନ୍ୟପାୟୀ ପ୍ରାଣୀ ପୁରୁଣା ଗାତରେ ମଧ୍ୟ ରହିଥାନ୍ତି । ଉଦାହରଣ:- ମୂଷା, ଠେକୁଆ, ଚୁଚୁନ୍ଦ୍ରା ଇତ୍ୟାଦି ।

## ସ୍ତନ୍ୟପାୟୀ ପ୍ରାଣୀଙ୍କ ଖାଦ୍ୟର ପ୍ରକାରଭେଦ

ବାସସ୍ଥାନ ଭଳି ଏମାନଙ୍କର ଖାଦ୍ୟାଭାସ ମଧ୍ୟ ଭିନ୍ନ ହୋଇଥାଏ । ଖାଦ୍ୟ ଗ୍ରହଣ ଦୃଷ୍ଟିରୁ ଏମାନଙ୍କର ଶରୀରର ଗଠନ ଓ ବ୍ୟବହାର ମଧ୍ୟ ଅଲଗା ହୋଇଥାଏ । ନିମ୍ନରେ ଖାଦ୍ୟ ଦୃଷ୍ଟିରୁ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ବିଭକ୍ତ କରାଯାଇଛି ।



### ସ୍ତନ୍ୟପାୟୀ ପ୍ରାଣୀଙ୍କର ଖାଦ୍ୟର ସାଙ୍କେତିକ ଚିହ୍ନ ।

- ମାଂସାଶୀ (ସ୍ତନ୍ୟପାୟୀ ପ୍ରାଣୀ, ପକ୍ଷୀ, ସରୀସୃପ ଇତ୍ୟାଦି) ।
- ତୃଣଭୋଜୀ (ଘାସ, ପତ୍ର, ଡାଳ ଇତ୍ୟାଦି) ।
- ସର୍ବାହାରୀ (ଉଭୟ ପ୍ରାଣୀଜ ଓ ଉଦ୍ଭିଦ ଜାତ ପଦାର୍ଥ)
- କୀଟ, ଏବଂ ଅନ୍ୟ ଅମେରୁଦଣ୍ଡୀ ପ୍ରାଣୀ
- ମାଛ, କଙ୍କଡ଼ା ଆଦି
- ବିବିଧ ଫଳ ।

**ଘାସ ଖାଉଥିବା ସ୍ତନ୍ୟପାୟୀ** (Grazers)

ଏହି ସ୍ତନ୍ୟପାୟୀ ପ୍ରାଣୀମାନେ ନିଜର ପୋଷଣ ପାଇଁ ଘାସ ଉପରେ ନିର୍ଭର କରିଥାନ୍ତି । ଉଦାହରଣ:- ହରିଣ, ମେଣ୍ଢା ଇତ୍ୟାଦି ।



---

**ଗଛର ପତ୍ର ଓ ଡାଳ ଖାଉଥିବା ସ୍ତନ୍ୟପାୟୀ** (Browsers)

ଏହି ପ୍ରାଣୀମାନେ ଗଛର ଡ଼ାଳ, ପତ୍ର ଆଦି ଖାଇବାକୁ ପସନ୍ଦ କରିଥାନ୍ତି । ଉଦାହରଣ:- ସମ୍ବର, ଛେଳି, ହାତୀ ଇତ୍ୟାଦି ।



---

**ଉଭୟ ଘାସ ଓ ଗଛର ଡ଼ାଳ, ପତ୍ର ଖାଉଥିବା ସ୍ତନ୍ୟପାୟୀ ପ୍ରାଣୀ** (Both grazers & browsers)

ଏମାନେ ଭୂଇଁରୁ ଘାସ ଖାଇବା ସହିତ, ଗଛର ପତ୍ର, ଡାଳ ଭାଙ୍ଗି ଖାଇଥାନ୍ତି । ଉଦାହରଣ:- ଗୟଳ, ମଇଁଷି, ଗାଈ ଇତ୍ୟାଦି ।



---

**ଫଳ ଉପରେ ନିର୍ଭର କରୁଥିବା ସ୍ତନ୍ୟପାୟୀ ପ୍ରାଣୀ** (Frugivorous Mammals)

କିଛି ସ୍ତନ୍ୟପାୟୀ ପ୍ରାଣୀମାନେ ନିଜର ଖାଦ୍ୟ ପାଇଁ ବିବିଧ ଫଳ ଉପରେ ନିର୍ଭର କରିଥାନ୍ତି । ଉଦାହରଣ:- ବାଦୁଡ଼ି, ମାଙ୍କଡ଼ ଆଦି ।



### କର୍ତ୍ତଦନ୍ତୀ ସ୍ତନ୍ୟପାୟୀ (Rodents)

ଏହି ପ୍ରକାର ପ୍ରାଣୀମାନେ ନିଜର ଦାନ୍ତ ସାହାଯ୍ୟରେ ଘାସ, ଶସ୍ୟ, କୀଟ, ଗଛର ଡାଳ ଓ ଚେର ଆଦି ଖାଇଥାନ୍ତି । ଉଦାହରଣ:- ଠେକୁଆ, ମୂଷା, ଝିଙ୍କ ଇତ୍ୟାଦି ।



---

### ବୃହତ ମାଂସାହାରୀ ସ୍ତନ୍ୟପାୟୀ (Large Carnivorous Mammals)

ଏହି ସ୍ତନ୍ୟପାୟୀ ପ୍ରାଣୀମାନେ ଜଙ୍ଗଲରେ ରହିଥାଆନ୍ତି । ନିଜର ଖାଦ୍ୟ ପାଇଁ ଅନ୍ୟ ପ୍ରାଣୀ ଉପରେ ନିର୍ଭର କରିଥାଆନ୍ତି । ଏମାନେ ନିଜ ଓଜନରୁ ଅଧିକ ଓଜନର ପ୍ରାଣୀଙ୍କୁ ମଧ୍ୟ ଶିକାର କରି ଖାଇଥାଆନ୍ତି । ଉଦାହରଣ:- ବାଘ ଓ ସିଂହ ।



---

### କ୍ଷୁଦ୍ର ମାଂସାହାରୀ ସ୍ତନ୍ୟପାୟୀ (Small Carnivorous Mammals)

ଏହି ମାଂସାଶୀ ସ୍ତନ୍ୟପାୟୀ ପ୍ରାଣୀମାନେ ନିଜର ଖାଦ୍ୟପାଇଁ ଅନ୍ୟ ପ୍ରାଣୀ ଉପରେ ନିର୍ଭର କରିଥାନ୍ତି । ଏମାନେ ଛୋଟ ମୂଷା, ପକ୍ଷୀ, ମେଣ୍ଢା, ଛେଳି, କୁକୁଡ଼ା, ବତକ ଆଦି ଶିକାର କରି ଖାଇଥାନ୍ତି । ଉଦାହରଣ:-ବିଲୁଆ, ଗଧିଆ, ହେଟା ବାଘ , ଛୋଟ ବିରାଡ଼ି ଇତ୍ୟାଦି ।



---

### ସର୍ବାହାରୀ ସ୍ତନ୍ୟପାୟୀ ପ୍ରାଣୀ (Omnivorous Mammals)

ଏହି ସ୍ତନ୍ୟପାୟୀ ପ୍ରାଣୀମାନେ ଉଭୟ ପ୍ରାଣୀଜାତ ଓ ଉଦ୍ଭିଦ-ଜାତ ଦ୍ରବ୍ୟ ଖାଇଥାନ୍ତି । ଉଦାହରଣ- ଭାଲୁ, ଜଙ୍ଗଲୀ ଘୁଷୁରୀ, ଶାଳିଆପତନୀ ଇତ୍ୟାଦି ।



**ପଚାସଢ଼ା ଖାଦ୍ୟ ଖାଉଥିବା ସ୍ତନ୍ୟପାୟୀ**
(Scavanging Mammals)

ଏହି ପ୍ରାଣୀମାନେ ପଚାସଢ଼ା ଅଳିଆ ଆବର୍ଜନା, ମୃତ ଜୀବଜନ୍ତୁ ଆଦି ଖାଇଥାନ୍ତି । ଯଥା- ଜଙ୍ଗଲୀ ଘୁଷୁରୀ, ହେଟା ବାଘ, ବିଲୁଆ ଇତ୍ୟାଦି ।



---

**ମାଛ ଉପରେ ନିର୍ଭର କରୁଥିବା ସ୍ତନ୍ୟପାୟୀ**
(Piscivorous Mammals)

କିଛି ସ୍ତନ୍ୟପାୟୀ ପ୍ରାଣୀ ନିଜର ଖାଦ୍ୟ ପାଇଁ କେବଳ ମାଛ ଉପରେ ନିର୍ଭର କରିଥାନ୍ତି । ଉଦାହରଣ- ଓଧ, ଡଲଫିନ୍, ମାଛରଙ୍କା ବିରାଡ଼ି ଇତ୍ୟାଦି ।



---

**କୀଟ ପତଙ୍ଗ ଉପରେ ନିର୍ଭର କରୁଥିବା ସ୍ତନ୍ୟପାୟୀ** (Insectivorous Mammals)

ଏହି ପ୍ରାଣୀମାନେ ଛୋଟ କୀଟପତଙ୍ଗ ଧରି ଖାଇଥାନ୍ତି । ଏମାନଙ୍କର ଲମ୍ୱା, ଅଠାଳିଆ ଜିଭ ଥାଏ । ଉଦାହରଣ- ବଜ୍ରକାପ୍ତା, ଚୁଚୁନ୍ଦ୍ରା, ଚେମେଣି ଇତ୍ୟାଦି ।



---

**ସାମୁଦ୍ରିକ ଉଦ୍ଭିଦ ଓ ପ୍ରାଣୀ ପ୍ଲବକ ଉପରେ ନିର୍ଭର କରୁଥିବା ସାମୁଦ୍ରିକ ସ୍ତନ୍ୟପାୟୀ** (Baleen Feeders)

ଏହି ପ୍ରାଣୀମାନେ ସମୁଦ୍ରରେ ଥିବା ଛୋଟ ଘାସ (Sea grass) ଓ ମାଛମାନଙ୍କୁ ନିଜର ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ଉଦାହରଣ-ନୀଳତିମି, ସମୁଦ୍ର ଗାଈ ଇତ୍ୟାଦି ।



## କାର୍ଯ୍ୟକଳାପ - ୪

### ନନ୍ଦନକାନନ ପ୍ରାଣୀଉଦ୍ୟାନ ଭ୍ରମଣ
(Visit to Nandankanan Zoological Park)

ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ ନନ୍ଦନକାନନ ପ୍ରାଣୀଉଦ୍ୟାନ କିମ୍ବା ନିକଟସ୍ଥ ପ୍ରାଣୀଉଦ୍ୟାନକୁ ନେଇଯିବେ । ପ୍ରଥମେ ପିଲାମାନେ ପ୍ରାଣୀଉଦ୍ୟାନରେ ଥିବା ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ଦେଖିବେ । ଶିକ୍ଷକ ସେଠାରେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ବର୍ଗୀକରଣ ସମ୍ବନ୍ଧରେ ବୁଝାଇବେ । ଏହା ସହିତ ସେଠାରେ ନିରୀକ୍ଷଣ କରିଥିବା ପ୍ରାଣୀମାନଙ୍କ ପ୍ରକାରଭେଦ ସମ୍ପର୍କରେ ଅବଗତ କରାଇବେ । ଯେପରିକି ମାଂସାଶୀ ପ୍ରାଣୀମାନଙ୍କ ଗଠନ ଓ ପ୍ରକାରଭେଦ ଦୃଷ୍ଟିରୁ ସେମାନଙ୍କୁ Felidae, Canidae ଇତ୍ୟାଦି ବଂଶରେ ବିଭକ୍ତ କରାଯାଇଛି । ସେହିପରି ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ପ୍ରକାରଭେଦ ବିଷୟରେ ମଧ୍ୟ ପିଲାଙ୍କୁ ବୁଝାଇବେ ।

୧. ପିଲାମାନେ କିଛି ଦଳରେ ବିଭକ୍ତ ହୋଇ ପଶୁମାନଙ୍କର ଶରୀରର ଗଠନ ଶୈଳୀ, ଖାଦ୍ୟ, ବାସସ୍ଥାନ ଓ ବ୍ୟବହାର ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ ।

୨. ପିଲାମାନେ ପ୍ରାଣୀମାନଙ୍କର ପ୍ରଜାତି, ଜାତି ଓ ବୈଜ୍ଞାନିକ ନାମ ସମ୍ବନ୍ଧରେ ଜାଣିବେ ଏବଂ କେଉଁ କେଉଁ ସ୍ତନ୍ୟପାୟୀ ପ୍ରାଣୀମାନେ ସମପ୍ରଜାତିର ତାହାର ଏକ ତାଲିକା ପ୍ରସ୍ତୁତ କରିବେ ।

୩. ଶେଷରେ ସମସ୍ତେ ଏକତ୍ରିତ ହୋଇ ନିଜ ନିଜ ପର୍ଯ୍ୟବେକ୍ଷଣ ସମ୍ପର୍କରେ ଆଲୋଚନା କରିବା ସହ ନିଜ ଖାତାରେ ଲିପିବଦ୍ଧ କରିବେ ।



## ସ୍ତନ୍ୟପାୟୀ ପ୍ରାଣୀଙ୍କର ଦନ୍ତ ବିନ୍ୟାସ (Mammals Dentition)

ବିଭିନ୍ନ ପ୍ରକାର ଦାନ୍ତ ସ୍ତନ୍ୟପାୟୀ ପ୍ରାଣୀଙ୍କର ଉପର ଓ ତଳ ମାଢ଼ିରେ ବିକଶିତ ହୋଇ ରହିଥାଏ । ଏହାକୁ ଦନ୍ତ ବିନ୍ୟାସ କୁହାଯାଏ । ଏହା ପ୍ରାଣୀଙ୍କର ବିବର୍ତ୍ତନ ବିଷୟରେ ଗବେଷଣା କରିବାକୁ ସାହାଯ୍ୟ କରେ, ବର୍ଗୀକରଣର ଆଧାର ହୋଇଥାଏ, ସ୍ତନ୍ୟପାୟୀ ପ୍ରାଣୀଙ୍କର ବୟସ ନିର୍ଦ୍ଧାରଣରେ ସହାୟକ ହୁଏ ଓ ପ୍ରାଣୀ କେଉଁ ପ୍ରକାରର ଖାଦ୍ୟ ଖାଏ, ତା'ର ମଧ୍ୟ ସୂଚନା ପ୍ରଦାନ କରିଥାଏ । ପ୍ଲାଟିପସ୍, ତିମି ଓ ବଜ୍ରକାପ୍ତା ଭଳି ସ୍ତନ୍ୟପାୟୀ ପ୍ରାଣୀ ଛଡ଼ା ଅନ୍ୟ ପ୍ରାଣୀଙ୍କର ଦନ୍ତ ବିନ୍ୟାସ ଦେଖାଯାଏ । ଏମାନଙ୍କ ବ୍ୟତୀତ ମାଛ, ଉଭୟଚର ଓ ସରୀସୃପ ମାନଙ୍କର ମଧ୍ୟ ପାଟିରେ ଦାନ୍ତ ରହିଥାଏ ।

### ଦାନ୍ତର ଗଠନ

ସ୍ତନ୍ୟପାୟୀ ପ୍ରାଣୀଙ୍କର ପାଟିରେ ଦାନ୍ତ ଗୁଡ଼ିକ ଲାଗି ଲାଗି ହୋଇ ଶକ୍ତ ଭାବରେ ରହିଥାଏ । ଦାନ୍ତର କିଛି ଅଂଶ ମାଢ଼ି ଭିତର ହାଡ ସହ ଲାଗି ଥିଲାବେଳେ ଆଉ କିଛି ଅଂଶ ବାହାରକୁ ଥାଏ । ଦାନ୍ତ ଗୁଡ଼ିକ ଦନ୍ତାସ୍ଥି (Dentine), ଧାତୁଯୁକ୍ତ ଦାନ୍ତର ଶକ୍ତ ବହିରାବରଣ (Enamel) ଓ ଦାନ୍ତର ଖାଲି ସ୍ଥାନରେ ଥିବା ପଦାର୍ଥ (Cement)ରେ ଗଠିତ । ଦାନ୍ତମାଢ଼ି ଦାନ୍ତର ମଧ୍ୟ-ଉପରିସ୍ଥ ଭାଗକୁ ଆବରଣ କରିଥାଏ । ଦାନ୍ତ ଭିତରେ ମାଂସାଳ ଅଂଶ ସଂଯୋଜକ ଟିସୁ ଓ ସ୍ନାୟୁ ସହିତ ଜଡ଼ିତ ଥାଏ । ଏହି ମାଂସାଳ ଅଂଶ ହାତୀ ଓ ମୂଷା ମାନଙ୍କରେ ଖୋଲା ଥାଏ, ଯାହା ଜୀବନ ସାରା ବଢ଼ିବାରେ ସାହାଯ୍ୟ କରେ ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ମାଂସାଳ ଅଂଶ ନିର୍ଦ୍ଦିଷ୍ଟ ବୟସ ସୀମା ପରେ ମୁଦିତ ହୋଇଯାଏ ।



## ଦାନ୍ତର ପ୍ରକାର ଭେଦ (Differentiation of teeth)

ବାହ୍ୟଗଠନ ଦୃଷ୍ଟିରୁ ଦାନ୍ତକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା- Homodont ଏବଂ Heterodont ।

- Homodont ଦନ୍ତ ବିନ୍ୟାସ ଡଲ୍‌ଫିନ୍, ତିମି ଆଦି କିଛି ସ୍ତନ୍ୟପାୟୀ ପ୍ରାଣୀଙ୍କର ଦେଖାଯାଏ । ମେରୁଦଣ୍ଡୀ ପ୍ରାଣୀଙ୍କ ମଧ୍ୟରେ ସ୍ତନ୍ୟପାୟୀ ପ୍ରାଣୀ ଛଡ଼ା ଅନ୍ୟ ବର୍ଗର ପ୍ରାଣୀଙ୍କର ଦାନ୍ତର ଆକାର ଓ ଗଠନ ସମାନ ହୋଇଥାଏ ।

- Heterodont ଦନ୍ତ ବିନ୍ୟାସ ସ୍ତନ୍ୟପାୟୀ ପ୍ରାଣୀଙ୍କର ଦେଖାଯାଏ । ଅର୍ଥାତ୍ ଏମାନଙ୍କର ଦାନ୍ତର ଆକାର ଓ ଗଠନ ଭିନ୍ନ ହୋଇଥାଏ । ଏମାନଙ୍କର ଖାଦ୍ୟର ପ୍ରକାର ଉପରେ ଦାନ୍ତର ଗଠନ ନିର୍ଭର କରିଥାଏ ।

ଦାନ୍ତର ମାଢ଼ି ସହ ସଂଯୁକ୍ତ ହେବା ଦୃଷ୍ଟିରୁ ତିନି ଭାଗରେ ବିଭକ୍ତ କରାଯାଇଛି । ଯଥା-




- Acrodont ଦନ୍ତ ବିନ୍ୟାସ ଅଧିକାଂଶ ମେରୁଦଣ୍ଡୀ ପ୍ରାଣୀମାନଙ୍କର ଦେଖାଯାଏ । ଏହି ଦାନ୍ତ ମାଢ଼ି ହାଡ଼ ସହ ଲାଗି କରିଥାଏ ଏବଂ ସହଜରେ ଭାଙ୍ଗେ ଓ ପୁଣି ଉତ୍ପତ୍ତି ହୋଇଥାଏ । ଉଦାହରଣ – ସାର୍କ ଓ ବେଙ୍ଗ ।

- Pleurodont ଦାନ୍ତବିନ୍ୟାସ ଏଣ୍ଡୁଅ ଓ ଅନ୍ୟ କିଛି ମେରୁଦଣ୍ଡୀ ପ୍ରାଣୀଙ୍କର ଦେଖାଯାଏ । ଦାନ୍ତଗୁଡ଼ିକ ଭିତର ମାଢ଼ି ହାଡ଼ ସହ ଲାଗିଥାଏ । Acrodont ଓ Pleurodont ଦାନ୍ତ ଗୁଡ଼ିକ ମୂଳବିହୀନ ଥାଏ, ସେଥିପାଇଁ ସ୍ନାୟୁ ଓ ରକ୍ତ କୋଶିକା ପାର୍ଶ୍ୱପଟେ ମାଂସାଳ ଅଂଶ ଭିତରେ ଯାଇଥାଏ ।

- Thecodont ଦନ୍ତ ବିନ୍ୟାସ ସ୍ତନ୍ୟପାୟୀ ପ୍ରାଣୀଙ୍କ ଠାରେ ଦେଖାଯାଇଥାଏ । ଏମାନଙ୍କର ଦାନ୍ତମୂଳ, ପ୍ରତ୍ୟେକ ଦାନ୍ତର ନିର୍ଦ୍ଦିଷ୍ଟ ଗଠନ ଥାଏ । ଏହି ପ୍ରକାର ଦାନ୍ତ କୁମ୍ଭୀର, କିଛି ମାଛ ଆଦିରେ ମଧ୍ୟ ଦେଖିବାକୁ ମିଳେ ।

**ଦାନ୍ତ ଗୁଡ଼ିକୁ ଝଡ଼ିବା କ୍ରମାନ୍ୱୟ ଦୃଷ୍ଟିରୁ ତିନିଭାଗରେ ବିଭକ୍ତ କରାଯାଇଛି ।**

i) ବହୁତ ଥର ଝଡ଼ି ପଡୁଥିବା ଦାନ୍ତ (Polyphyodont)

ii) ଦୁଇଥର ଝଡ଼ି ପଡୁଥିବା ଦାନ୍ତ (Diphyodont)

iii) ଗୋଟିଏ ଥର ଉତ୍ପନ୍ନ ହେଉଥିବା ଦାନ୍ତ (Monophyodont)

- Polyphyodont ଦାନ୍ତ କିଛି ଛୋଟ ମେରୁଦଣ୍ଡୀ ପ୍ରାଣୀଙ୍କର ଦେଖାଯାଏ । ଏହି ଦାନ୍ତ ବହୁତ ଥର ଝଡ଼ିଯାଏ ଓ ପୁଣି ଉତ୍ପନ୍ନ ହୋଇଥାଏ । ଉଦାହରଣ:- ଝିଟିପିଟି, କୁମ୍ଭୀର, କିଛି ମାଛ ଆଦି ।

- Diphyodont ଦାନ୍ତ ଅଧିକାଂଶ ସ୍ତନ୍ୟପାୟୀ ପ୍ରାଣୀଙ୍କର ଦେଖାଯାଏ । ଜୀବନ କାଳ ମଧ୍ୟରେ ଦାନ୍ତ ଦୁଇଥର ଉଠିଥାଏ । ପ୍ରଥମ ଉଠିଥିବା ଦାନ୍ତ ବିନ୍ୟାସକୁ କ୍ଷୀର ଦାନ୍ତ (Milk Teeth) କୁହାଯାଏ । ଏହି ଦାନ୍ତ ଜନ୍ମ ପରେ ଉଠି କିଛି ବର୍ଷ ମଧ୍ୟରେ ଗୋଟିଏ ପରେ ଗୋଟିଏ ଝଡ଼ି ପଡ଼ିଥାଏ । ତା'ପରେ ଦ୍ୱିତୀୟ ନୂଆଦାନ୍ତ ବାହାରିଥାଏ, ଯାହା ପୂରା ଜୀବନ ରହିଥାଏ । ତାହାକୁ Permanent teeth କୁହାଯାଏ ।

- Monophyodont ଦାନ୍ତ ପ୍ଲାଟିପସ୍, କିଛି ଥଳି ଭିତରେ ଶାବକ ଯତ୍ନ ନେଉଥିବା ସ୍ତନ୍ୟପାୟୀ, ଚୁଚୁନ୍ଦ୍ରା, ସାମୁଦ୍ରିକ ତୃଣଭୋଜୀ ସ୍ତନ୍ୟପାୟୀ ଆଦି ମାନଙ୍କର ଦେଖାଯାଏ । କେବଳ ଗୋଟିଏ ଥର ଏମାନଙ୍କ ଦାନ୍ତ ଉତ୍ପତ୍ତି ହୋଇଥାଏ ।

ସ୍ତନ୍ୟପାୟୀ ପ୍ରାଣୀଙ୍କର ୪ ପ୍ରକାରର ଦାନ୍ତ ଦେଖାଯାଏ । ଯଥା-କର୍ତ୍ତନ ଦାନ୍ତ (Incisors), ଶ୍ୱାନ ଦାନ୍ତ (Canines), ଅଗ୍ରପେଷକ ଦାନ୍ତ (Premolars), କଳଦାନ୍ତ (Molars) ।




- କର୍ତ୍ତନ ଦାନ୍ତ ଗୁଡ଼ିକ ପାଟିର ଆଗରେ ଥାଏ । ଉଭୟ ଉପର ଓ ତଳ ମାଢ଼ିରେ ଦେଖାଯାଏ । ଏଗୁଡ଼ିକ ତୀକ୍ଷଣ, ଧାରୁଆ, ଗୋଟିଏ ମୂଳରେ ବକ୍ର ଭାବରେ ଗଠନ ହୋଇଥାଏ । ଏହି ଦାନ୍ତକୁ

ସ୍ତନ୍ୟପାୟୀ ପ୍ରାଣୀମାନେ ଶିକାର ଧରିବା, କାଟିବା ଓ କାମୁଡ଼ିବା ପାଇଁ ବ୍ୟବହାର କରିଥାନ୍ତି । ଉଦାହରଣ –ମୂଷା, ଠେକୁଆ, Lemur, ହାତୀ ଇତ୍ୟାଦି ।

- ଶ୍ୱାନଦାନ୍ତ ଦାନ୍ତ ବିନ୍ୟାସର ମଧ୍ୟବର୍ତ୍ତୀ ଅଞ୍ଚଳରେ ଦେଖାଯାଏ । କର୍ତ୍ତନ ଦାନ୍ତର ଠିକ୍ ପାଖରେ ଅଛି ଓ ଗୋଟିଏ ମୂଳରୁ ଉତ୍ପତ୍ତି ହୋଇଥାଏ । ଏହା ଶଙ୍କୁ ଆକାରର ( Conical) ହୋଇଥିବାବେଳେ ତାଳକୁ ଧରିବା, ଚିରିବା, ଆକ୍ରମଣ କରିବା ପ୍ରତିରକ୍ଷାମୂଳକ ବ୍ୟବହାରରେ ଆସିଥାଏ । ଉଦାହରଣ- କୁକୁର, ବିଲୁଆ, ହେଟା ଆଦି ମାନଙ୍କରେ ଦେଖାଯାଏ ।
- ଶ୍ୱାନଦାନ୍ତ ପରେ ଅଗ୍ରକଳଦାନ୍ତ ବା ପେଷଣ ଦାନ୍ତ ଥାଏ, ତା'ପରେ ମୂଳଦାନ୍ତ ଥାଏ । ଏମାନଙ୍କୁ ଏକତ୍ର Cheek teeth କୁହାଯାଏ । ଏହିଦାନ୍ତ ଦୁଇଯୋଡ଼ାରୁ ଅଧିକ ମୂଳରୁ ଉତ୍ପତ୍ତି ହୋଇଥାଏ । ଉପର ଓ ତଳ ମାଢ଼ିରେ ଦେଖାଯାଏ । ଏହି ଦାନ୍ତ ଖାଦ୍ୟକୁ ଚୋବାଇବା, ହାଡ଼କୁ ଭାଙ୍ଗିବା, ଖାଦ୍ୟକୁ ଛୋଟ ଖଣ୍ଡ କରି ଖାଇବାରେ ସାହାଯ୍ୟ କରିଥାଏ । ଉଦାହରଣ:- ମାଙ୍କଡ଼, ମଣିଷ, ମାଂସାଶୀ ସ୍ତନ୍ୟପାୟୀ ପ୍ରାଣୀ ଇତ୍ୟାଦି ।

## ଦନ୍ତସୂତ୍ର (Dental formula)

ସ୍ତନ୍ୟପାୟୀ ପ୍ରାଣୀଙ୍କର ଭିନ୍ନ ଭିନ୍ନ ଦାନ୍ତ ଥାଏ । କିଛି ଜାତିର ପ୍ରାଣୀଙ୍କର ଦାନ୍ତ ସଂଖ୍ୟା ନିର୍ଦ୍ଦିଷ୍ଟ ଥାଏ । ଏହି ଗୁଣ ସେମାନଙ୍କର ବିଶେଷତ୍ୱ ହୋଇଥାଏ । ପ୍ରତ୍ୟେକ ମାଢ଼ିରେ ଦୁଇଯୋଡ଼ା ସମାନ ସଂଖ୍ୟକ ଦାନ୍ତ ଥାଏ । କେବଳ ଗୋଟିଏ ପାର୍ଶ୍ୱର ଦାନ୍ତକୁ ନେଇ ଦନ୍ତ ସୂତ୍ର ବାହାର କରାଯାଏ । କେତେ ପ୍ରକାରର ଦାନ୍ତ ଅଛି ସେମାନଙ୍କର ଇଂରାଜୀ ଶବ୍ଦର ପ୍ରଥମ ଅକ୍ଷର ଦ୍ୱାର ଚିହ୍ନିତ କରାଯାଇ ଲେଖାଯାଏ । ଯେପରିକି ସାଧାରଣ ସ୍ତନ୍ୟପାୟୀ ପ୍ରାଣୀର ୪୪ଟି ଦାନ୍ତ ଥାଏ ।

ସେମାନଙ୍କର ଦନ୍ତ ସୂତ୍ର

Incisors-i) $\frac{୩}{୩}$ , Canine- c) $\frac{୧}{୧}$ , Premolar-pm) $\frac{୪}{୪}$ , Molar-m) $\frac{୩}{୩}$ X ୨

କିମ୍ବା $\frac{୩.୧.୪.୩}{୩.୧.୪.୩}$ = ୪୪

ସେହିପରି ଅନ୍ୟ କିଛି ସ୍ତନ୍ୟପାୟୀ ପ୍ରାଣୀଙ୍କର ଦନ୍ତସୂତ୍ର ଦେଖିବା ।

ଘୋଡା, ଘୁଷୁରୀ , ଖଚର $\frac{୩.୧.୪.୩}{୩.୧.୪.୩}$ = ୪୪

କୁକୁର $\frac{୩.୧.୪.୨}{୩.୧.୪.୩}$ = ୪୨

Opossum $\frac{୫.୧.୩.୪}{୪.୧.୩.୪}$ = ୫୦

ମଣିଷ $\frac{୨.୧.୨.୩}{୨.୧.୨.୩}$ = ୩୨

## କାର୍ଯ୍ୟକଳାପ - ୫

ଶିକ୍ଷକ/ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ସ୍ତନ୍ୟପାୟୀ ପ୍ରାଣୀର ବିଭିନ୍ନ ଦାନ୍ତ ଓ ସେମାନଙ୍କର ଉପଯୋଗ ବିଷୟରେ ଚିତ୍ର ମାଧ୍ୟମରେ ଦର୍ଶାଇ ବୁଝାଇବେ ଏବଂ ଦାନ୍ତ ସୂତ୍ର ବାହାର କରିବା ପଦ୍ଧତି ବୁଝାଇବେ ।

| ଦାନ୍ତ ଚିତ୍ର | ଦାନ୍ତର ନାମ | ଉପଯୋଗ | କେଉଁ ସ୍ତନ୍ୟପାୟୀର ଦାନ୍ତ ଥାଏ |
|---|---|---|---|
|  | କର୍ତ୍ତନ ଦାନ୍ତ | କାଟିବା, କାମୁଡି ଧରିବା | ମୂଷା, ଠେକୁଆ |
|  | ଶ୍ୱାନଦାନ୍ତ | ଖାଦ୍ୟକୁ କାଟିବା ଓ ଧରିବା | କୁକୁର, ବିଲୁଆ. କୋକୀଶିଆଳ |
|  | | | |
|  | | | |

ମଣିଷର ଦନ୍ତ ସୂତ୍ର Incisor ୨/୨, **Canine** ୧/୧, **Premolar** ୨/୨, **Molar** ୩/୩

$\frac{\text{୨.୧.୨.୩}}{\text{୨.୧.୨.୩}}$ = ୧୬X୨= ୩୨

କୁକୁରର ଦନ୍ତ ସୂତ୍ର ------ ?

**ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।**

୧. ସ୍ତନ୍ୟପାୟୀ ପ୍ରାଣୀମାନଙ୍କର କେତେ ପ୍ରକାରର ଦାନ୍ତ ଅଛି ?

୨. ପ୍ରାଣୀମାନଙ୍କ କ୍ଷେତ୍ରରେ ଦାନ୍ତର ଭୂମିକା କ'ଣ ?

୩. ଦାନ୍ତ ଗୁଡ଼ିକର ନାମ ଓ କାର୍ଯ୍ୟ ବିଷୟରେ ଲେଖ ।

୪. ମଣିଷର ଦନ୍ତ ସୂତ୍ର ସମ୍ବନ୍ଧରେ ବିବରଣୀ ପ୍ରଦାନ କର ।

## ଓଡ଼ିଶାରେ ଦେଖାଯାଉଥିବା ସ୍ତନ୍ୟପାୟୀ ପ୍ରାଣୀଙ୍କର ଲଣ୍ଡି ଓ ପାଦଚିହ୍ନ

### ଖୁରା ବିଶିଷ୍ଟ ପ୍ରାଣୀଙ୍କ ଲଣ୍ଡି (Ungulates pellets)

**ସମ୍ବର :** ସମ୍ବରମାନେ ସାଧାରଣତଃ ପାହାଡ଼ିଆ ଓ ଘଞ୍ଚ ଜଙ୍ଗଲରେ ଦେଖାଯାଆନ୍ତି । ସାଧାରଣତଃ ଏମାନଙ୍କର ଲଣ୍ଡି ବେରେଲ୍ (Barrel shape) ପରି ହୋଇଥାଏ ଓ ଲଣ୍ଡିର  ଅଗ୍ରଭାଗ ସମାନ ଓ ତଳଭାଗ ସମାନ୍ତରାଳ ହୋଇଥାଏ । ଗୋଟିଏ ବୟସ୍କ (Adult sambar) ସମ୍ବର ଲଣ୍ଡିର ଲମ୍ବ ୧.୫ ସେ.ମି. ରୁ ୨ ସେ.ମି. ହୋଇଥିବାବେଳେ ଓ ମୋଟେଇ ୦.୮ ସେ.ମି. ରୁ ୧.୪ ସେ.ମି. ହୋଇଥାଏ ।



**ହରିଣ :** ସାଧାରଣତଃ ଜଙ୍ଗଲର ସମାନ୍ତରାଳ ଘାସ ପଡ଼ିଆରେ ଦେଖିବାକୁ ମିଳିଥାନ୍ତି । ଏମାନଙ୍କର ଲଣ୍ଡି ସିଲିଣ୍ଡର ଆକାରର (Cylindrical shape) ହୋଇଥାଏ । ଲଣ୍ଡିର ତଳ ଭାଗ ଗୋଲାକାର ହୋଇଥିବାବେଳେ ଲଣ୍ଡିର ଉପରଭାଗ ମୁନିଆ ହୋଇଥାଏ । ଗୋଟିଏ ବୟସ୍କ ହରିଣ (Adult Chital) ଲଣ୍ଡିର ଲମ୍ବ ୧.୨ ସେ.ମି. ରୁ ୧.୮ ସେ.ମି. । ବେଳେବେଳେ ଜଙ୍ଗଲ ପାଖ ଗ୍ରାମର ଛେଳି ଲଣ୍ଡି ସହ ଭ୍ରମ ସୃଷ୍ଟି ହୋଇଥାଏ ।



**କୁଟୁରା :** ପ୍ରାୟତଃ ସବୁପ୍ରକାର ପାହାଡ଼ିଆ ଜଙ୍ଗଲରେ ଦେଖାଯାଆନ୍ତି । ଏମାନଙ୍କର ଲଣ୍ଡି ଲମ୍ବାଳିଆ ଓ ମଝିରେ ମଝିରେ କୁଞ୍ଚିତ ହୋଇଦେଖାଯାଏ । ଲଣ୍ଡିର ଲମ୍ବ ୧ ସେ.ମି. ରୁ ୧.୮ ସେ.ମି. ଏବଂ ମୋଟେଇ ୦.୪ ସେ.ମି. ରୁ ୦.୭ ସେ.ମି. ପର୍ଯ୍ୟନ୍ତ ହୋଇଥାଏ ।



**ଝିଙ୍କ:** ଝିଙ୍କର ଲଣ୍ଡିରେ ତନ୍ତୁ ଭଳି ଓ ହଜମ ହୋଇ ନ ଥିବା ଖାଦ୍ୟ ଦେଖାଯାଇଥାଏ ଏବଂ ଲଣ୍ଡି ଖଜୁରୀ କୋଳି ମଞ୍ଜି ସଦୃଶ ହୋଇଥାଏ । ଲଣ୍ଡିର ଅଗ୍ରଭାଗ ଓ ତଳଭାଗ ଟିକେ ମୁନିଆ ଭଳିଆ ହୋଇଥାଏ  । ଲଣ୍ଡିର ଲମ୍ବ ୩ରୁ ୪ ସେ.ମି. ଓ ମୋଟେଇ ୧.୫ ରୁ ୨ ସେ.ମି. ହୋଇଥାଏ ।



**ବାରାହା:** ବାର୍‌ହା ଲଣ୍ଡି ପ୍ରାୟତଃ ବାଛୁରୀ ଛୁଆ ଝାଡ଼ା ସଦୃଶ ଦେଖିବାକୁ ହୋଇଥାଏ । ଲଣ୍ଡି ପ୍ରାୟ ଗୁଚ୍ଛ ଆକାରରେ ୧୦ ସେ.ମି ପର୍ଯ୍ୟନ୍ତ ହୋଇଥାଏ ।



## ଓଡ଼ିଶାରେ ଦେଖାଯାଉଥିବା ମାଂସାଶୀ ପ୍ରାଣୀର ମଳ (Faecal matter )

**ବିଲୁଆ :** ବିଲୁଆ ପ୍ରାୟତଃ ଛୋଟ ଜୀବଜନ୍ତୁଙ୍କୁ ଖାଦ୍ୟରୂପେ ଗ୍ରହଣ କରିଥାଏ ଓ ଏମାନେ କେତେକ ସମୟରେ ପଚାସଢ଼ା ଜିନିଷ ମଧ୍ୟ ଖାଦ୍ୟ ଭାବରେ ଖାଇଥାନ୍ତି । ବିଲୁଆର ଝାଡ଼ା ସିଲିଣ୍ଡର ଆକୃତିର । ଝାଡ଼ାର ରଙ୍ଗ ଧଳା ହୋଇଥିବାବେଳେ ଉପର ଓ ନିମ୍ନ ଭାଗ ଗୋଲାକାର ଆକୃତିର ହୋଇଥାଏ । ଝାଡ଼ାର ଲମ୍ବ ୫ ରୁ ୭ ସେମି ପର୍ଯ୍ୟନ୍ତ ହୋଇଥିବାବେଳେ, ମୋଟେଇ ୨ ରୁ ୩ ସେ.ମି. ହୋଇଥାଏ ।



---

**କୋକିଶିଆଳି:** କୁକିଶିଆଳି କୀଟପତଙ୍ଗ, ଛୋଟ ସ୍ତନ୍ୟପାୟୀ, ସରୀସୃପ ଆଦି ଖାଇଥାଏ । କୁକିଶିଆଳୀ ଝାଡ଼ା ବିଲୁଆ ଠାରୁ ଟିକେ ସରୁ ଓ ଧଳା ହୋଇଥାଏ । ଝାଡ଼ାର ଲମ୍ବ ୩ ରୁ ୫ ସେମି ପର୍ଯ୍ୟନ୍ତ ହୋଇଥିବାବେଳେ, ଝାଡ଼ାର ଗୋଲେଇ ୧.୫ ସେ.ମି. ପର୍ଯ୍ୟନ୍ତ ହୋଇଥାଏ ।



---

**ହେଟାବାଘ :** ହେଟାବାଘର ଝାଡ଼ା ଧଳା ରଙ୍ଗର ହୋଇଥାଏ ଓ ଏହା ସହଜରେ ଝଡ଼ି ଭାଙ୍ଗିଯାଇଥାଏ । ଏମାନେ ସାଧାରଣତଃ ହାଡ ବେଶୀ ମାତ୍ରାରେ ଚୋବାଇ ଖାଇଥାନ୍ତି । ସେଥି ପାଇଁ ଝାଡ଼ାର ରଙ୍ଗ ଧଳା ଓ ସହଜରେ ଗୁଣ୍ଡ ହୋଇଯାଇଥାଏ ।



**ଗଧିଆ :** ଗଧିଆ ହରିଣ, ଠେକୁଆ ଓ ମୂଷା ଆଦି ମାରି ଖାଇଥାଏ । ଗଧିଆ ଝାଡ଼ା ଲମ୍ବାଳିଆ ଓ ଧୂସର ରଙ୍ଗର ହୋଇଥାଏ । ଝାଡ଼ାର ଲମ୍ବ ୧.୩ ସେ.ମି. ରୁ ୩ ସେ.ମି ପର୍ଯ୍ୟନ୍ତ ହୋଇଥାଏ ।



**ଭାଲୁ :** ଭାଲୁ ହେଉଛି ସର୍ବଭକ୍ଷଣକାରୀ ପ୍ରାଣୀ ଭାବରେ ପରିଗଣିତ । ଏମାନେ ପଚାସଢ଼ା ଜିନିଷ, କୋଳି ଇତ୍ୟାଦି ଖାଇବାକୁ ଭଲ ପାଆନ୍ତି । ଜାମୁକୋଳି, ମହୁଲ ଓ ମହୁ ଏମାନଙ୍କର ପସନ୍ଦ ଯୋଗ୍ୟ ଖାଦ୍ୟ ହୋଇଥାଏ । ଏମାନଙ୍କର ଝାଡ଼ାରେ ପ୍ରାୟ ଋତୁଭିତ୍ତିକ କୋଳି ମଞ୍ଜି ଦେଖିବାକୁ ମିଳିଥାଏ ।



## ଓଡ଼ିଶାରେ ଦେଖାଯାଉଥିବା କିଛି ମାଂସାଶୀ ପ୍ରାଣୀଙ୍କର ପାଦଚିହ୍ନ (Foot prints)

ଜଙ୍ଗଲରେ ଦେଖାଯାଉଥିବା ବିଲେଇ ଓ କୁକୁର ପ୍ରଜାତିକୁ ଦେଖିବା ସବୁବେଳେ ସଂଭବ ହୋଇନଥାଏ । ସେଥିପାଇଁ ଆମେ ତାଙ୍କର କିଛି ଅପ୍ରତ୍ୟଶ ଚିହ୍ନକୁ ଦେଖି, ସେ ପ୍ରାଣୀ ବିଷୟରେ ଜାଣିପାରି ଥାଉ । ନିମ୍ନରେ ଦିଆଯାଇଥିବା କିଛି ମାଂସାଶୀ ପ୍ରାଣୀଙ୍କର ପାଦ ଚିହ୍ନ :-



ବାଘ ପାଦ



କଲରାପତରିଆ ବାଘ



ହେଟାବାଘ ପାଦ



ଗଧିଆ ପାଦ



ବିଲୁଆ ପାଦ



କୋକିଶିଆଳି ପାଦ



ଭାଲୁ ପାଦ

## କାର୍ଯ୍ୟକଳାପ – ୬

### ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ପାଦ ଚିହ୍ନ ବିଷୟରେ ଜାଣିବା
(Know the footprints of mammals)

ଅନ୍ୟ ପ୍ରାଣୀମାନଙ୍କ ଭଳି ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ସବୁବେଳେ ସମ୍ମୁଖରେ ଦେଖିବା ସମ୍ଭବ ହୋଇ ନ ଥାଏ । ସେମାନଙ୍କର ଉପସ୍ଥିତିକୁ ଜାଣିବା ପାଇଁ ଆମେ ସେମାନଙ୍କର ପାଦ ଚିହ ଚିହ୍ନ, ଗଛ ରାମ୍ପୁଡ଼ା ଚିହ୍ନ, ମଳ ଇତ୍ୟାଦିକୁ ପରୋକ୍ଷ ତଥ୍ୟ ଭାବରେ ବ୍ୟବହାର କରିଥାଉ । ଏହା ଦ୍ୱାରା ସେମାନଙ୍କର ବିବିଧତା ବିଷୟରେ ଅଧିକ ଜ୍ଞାନ ମିଳେ । ପ୍ରଥମେ ପିଲାମାନଙ୍କୁ Pictorial ଗାଇଡ୍ ମାଧ୍ୟମରେ ପଶୁମାନଙ୍କର ପାଦ ଚିହ୍ନ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବେ ।

୧. ପିଲାମାନଙ୍କୁ ନିର୍ଦ୍ଦେଶ ଦେବେ କି ସେମାନେ ତାଙ୍କ ଚତୁଃପାର୍ଶ୍ୱରେ ଦେଖୁଥିବା ପଶୁମାନଙ୍କର ପାଦ ଚିହ୍ନକୁ ଚିହ୍ନିବା ସହିତ ତାର ଚିତ୍ର ମଧ୍ୟ ଆଙ୍କିବେ ।

୨. ଯଦି କୌଣସି ପଶୁର ଅବସ୍ଥିତି ସହ ତାର ପାଦ ଚିହ୍ନ ଦେଖୁଛନ୍ତି, ତେବେ ପଶୁର ଆକାର ଏବଂ ପାଦ ଚିହ୍ନର ଆକାରକୁ ମଧ୍ୟ ନିରୀକ୍ଷଣ କରି ଲିପିବଦ୍ଧ କରିବେ ।

୩. ବିରାଡ଼ି ଓ କୁକୁର ପ୍ରଜାତିର ପାଦ ଚିହ୍ନ ମଧ୍ୟରେ କିଛି ପାର୍ଥକ୍ୟ ଲକ୍ଷ୍ୟ କରୁଛ କି, ଯଦି ପାର୍ଥକ୍ୟ ଦେଖୁଛ, ତାହା ଲିପିବଦ୍ଧ କର ?



# ମଣିଷ ଓ ବନ୍ୟଜନ୍ତୁ ବିବାଦ (Human and Wildlife conflict)

## ମଣିଷ ଓ ହାତୀ ସଂଘର୍ଷ (Human-Elephant conflict)

ଏସୀୟ ହାତୀ ପ୍ରାୟ  ୧୩ ଟି ଦେଶରେ ଦେଖାଯାଆନ୍ତି । ଏହି ହାତୀ ଭାରତରେ ସବୁଠାରୁ ଅଧିକ ସଂଖ୍ୟାରେ ଦେଖାଯାଏ । ପାଖାପାଖି ଭାରତରେ ୩୦,୦୦୦ରୁ ଉର୍ଦ୍ଧ୍ୱ ହାତୀ ଦେଖିବାକୁ ମିଳନ୍ତି, ତନ୍ମଧ୍ୟରୁ ଓଡ଼ିଶାର ହାତୀ ସଂଖ୍ୟା ପାଖାପାଖି ୨,୦୦୦ । ପ୍ରତିବର୍ଷ ଭାରତରେ ହାରାହାରି ୫୦୦ ଲୋକ ହାତୀ ଆକ୍ରମଣରେ ମୃତ୍ୟୁବରଣ କରୁଛନ୍ତି । ବର୍ଷକୁ ଭାରତରେ ୧୦୦ ରୁ ଉର୍ଦ୍ଧ୍ୱ ହାତୀ ମଧ୍ୟ ମୃତ୍ୟୁବରଣ କରୁଛନ୍ତି । ହାତୀ ମୃତ୍ୟୁର କାରଣ ଗୁଡ଼ିକ ହେଲା- ମଣିଷ-ହାତୀ ଲଢ଼େଇ, ଦାନ୍ତ ପାଇଁ ହାତୀ ଶିକାର, ବିଷ ପ୍ରକ୍ରିୟା, ହାତୀ ବିଦ୍ୟୁତ ସଂସ୍ପର୍ଶରେ ଆସିବା ଓ ଟ୍ରେନ୍ ଧକ୍କା । ହାତୀ ହେଉଛି ଆମ ଭାରତ ବର୍ଷର ଐତିହ୍ୟ ପ୍ରାଣୀ (Heritage animal) ଓ ବିଲୁପ୍ତପ୍ରାୟ ପ୍ରଜାତିର ପ୍ରାଣୀ ଅଟେ ।

ଓଡ଼ିଶାରେ ମଧ୍ୟ ଏହି ହାତୀ ମଣିଷ ଲଢେଇ ବହୁମାତ୍ରାରେ ଦେଖିବାକୁ ମିଳିଥାଏ । ଏହି ଲଢେଇର ପ୍ରମୁଖ କାରଣ ଗୁଡ଼ିକ ହେଲା :-

- ହାତୀର ବାସସ୍ଥଳୀ ନଷ୍ଟ ହେବା ।
- ବାସସ୍ଥଳୀ ନଷ୍ଟ ହେବା ଯୋଗୁଁ ହାତୀ ଶସ୍ୟ କ୍ଷେତ୍ରକୁ ମାଡ଼ି ଆସିବା ଓ ନଷ୍ଟ କରିବା ।
- ବିଭିନ୍ନ ପ୍ରକାର ରାସ୍ତା, ଘର ଓ ରେଳୱେ ଲାଇନର ଉନ୍ନତିକରଣ ଦ୍ୱାରା ହାତୀ ବାସସ୍ଥଳୀ ଉପରେ କୁପ୍ରଭାବ  ।
- ମନୁଷ୍ୟମାନଙ୍କ କାର୍ଯ୍ୟକଳାପ ଯୋଗୁଁ ହାତୀ ଚଲାପଥ ସଂକୋଚିତ ହେବା ।
- ଦାନ୍ତ ପାଇଁ ହାତୀ ଶିକାର ।

**ମନୁଷ୍ୟ ଓ ହାତୀ ଲଢେଇର ସମାଧାନ :-**

- ହାତୀ ବାସସ୍ଥଳୀକୁ ସୁରକ୍ଷିତ ରଖିବା ପାଇଁ ହାତୀର ପ୍ରମୁଖ ଖାଦ୍ୟ ଗଛକୁ ବହୁଳ ମାତ୍ରାରେ ଲଗେଇବା ଉଚିତ୍ । ବାଉଁଶ ଓ ଘାସ ପ୍ରଚୁର ମାତ୍ରାରେ ଲଗେଇବା ନିତ୍ୟାନ୍ତ ଆବଶ୍ୟକ ।

- ଯେହେତୁ ହାତୀ ଅଧିକ ପାଣି ପିଇଥାଏ, ସେଥି ପାଇଁ ପୋଖରୀ ଓ ସୋଲାର ସିଷ୍ଟମ ଦ୍ୱାରା ବୋରଓ୍ୱେଲ ପାଣିର ବ୍ୟବସ୍ଥା ଜଙ୍ଗଲ ମଧ୍ୟରେ କରାଯିବା ଦରକାର ।

- ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ଦରକାର ।

ହାତୀ ଯେମିତି ମନୁଷ୍ୟ ବାସସ୍ଥାନ ପାଖକୁ ନ ଆସିବ ସେଥିପାଇଁ ଟ୍ରେଞ୍ଚ, ପଥୁରିଆ କାନ୍ଥର ବ୍ୟବସ୍ଥା (Rubble wall), ଇଲେକ୍‌ଟ୍ରିକ୍ ଫେନ୍‌ସିଙ୍ଗ୍, ମହୁଫେଣାର ବ୍ୟବସ୍ଥା (Bee hives), ରେଲଓ୍ୱେ ଟ୍ରାକ୍‌ରେ ବାଡର ବ୍ୟବସ୍ଥା, ଜୈବିକ ବାଡ଼ (Bio-fences) ଯଥା, ଲଙ୍କା ଗଛ, ଲେମ୍ବୁ ଗଛର ବାଡ଼ର ବ୍ୟବସ୍ଥା, ଅଦା ଆଦି ଲଗେଇବା, ଯେଉଁଥିରେକି ହାତୀ ସେ ରାସ୍ତାରେ ନ ଯାଇ ଓ ସେହି ସ୍ଥାନ ଛାଡ଼ି ପଳାଇଯାଇ ଥାଏ ।

- ହାତୀ ଚଲାପଥ ରାସ୍ତାକୁ ସୁରକ୍ଷା ଦେବା ଉଚିତ । ଦରକାର ପଡିଲେ ଜନବସତିକୁ ସେଠାରୁ ସ୍ଥାନାନ୍ତର କରାଯିବା ଉଚିତ । ହାତୀ ଚଲାପଥର ସୁରକ୍ଷା ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି କରାଯିବା ଦରକାର ।

- ବିଭିନ୍ନ ପ୍ରତିଫଳକ ମାଧ୍ୟମରେ ହାତୀର ଉପକାରିତା ବିଷୟରେ ଲୋକଙ୍କୁ ଜଣେଇବା ଦରକାର ।

ହାତୀ ଚଲାପଥ ଯଦି କୌଣସି ରାଜପଥ ବା ରେଲଓ୍ୱେ ଲାଇନ୍ ଉପରେ ଥାଏ, ସେଠାରେ ପ୍ରତିଫଳକର ବ୍ୟବସ୍ଥା ଓ ଗାଡ଼ି ଗତିର ମାତ୍ରା (Speed limit) ଧୀର କରାଯିବାର ବ୍ୟବସ୍ଥା କରାଯିବା ଉଚିତ୍ ।



## ମଣିଷ ଓ ଭାଲୁ ସଂଘର୍ଷ (Human –Bear Conflict)

ଓଡ଼ିଶାରେ ଭାଲୁ ସହ ମଣିଷର ସଂଘର୍ଷ ବିଭିନ୍ନ ପ୍ରକାର ପରିସ୍ଥିତିରେ ହୋଇଥାଏ । ଅଧିକାଂଶ ସମୟରେ ମଣିଷ ଭାଲୁ ଆକ୍ରମଣର ଶିକାର ହୋଇ ଗଭୀର ଭାବେ କ୍ଷତାକ୍ତ ହୋଇଥାଏ । ଏସବୁ ଘଟଣା ବିଶେଷ କରି ଜଙ୍ଗଲ ନିକଟରେ ବସବାସ କରୁଥିବା ଲୋକଙ୍କ ସହ ଦେଖିବାକୁ ମିଳିଥାଏ । ଏହାଛଡ଼ା ଯେଉଁଠି ମହୁଲ ଫୁଲ ଗଛ ଅଧିକ ମାତ୍ରାରେ ଥାଏ, ସେଠାକୁ ଭାଲୁମାନେ ସକାଳୁ ମହୁଲ ଫୁଲ ଖାଇବାକୁ ଆସିଥାନ୍ତି, ସେହି ସମୟରେ ମଣିଷ ସହ ଭାଲୁର ଆକସ୍ମିକ ମୁହାଁମୁହିଁ ହୋଇଥାଏ । ଭାଲୁ ଜନବସତି ନିକଟକୁ ଅଳିଆ ଆବର୍ଜନା ଖାଇବା ସମୟରେ ମଧ୍ୟ ମଣିଷ ସହ ସଂଘର୍ଷ ହେବାର ଦେଖାଯାଇଥାଏ ଓ ବହୁ ସମୟରେ ଜୀବନ ମଧ୍ୟ ନଷ୍ଟ ହୋଇଥାଏ ।

**ମଣିଷ-ଭାଲୁ ସଂଘର୍ଷର ସମାଧାନ:**

ମଣିଷ-ଭାଲୁ ମଧ୍ୟରେ ମୁହାଁମୁହିଁକୁ ରୋକିବା ଓ ଭାଲୁକୁ ଉଦ୍ଧାର କରି ଲଢ଼େଇ ପରିସ୍ଥିତିକୁ ଏଡ଼ାଇବା ସବୁଠାରୁ ବଡ଼ ସମାଧାନର ପନ୍ଥା । ଯେମିତିକି ସଂଘର୍ଷ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ, ଭାଲୁର ଅବସ୍ଥିତିକୁ ନିରୀକ୍ଷଣ କରିବା, ସଂଘର୍ଷ ସ୍ଥାନରେ ଜନଗହଳିକୁ ନିୟନ୍ତ୍ରଣ ରଖିବା, ଭାଲୁକୁ ରାସାୟନିକ ଉପାୟରେ କାବୁ କରିବା ନିତ୍ୟାନ୍ତ ଜରୁରୀ ଅଟେ । ଏକୁଟିଆ ଭୋର ଓ ସନ୍ଧ୍ୟା ସମୟରେ ଭାଲୁ ପ୍ରବେଶ ସ୍ଥାନକୁ ପରିଭ୍ରମଣ ନ କରିବା । ଏବିଷୟରେ ଯେତେ ସମ୍ଭବ ଜନ ସଚେତନତା ସୃଷ୍ଟି କରିବା ଦରକାର ।



- ଭୋର ସମୟରେ ମହୁଲ ଗଛ ତଳକୁ ନ ଯାଇ, ଖରା ହେଲେ ଫୁଲ ଗୋଟେଇବାକୁ ଗଛ ତଳକୁ ଯିବା ।
- ଭାଲୁ ଓ ମଣିଷ ସଂଘର୍ଷ ହୋଇଥିବା ସ୍ଥାନରେ ଜନଗହଳି ରୋକିବା ଦରକାର ।
- ଭାଲୁକୁ ରାସାୟନିକ ପଦ୍ଧତି ସାହାଯ୍ୟରେ ଅକ୍ତିଆର କରିବା ।

## ମଣିଷ-ମାଙ୍କଡ଼ ସଂଘର୍ଷ (Human –Monkey Conflict)

ଓଡ଼ିଶାରେ ୩ଟି ଜାତିର ମାଙ୍କଡ଼ ଦେଖାଯାଆନ୍ତି । ଯଥା; ହନୁମାଙ୍କଡ଼ (Hanuman langur), ପାତି ମାଙ୍କଡ (Rhesus macaque) ଓ ଜାତି ମାଙ୍କଡ଼ (Bonnet macaque) । ଜାତି ମାଙ୍କଡ଼ କେବଳ ମାଲକାନଗିରି ଆଖପାଖ ଅଞ୍ଚଳରେ ଦେଖାଯାଇଥାନ୍ତି । ପ୍ରାୟତଃ ମଣିଷର ସଂଘର୍ଷ ହନୁମାଙ୍କଡ଼ ଓ ପାତି ମାଙ୍କଡ଼ଙ୍କ ସହ ବହୁମାତ୍ରାରେ ଦେଖିବାକୁ ମିଳିଥାଏ । ଏହି ସଂଘର୍ଷ ମୁଖ୍ୟତଃ ଦୁଇଟି ପ୍ରସଙ୍ଗରେ ହୋଇଥାଏ । ପ୍ରଥମତଃ ମାଙ୍କଡ଼ମାନେ ଗ୍ରାମ ଓ ଅର୍ଦ୍ଧ-ସହରାଞ୍ଚଳରେ ଖାଦ୍ୟଶସ୍ୟ ନଷ୍ଟ କରିବା ଯୋଗୁଁ ହିଁ ଏହି ସମସ୍ୟା ଉପୁଜିଥାଏ । ଦ୍ୱିତୀୟତଃ ମାଙ୍କଡ଼ମାନେ ସହରାଞ୍ଚଳରେ ପଣି ଦୋକାନ, ରେଷ୍ଟୁରାଣ୍ଟ ଇତ୍ୟାଦିରେ ଖାଦ୍ୟପାଇଁ ଉପଦ୍ରବ କରିଥାନ୍ତି ।

### ମଣିଷ-ମାଙ୍କଡ଼ ସଂଘର୍ଷର ସମାଧାନ

ଓଡ଼ିଶାରେ ଅଧିକାଂଶ ଚାଷୋପଯୋଗୀ ଜମି, ଗ୍ରାମ କିମ୍ବା ଅର୍ଦ୍ଧ-ସହରାଞ୍ଚଳରେ ଦେଖାଯାଏ ଏବଂ ସେଥିପାଇଁ ଏହିସବୁ ଅଞ୍ଚଳରେ ପାତି ଓ ହନୁମାଙ୍କଡ଼ ଦ୍ୱାରା ଫସଲ ନଷ୍ଟ ଏକ ପ୍ରମୁଖ ସମସ୍ୟା ଉପୁଜିଥାଏ । ଖାଦ୍ୟଶସ୍ୟ ଯଥା-ଧାନ, ବାଜରା, ମକା, ଡାଲି, ବାଦାମ, ବାଇଗଣ, ଆଳୁ , କାକୁଡ଼ି ଓ ଅନ୍ୟାନ୍ୟ ପନିପରିବା କ୍ରମାଗତ ଭାବେ ମାଙ୍କଡ଼ ଦଳ ଦ୍ୱାରା ନଷ୍ଟ ହୋଇଥାଏ । ଯାହା ଫଳରେ ସାଧାରଣ ଲୋକ ଓ ଚାଷୀମାନେ ବହୁତ କ୍ଷତି ସହିଥାନ୍ତି । ତେଣୁ, ଏହି ସବୁ ସମସ୍ୟାର ସମାଧାନ ପାଇଁ କେତେକ ବିହିତ ପଦକ୍ଷେପ ନେବା ଉଚିତ୍ ।



- **ସ୍ୱାଦବିହୀନ ଶସ୍ୟକୁ ବିକଳ୍ପଭାବେ ଚାଷ-** ଯେଉଁ ଅଞ୍ଚଳରେ ମାଙ୍କଡ଼ ମାନଙ୍କର ଉପଦ୍ରବ ଅଧିକ ସେଠାରେ ବିଭିନ୍ନ ପ୍ରକାର ଲଙ୍କା, ଅଦା, ହଳଦୀ, କମଳା, ଲେମ୍ବୁ ଇତ୍ୟାଦି ଚାଷ କରିବା ଆବଶ୍ୟକ ।

- **ପହରାଦେବା ବା ମାଙ୍କଡ଼କୁ ଘୋଉଡ଼ାଇବା-** ମାଙ୍କଡ଼ ଉପଦ୍ରବ ସ୍ଥାନରେ ମାଙ୍କଡ଼ମାନଙ୍କୁ ଘୋଉଡ଼ାଇବା ଉଚିତ । ବିଶେଷ କରି ବାଣ, ଡ୍ରମ ଆଦି ବଜାଇ ମାଙ୍କଡଙ୍କୁ ତଡ଼ିବା ଉଚିତ୍ । ତାଲିମ୍ ପ୍ରାପ୍ତ କୁକୁରକୁ ମଧ୍ୟ ଏହି କାମରେ ନିୟୋଜନ କରାଯାଇ ପାରିବ ।

- **ତାର ବାଡ଼ ବ୍ୟବସ୍ଥା-** ଯେଉଁଠି ହନୁମାଙ୍କଡ଼ ଉପଦ୍ରବ ବେଶୀ ମାତ୍ରାରେ ଦେଖାଯାଉଥିବ, ସେହି ଶସ୍ୟକ୍ଷେତ୍ରକୁ ତାରବାଡ଼ ଦ୍ୱାରା ଆବଦ୍ଧ କରାଯାଇପାରିବ ।

- **ସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ-** ବନ୍ଧ୍ୟାକରଣ ଓ ଏଲିମିନେସନ୍ ପଦ୍ଧତି ମାଧ୍ୟମରେ ମାଙ୍କଡ଼ମାନଙ୍କର ସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରାଯାଇପାରିବ । କିନ୍ତୁ ଏହିସବୁ କାର୍ଯ୍ୟ ତାଲିମ ପ୍ରାପ୍ତ ଅଧିକାରୀଙ୍କ ଉପସ୍ଥିତିରେ ହେବା ଜରୁରୀ ଅଟେ ।

- **ମାଙ୍କଡ଼ଙ୍କୁ ଖୁଆଇବା ନିଷେଧ-** ଆଜିକାଲି ବହୁ ଜାଗାରେ ମାଙ୍କଡ଼ମାନଙ୍କୁ ଖାଇବା ଦେବାର ଦେଖାଯାଏ । କିନ୍ତୁ ଏହିସବୁ କାର୍ଯ୍ୟକୁ ବନ୍ଦ କରିବା ନିତ୍ୟାନ୍ତ ଜରୁରୀ ଅଟେ, ଖାଦ୍ୟ ଖୁଆଇବା ଦ୍ୱାରା ମାଙ୍କଡ଼ମାନେ ରାସ୍ତା ଉପରକୁ ଆସନ୍ତି, ଯାହାଦ୍ୱାରା ଗାଡ଼ି ସହ ଧକ୍କା ହୋଇ ମୃତ୍ୟୁ ମୁଖରେ ପଡ଼ିଥାନ୍ତି ।

- **ସଚେତନତା ସୃଷ୍ଟି କରିବା-** ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦରକାର । ପ୍ରତିଫଳକ ମାଧ୍ୟମରେ ମାଙ୍କଡ଼ର ଉପସ୍ଥିତି ଓ କଣ ସବୁ ବିହିତ ପଦକ୍ଷେପ ନେଇପାରିବା ସେ ବିଷୟରେ ଉଲ୍ଲେଖ ରହିବା ଉଚିତ୍ । ଯଦି ପରିସ୍ଥିତି ଅଣଆୟତଃ ହୋଇଥାଏ, ତାହାହେଲେ ରାସାୟନିକ ପଦ୍ଧତି ମାଧ୍ୟମରେ ମାଙ୍କଡ଼ଙ୍କୁ କାବୁ କରି ଅନ୍ୟ ସ୍ଥାନରେ ଛାଡ଼ିବାର ବ୍ୟବସ୍ଥା କରାଯାଇପାରିବ ।

## ପରିବେଶରେ ସ୍ତନ୍ୟପାୟୀ ପ୍ରାଣୀଙ୍କର ଭୂମିକା

ଜୀବଜଗତରେ ସ୍ତନ୍ୟପାୟୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ସଭ୍ୟତାର ଆରମ୍ଭରୁ ମଣିଷ ସମାଜ ସହ ଏମାନଙ୍କର ସମ୍ପର୍କ ଅତି ନିବିଡ଼ । ପୁରାତନ କାଳରୁ ସ୍ତନ୍ୟପାୟୀ ପ୍ରାଣୀମାନେ ପରିବେଶ ସହ ଭିନ୍ନ ଭିନ୍ନ ବାସସ୍ଥାନରେ ନିଜର ଜୀବନ ପ୍ରକ୍ରିୟା ମାଧ୍ୟମରେ ଉଭୟ ପ୍ରକୃତି ଓ ପରିବେଶ ସହ ଜଡ଼ିତ । ନିମ୍ନରେ ଆମେ ସେ ବିଷୟରେ ଅଧିକ ଜାଣିବା ।

### ଗୃହପାଳିତ ସ୍ତନ୍ୟପାୟୀ (Domestic Mammals)

ସଭ୍ୟତାର ଆରମ୍ଭରୁ ମଣିଷ ବିଭିନ୍ନ କାର୍ଯ୍ୟ ପାଇଁ କୁକୁର, ଛେଳି, ଗାଈ, ମେଣ୍ଢା, ମଇଁଷି ଆଦି ପ୍ରାଣୀମାନଙ୍କୁ ଘରେ ପାଳିଥାନ୍ତି । ଏହି ସ୍ତନ୍ୟପାୟୀପ୍ରାଣୀମାନେ ପରିବହନ, କୃଷିକାର୍ଯ୍ୟ, ଖାଦ୍ୟ, କପଡ଼ା ଆଦି ଅତ୍ୟାବଶ୍ୟକୀୟ ଅଭାବ ପୂରଣ କରିଥାନ୍ତି । ଅଧିକାଂଶ ଗୃହପାଳିତ ପଶୁ କ୍ଷୀର, ମାଂସ ଆଦି ନିତ୍ୟାନ୍ତ ଜରୁରୀ ଜିନିଷ ଯୋଗାଇଥାନ୍ତି ।

### କୃଷିକ୍ଷେତ୍ରରେ (In agriculture)

ମଇଁଷି, ବଳଦ ଆଦି ହଳ କରିବାରେ ସାହାଯ୍ୟ କରିଥାନ୍ତି । ଏମାନଙ୍କର ଗୋବର କୃଷି ପାଇଁ ଜୈବିକ ସାର ଓ ଜାଳେଣି ଭାବେ ବ୍ୟବହାର ହୋଇଥାଏ । ନେଉଳ ଭଳି କିଛି ଛୋଟ ମାଂସାଶୀ ପ୍ରାଣୀ ଜମିରୁ ମୂଷା ମାରି ଚାଷ କ୍ଷତିରୁ ରକ୍ଷା କରିଥାନ୍ତି । ସେହିପରି ଚୁଚୁନ୍ଦ୍ରା ମଧ୍ୟ ଚାଷଜମିରୁ କୀଟପତଙ୍ଗ ଧରି ଖାଇଥାଏ ।

### ପରାଗସଙ୍ଗମରେ (Pollination)

ଗଛରେ ବାସ କରୁଥିବା ସ୍ତନ୍ୟପାୟୀ ଯଥା- ବାଦୁଡ଼ି, ଗୁଣ୍ଡୁଚିମୂଷା, ମାଙ୍କଡ଼, ଆଦି ଖାଦ୍ୟ ପାଇଁ ଗୋଟିଏ ଗଛରୁ ଅନ୍ୟଗଛକୁ ଯାଇଥାନ୍ତି । ସେହି ସମୟରେ ଗଛର ପରାଗଣ ହୋଇଥାଏ ଓ ଫୁଲ ଫଳ ଧରିଥାଏ ।

### ବୀଜ ବିକ୍ଷେପଣ (Seed dispersal)

ଜଙ୍ଗଲରେ କିଛି ତୃଣଭୋଜୀ, ମାଙ୍କଡ଼, ବାଦୁଡ଼ି, ଆଦି ବିଭିନ୍ନ ଫଳ ଖାଇ ମଞ୍ଜି ଏଣେତେଣେ ପକାଇଥାନ୍ତି । ହାତୀର ପାଦ ଚଲା ରାସ୍ତାରେ ମଞ୍ଜିର ଅଙ୍କୁରୋଦ୍ଗମ ହୋଇଥାଏ । ଏହିପରି ଭାବରେ ବୃକ୍ଷରୋପଣରେ ସ୍ତନ୍ୟପାୟୀ ପ୍ରାଣୀ ମାନେ ସାହାଯ୍ୟ କରିଥାନ୍ତି ।

## ପଚାସଢ଼ା ଜିନିଷ (Scavengers)

ହେଟାବାଘ ଓ ବିଲୁଆ ପଚାସଢ଼ା ମାଂସ ଖାଇ ପରିବେଶ ସଫା ରଖନ୍ତି । ଘୁଷୁରୀ ମଧ୍ୟ ଗାଁ ଓ ସହରର ଅଳିଆ ଆବର୍ଜନା ଖାଇ ସଫା କରିଥାଏ ।

ବିଭିନ୍ନ ପ୍ରାଣୀ ଉଦ୍ୟାନରେ ବାଘ, ଭାଲୁ, ସିଂହ, ହାତୀ ଆଦି ରଖାଯାଇ ଉଭୟ ଶିକ୍ଷା, ପର୍ଯ୍ୟଟନ, ମନୋରଞ୍ଜନ କ୍ଷେତ୍ରରେ ବହୁତ ଭୂମିକା ଗ୍ରହଣ କରିଥାଏ । ବୈଜ୍ଞାନିକମାନେ ଗବେଷଣା କରିବା ପାଇଁ ମୂଷା, ଘୁଷୁରୀ, ଠେକୁଆ, ମାଙ୍କଡ଼ ଆଦିର ବ୍ୟବହାର କରିଥାନ୍ତି । ଶିକ୍ଷାନୁଷ୍ଠାନର ବିଜ୍ଞାନ ବିଭାଗରେ ଏମାନଙ୍କର ସଂରକ୍ଷିତ ମୃତ ଶରୀର ଛାତ୍ର ଛାତ୍ରୀଙ୍କ ଜ୍ଞାନ ଆହରଣରେ ବିଶେଷ ସହାୟକ ହୋଇଥାଏ ।




ପରିବେଶରେ ସ୍ତନ୍ୟପାୟୀ ପ୍ରାଣୀଙ୍କର ଭୂମିକା

## କୌତୂହଳପୂର୍ଣ୍ଣ ତଥ୍ୟ

- ଜୀବଜଗତର ସବୁ ପ୍ରାଣୀ ମଧ୍ୟରେ ସ୍ତନ୍ୟପାୟୀ ପ୍ରାଣୀ ଅଧିକ ବୁଦ୍ଧିମାନ ହୋଇଥାଏ ।
- ପୃଥିବୀରେ ଦେଖାଯାଉଥିବା ସମସ୍ତ ସ୍ତନ୍ୟପାୟୀ ପ୍ରାଣୀ ମଧ୍ୟରେ Rodents ମାନଙ୍କ ସଂଖ୍ୟା ଅଧାରୁ ଅଧିକ ।
- ନୀଳତିମି (Blue whale) ପୃଥିବୀର ସବୁଠାରୁ ବଡ଼ ସ୍ତନ୍ୟପାୟୀ ପ୍ରାଣୀ । ଚୁଚୁନ୍ଦ୍ରା (Etruscan shrew) ସବୁଠାରୁ ଛୋଟ ସ୍ତନ୍ୟପାୟୀ ପ୍ରାଣୀ ।
- ପ୍ଲାଟିପସ୍ ଓ Echidnas ମାନେ କେବଳ ଅଣ୍ଡାଦାନ କରୁଥିବା ସ୍ତନ୍ୟପାୟୀ ପ୍ରାଣୀ
- ବାଦୁଡ଼ି ଉଡ଼ିପାରୁଥିବା ସ୍ତନ୍ୟପାୟୀ ପ୍ରାଣୀ ।
- ମେରୁ ଅଞ୍ଚଳରେ ଥିବା ଭାଲୁ ମାନଙ୍କର ଚର୍ମ ପ୍ରକୃତରେ କଳା ହୋଇଥାଏ, କିନ୍ତୁ ଏମାନେ ଧଳା ଦେଖାଯାଆନ୍ତି ।
- ଚୁଚୁନ୍ଦ୍ରାମାନେ ପ୍ରତି ଦୁଇ ଘଣ୍ଟାରେ ଥରେ ଖାଇଥାନ୍ତି ।
- ହାତୀ ଦିନକୁ ୧୫୦ ଲିଟର ପାଣି ପିଇଥାଏ ଓ ୪୦୦-୪୫୦ କି.ଗ୍ରା ପର୍ଯ୍ୟନ୍ତ ଖାଦ୍ୟ ଖାଇଥାଏ ।
- ଫଳ ଖାଉଥିବା ବାଦୁଡ଼ି (Fruit bats) ପ୍ରତି ୧୨ମିନିଟ୍‌ରେ ଗୋଟିଏ ଫଳ ଖାଏ ଓ ହଜମ କରିଦେଇଥାଏ । ସେହି ଭଳି ଛୋଟ ଚେମେଣି ଗୋଟିଏ ସନ୍ଧ୍ୟାରେ ପାଖାପାଖି ୧,୫୦,୦୦୦ ମଶା ଖାଇଥାଏ ।
- ହାତୀ ସ୍ଥଳଭାଗରେ ଦେଖାଯାଉଥିବା ସବୁଠାରୁ ବଡ଼ ଜୀବ ।
- ଗୋଟିଏ ଛୁଆହାତୀ ଜନ୍ମର ୨୦ ମିନିଟ୍ ପରେ ଛିଡ଼ା ହୋଇପାରେ ।
- **ପ୍ଲାଟିପସ୍** ଗୋଡ଼ରେ ବିଷାକ୍ତ କଣ୍ଟା (Venomous spur) ଥାଏ ।
- ଚିତା ସବୁଠାରୁ ଦ୍ରୁତ ବେଗରେ (୧୨୦ କି.ମି ପ୍ରତି ଘଣ୍ଟାରେ) ଦୌଡ଼ିପାରୁଥିବା ପ୍ରାଣୀ ।
- Vampire ବାଦୁଡ଼ିମାନେ ଅନ୍ୟ ଜୀବର ରକ୍ତ ଶୋଷି ଖାଇଥାନ୍ତି । ସେମାନଙ୍କୁ Sanguivores ମଧ୍ୟ କହନ୍ତି ।

# ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କର ସାଧାରଣ ଗଠନ

## ବାହ୍ୟ ଗଠନ
External Feature




## ଆଭ୍ୟନ୍ତରୀଣ ଗଠନ
Internal Feature







# ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ବର୍ଣ୍ଣନା

# ହନୁ ମାଙ୍କଡ଼ | Hanuman Langur *(Semnopithecus entellus)*



ଏମାନଙ୍କର ଆକାର ମଧ୍ୟମ ଧରଣର । ଶରୀରର ରଙ୍ଗ ଧୂସର ହୋଇଥିବାବେଳେ, କାନ ଓ ମୁହଁ ଲୋମାବୃତ ହୋଇଥାଏ । ମୁହଁର ରଙ୍ଗ କଳା ଅଟେ । ଲମ୍ବା ଲାଙ୍ଗୁଡ଼ ମଧ୍ୟ ଥାଏ । ଅଣ୍ଡିରା ଓ ମାଈ ମାଙ୍କଡ଼ର ହାରାହାରି ଓଜନ ୯-୧୮ କି.ଗ୍ରା. ହୋଇଥାଏ । ଶରୀରର ଲମ୍ବ ୫୫-୭୫ ସେ.ମି. ହୋଇଥାଏ । ଏମାନେ ନିଜର ଛୋଟ ପିଲା ସହ ଦଳ (Troop) ରେ ରହିଥାନ୍ତି । ଗୋଟିଏ ଦଳରେ ଜଣେ ଅବା ଅଳ୍ପ କିଛି ଅଣ୍ଡିରା, ବାକି ସବୁ ମାଈ ଓ ଛୁଆ ମାଙ୍କଡ଼ ଥାନ୍ତି ।

**ବାସସ୍ଥାନ-** ଏହି ଜାତି ଭାରତରେ ପ୍ରାୟ ସବୁ ସ୍ଥାନରେ ଦେଖାଯାଏ । ଏମାନେ ଗଛରେ ବାସ କରନ୍ତି ଏବଂ ଜନବସତି ଓ ଚାଷଜମି ପାଖରେ ଦେଖିବାକୁ ମିଳନ୍ତି ।

**ଖାଦ୍ୟ-** ଏମାନେ ତୃଣଭୋଜୀ ପ୍ରାଣୀ । ବିଭିନ୍ନ ଗଛର ପତ୍ର, ଫଳ, କାଣ୍ଡ, ପନିପରିବା, ମଞ୍ଜି, ବାଦାମ ଇତ୍ୟାଦିକୁ ନିଜର ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ଗର୍ଭଧାରଣ ସମୟ ପ୍ରାୟ ୧୯୦-୨୦୦ ଦିନ ହୋଇଥାଏ । ସାଧାରଣତଃ ମାଈ ମାଙ୍କଡ଼ ଗୋଟିଏ ଶିଶୁକୁ ଜନ୍ମ ଦେଇଥାଏ ।

**ଆୟୁଷ-** ହାରାହାରି ୨୦ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ** - ଅଧିକ ଜଙ୍ଗଲ ସୃଷ୍ଟି କରାଗଲେ ଏମାନେ ଜନବସତି ଠାରୁ ଦୂରରେ ଏବଂ ଭଲରେ ରହିପାରିବେ । ଲୋକମାନେ ରାସ୍ତାରେ ମାଙ୍କଡ଼ ମାନଙ୍କୁ ଖାଦ୍ୟ ଦେବା ଅଭ୍ୟାସ ବନ୍ଦ କରିବା ଉଚିତ୍ ।

**ତୁମେ ଜାଣିଛ କି ?**

ମଣିଷ ମାନଙ୍କ ପରି ଏମାନେ ଖୁବ୍ ବୁଦ୍ଧିମାନ ପ୍ରାଣୀ ଅଟନ୍ତି । ମନୁଷ୍ୟମାନଙ୍କୁ ବିଭିନ୍ନ ପ୍ରକାର ରୋଗ ଏହି ପ୍ରଜାତି ଠାରୁ ହିଁ ଉତ୍ପନ୍ନ ହୋଇଥିଲା ବୋଲି ବିଶ୍ୱାସ କରାଯାଏ ।

# ପାତି ମାଙ୍କଡ଼ | Rhesus Macaque *(Macaca mulatta)*



ମଣିଷ ସହିତ ଘନିଷ୍ଠତା ମଧ୍ୟରେ ବାସ କରୁଥିବା ସବୁ ପ୍ରାଣୀମାନଙ୍କ ମଧ୍ୟରେ ଏହି ପ୍ରଜାତି ଗୁଡିକର ସଂଖ୍ୟା ଖୁବ୍ ବେଶୀ ହୋଇଥାଏ। ଶରୀରର ରଙ୍ଗ ବାଦାମୀ କିମ୍ବା ଧୂସର, ମୁହଁର ରଙ୍ଗ ଗୋଲାପୀ ହୋଇଥିବାବେଳେ ମଧ୍ୟମ ଆକାରର ଏକ ଲାଞ୍ଜ ଥାଏ। ଅଣ୍ଡିରା ମାଙ୍କଡ଼ର ଲମ୍ବ ପ୍ରାୟ ୪୮-୬୩ ସେ.ମି. ହୋଇଥିବାବେଳେ ମାଇ ମାଙ୍କଡ଼ର ଲମ୍ବ ପ୍ରାୟ ୪୭-୫୩ ସେ.ମି ହୋଇଥାଏ । ଅଣ୍ଡିରା ଓ ମାଇ ମାଙ୍କଡ଼ର ଓଜନ ଯଥାକ୍ରମେ ୭.୭ ରୁ ୮.୬ କି.ଗ୍ରା ଓ ୫.୩- ୭.୭ କି.ଗ୍ରା ହୋଇଥାଏ।

**ବାସସ୍ଥାନ** - ଏହି ମାଙ୍କଡ଼ ପ୍ରଜାତି ବିଶେଷ କରି ମନ୍ଦିର ଚାରିପାଖ, ସହରାଞ୍ଚଳ, ଗ୍ରାମାଞ୍ଚଳ, ପୋଖରୀ ପାଖ, ରାସ୍ତା, କେନାଲ ଓ ଜଙ୍ଗଲରେ ବାସ କରିଥାନ୍ତି।

**ଖାଦ୍ୟ** - ସେମାନେ ପ୍ରାୟ ଗଛର ମୂଳ, ଫଳ, କଦଳୀ, ଶସ୍ୟ ଓ ପନି ପରିବା ଖାଇଥାନ୍ତି। କେବେ କେବେ ଉଈ, ପିମ୍ପୁଡ଼ି, ପଙ୍ଗପାଳକୁ ମଧ୍ୟ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି।

**ପ୍ରଜନନ** - ମାଇମାନେ ପ୍ରାୟ ୪ ବର୍ଷ ବୟସରେ ପ୍ରଜନନ କ୍ଷମତା ଧାରଣ କରନ୍ତି। ଗର୍ଭଧାରଣ ସମୟ ୧୬୦-୧୮୦ ଦିନ ପର୍ଯ୍ୟନ୍ତ ହୋଇଥାଏ। ଏହି ପ୍ରାଣୀମାନେ ଥରକରେ ଗୋଟିଏ ଶିଶୁକୁ ଜନ୍ମ ଦେଇଥାନ୍ତି।

**ଆୟୁଷ**- ହାରାହାରି ଜୀବନକାଳ ପ୍ରାୟ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ହୋଇଥାଏ।

**ସଂରକ୍ଷଣ ପଦକ୍ଷେପ**- ଲୋକମାନେ ରାସ୍ତାରେ ଅବା ମନ୍ଦିରରେ ମାଙ୍କଡ ମାନଙ୍କୁ ଖାଦ୍ୟ ଦେବା ଅଭ୍ୟାସ ବନ୍ଦ କରିବା ଉଚିତ୍।

**ତୁମେ ଜାଣିଛ କି ?**

ମଣିଷ ମାନଙ୍କ ପରି ଏମାନେ ଖୁବ୍ ବୁଦ୍ଧିମାନ ପ୍ରାଣୀ ଅଟନ୍ତି। ମନୁଷ୍ୟମାନଙ୍କୁ ବିଭିନ୍ନ ପ୍ରକାର ରୋଗ ଏହି ପ୍ରଜାତି ଠାରୁ ହିଁ ଉତ୍ପନ୍ନ ହୋଇଥିଲା ବୋଲି ବିଶ୍ୱାସ କରାଯାଏ ।

# ହାତୀ | Elephant
## *(Elephas maximus)*

ସ୍ଥଳଭାଗରେ ବିଚରଣ କରୁଥିବା ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ହାତୀ ହେଉଛି ବୃହତ୍ତମ ପ୍ରାଣୀ ଯାହାକି ଏସିଆର ଦକ୍ଷିଣ ପୂର୍ବ ଅଞ୍ଚଳରେ ଦେଖାଯାଏ। ଏହାର ଲମ୍ବ ୧୮-୨୧ ଫୁଟ୍ ଏବଂ ଓଜନ ପ୍ରାୟ ୨୦୦୦-୫୦୦୦ କି.ଗ୍ରା. ପର୍ଯ୍ୟନ୍ତ ହୋଇଥାଏ। ପାଟି ଭିତରେ ଦାନ୍ତ ଥାଏ ଓ ଅଣ୍ଡିରା ମାନଙ୍କର ଦୁଇଟି ବଡ଼ କର୍ତ୍ତନ ଦାନ୍ତ (Tusk) ବାହାରି ଥାଏ। ହାତୀମାନଙ୍କ ଦୃଷ୍ଟି ଶକ୍ତି ଅତ୍ୟନ୍ତ କମ୍ ହୋଇଥାଏ। କିନ୍ତୁ ଆଘ୍ରାଣ ଓ ଶ୍ରବଣ ଶକ୍ତି ଖୁବ୍ ତୀବ୍ର ଓ ବିକଶିତ ହୋଇଥାଏ। ଶରୀରର ଚମଡ଼ା ବହୁତ ମୋଟା ହୋଇଥାଏ। ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ହାତୀ ସବୁଠାରୁ ବୁଦ୍ଧିମାନ ପ୍ରାଣୀ।



**ବାସସ୍ଥାନ-** ଜଙ୍ଗଲରେ ଦଳ ଦଳ ହୋଇ ଅଣ୍ଡିରା, ମାଈ ଓ ଛୁଆ ହାତୀ ରହିଥାନ୍ତି।

**ଖାଦ୍ୟ-** ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଓ ପାଣି ପାଇବା ପାଇଁ ହାତୀମାନେ ବହୁତ ଦୂରତା ଅତିକ୍ରମ କରିପାରନ୍ତି। ଏମାନେ ଗଛର ଡ଼ାଳ, ପତ୍ର, ଫଳ, କ୍ଷେତରୁ ଶସ୍ୟ ଆଦି ବହୁତ ମାତ୍ରାରେ ଖାଇଥାନ୍ତି।

**ପ୍ରଜନନ-** ଜୀବନକାଳ ମଧ୍ୟରେ ୪ଟି ଶାବକ ଜନ୍ମ କରିପାରନ୍ତି। ମାଈ ହାତୀମାନେ ୨୨ ମାସ ଗର୍ଭଧାରଣ କରିଥାନ୍ତି, ଯାହାକି ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଦିନ ହୋଇଥାଏ।

**ଆୟୁଷ-** ବନ୍ୟପ୍ରାଣୀମାନଙ୍କ ମଧ୍ୟରେ ଏମାନେ ସର୍ବାଧିକ ୭୦ ବର୍ଷ ପର୍ଯ୍ୟନ୍ତ ବଞ୍ଚି ପାରନ୍ତି।

**ସଂରକ୍ଷଣ ପଦକ୍ଷେପ-** ହାତୀର ଚଲାପଥ (Corridor) ର ସୁରକ୍ଷା ଦେବା ଉଚିତ। ଯେମିତିକି ହାତୀ ଚଲାପଥ ଉପରେ Underpass ରାସ୍ତା ହେବା ଦରକାର। ହାତୀର ସୁରକ୍ଷା ପାଇଁ ଲୋକମାନଙ୍କୁ ସଚେତନ କରିବା ଉଚିତ୍।

**ତୁମେ ଜାଣିଛ କି ?**

ହିନ୍ଦୁ ପୁରାଣ ଅନୁଯାୟୀ, ଦେବତା ଓ ଅସୁରମାନେ ଅମୃତ ସନ୍ଧାନ କରିବା ପାଇଁ ଯେତେବେଳେ ସମୁଦ୍ର ମନ୍ଥନ କରିଥିଲେ, ସେଥିରୁ ନଅଟି ଅଳଙ୍କାର ବାହାରିଥିଲା ଯାହା ମଧ୍ୟରୁ ହାତୀ ଅନ୍ୟତମ ଥିଲା। ହିନ୍ଦୁ ଧର୍ମରେ ସମସ୍ତ ପୂଜା ପୂର୍ବରୁ ଗଣେଶ ଭଗବାନଙ୍କୁ ପୂଜା କରାଯାଏ, ଯାହାଙ୍କର ମୁଣ୍ଡ ହାତୀ ମୁଣ୍ଡ ଅଟେ।

# ଗୁରାଣ୍ଡି | Indian Mouse deer

*(Moschiola indica)*



ଏହା ଭାରତର କ୍ଷୁଦ୍ରତମ ହରିଣ ଜାତି । ଶରୀରର ରଙ୍ଗ ସବୁଜ-ବାଦାମୀ ହୋଇଥାଏ । ପିଠି ଉପରେ କାନ୍ଧ ଠାରୁ ଧଳା ଛିଟ ଦାଗ ଥାଏ । ମୁହଁ ଓ ମୁଣ୍ଡ ଦେଖିବା ପାଇଁ କଳା ବାଦାମୀ ହୋଇଥାଏ । ଗୋଡ଼ର ରଙ୍ଗ କଳା ଧୂସର ହୋଇଥାଏ । ଏମାନଙ୍କର ଶିଙ୍ଘ ନ ଥାଏ । ପାଟିରେ ବଡ଼ କର୍ତ୍ତନ ଦାନ୍ତ ଥାଏ । ଶରୀରର ଲମ୍ବ ୫୫-୫୯ ସେ.ମି. ଓ ହାରାହାରି ଓଜନ ୨-୪ କି.ଗ୍ରା. ହୋଇଥାଏ ।

**ବାସସ୍ଥାନ-** ସାଧାରଣତଃ ପତଳା ଓ ଚିରହରିତ ଜଙ୍ଗଲରେ ଏମାନେ ବାସ କରିଥାନ୍ତି । ଗଛର କୋରଡ଼ରେ ନିଜର ବାସସ୍ଥଳୀ କରିଥାଆନ୍ତି ।

**ଖାଦ୍ୟ-** ଏମାନେ ତୃଣଭୋଜୀ ଏବଂ ଗଛର ପତ୍ର ଓ ତଳେ ପଡ଼ିଥିବା ଫଳ ଖାଇଥାନ୍ତି ।

**ପ୍ରଜନନ-** ଗର୍ଭଧାରଣ ସମୟ ୫-୬ ମାସ ହୋଇଥାଏ ।

**ଆୟୁଷ-** ହାରାହାରି ୧୪ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ଜଙ୍ଗଲ ନିଆଁ ରୋକିବା ଓ କୃତ୍ରିମ ପ୍ରଜନନ ଦ୍ୱାରା ଏମାନଙ୍କର ସଂରକ୍ଷଣ କରାଯାଇପାରିବ ।

**ତୁମେ ଜାଣିଛ କି ?**

ଏମାନେ ପ୍ରକୃତ ମୂଷା କିମ୍ବା ହରିଣ ନୁହଁନ୍ତି । ଏମାନେ ପାଣିରେ ମଧ୍ୟ ପହଁରି ପାରନ୍ତି ।

# କୁଟୁରା | Barking deer
## *(Muntiacus vaginalis)*



ଏହି ପ୍ରଜାତିର ପ୍ରାଣୀମାନଙ୍କର ଶରୀର ସାମାନ୍ୟ ଲାଲ ରଙ୍ଗର ହୋଇଥାଏ । ତଳ ଭାଗ ଧଳା କିମ୍ବା ସାମାନ୍ୟ ଧୂସର ରଙ୍ଗର ହୋଇଥାଏ । ଏହାର ଅଗ୍ରଭାଗ ପଛ ଅଙ୍ଗ ଠାରୁ ଲମ୍ବା ହୋଇଥାଏ । ସାଧାରଣତଃ ସେମାନେ ଓଡିଶାର ପାହାଡ଼ିଆ, ଚିରସବୁଜ ଜଙ୍ଗଲରେ ରହିବାକୁ ପସନ୍ଦ କରନ୍ତି । ଅଣ୍ଡିରା କୁଟୁରାର ଛୋଟ ଶିଙ୍ଘ ବିକଶିତ ହୋଇଥାଏ । ମାତ୍ର ମାଈ କୁଟୁରାର କୌଣସି ଶିଙ୍ଘ ନ ଥାଏ । ଦୂରରୁ ସେମାନଙ୍କର ଡ଼ାକ କୁକୁରର ଭୁକିବା ପରି ଶୁଣାଯାଏ ।

**ବାସସ୍ଥାନ-** ସାଧାରଣତଃ ପତଳା ଓ ଚିରହରିତ ଜଙ୍ଗଲରେ ଏମାନେ ବାସ କରିଥାନ୍ତି ।

**ଖାଦ୍ୟ-** ଏମାନେ ସାଧାରଣତଃ ଘାସ, ଫଳ ଇତ୍ୟାଦି ଖାଇଥାନ୍ତି ।

**ପ୍ରଜନନ-** ଗର୍ଭଧାରଣର ସମୟ ୬-୭ ମାସ ହୋଇଥାଏ । ଏହି ପ୍ରାଣୀମାନେ ଥରକରେ ଗୋଟିଏ କିମ୍ବା ଦୁଇଟି ଶାବକକୁ ଜନ୍ମ ଦେଇଥାନ୍ତି ।

**ଆୟୁଷ-** ହାରାହାରି ୧୮ ବର୍ଷ ବୟସ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ଜଙ୍ଗଲ ନିଆଁ ରୋକିବା ଦ୍ୱାରା ଏମାନଙ୍କର ସଂରକ୍ଷଣ କରାଯାଇପାରିବ ।

**ତୁମେ ଜାଣିଛ କି ?**

ଜଙ୍ଗଲରେ ଏମାନଙ୍କର ଶବ୍ଦ କୁକୁର ଭୁକିବା ଭଳି ଶୁଣାଯାଇଥାଏ ।

# ହରିଣ | Chital *(Axis axis)*



ଏହା ହେଉଛି ସବୁଠାରୁ ସାଧାରଣ ହରିଣ ଓ ପ୍ରାୟତଃ ସବୁ ଜଙ୍ଗଲରେ ଦେଖାଯାଉଥିବା ସ୍ତନ୍ୟପାୟୀ ପ୍ରାଣୀ । ଶରୀରର ରଙ୍ଗ ନାଲି-ବାଦାମୀ, ଦେହରେ ଧଳା ଛିଟ ଦାଗ ଉଭୟ ଅଣ୍ଡିରା ଓ ମାଈ ହରିଣର ଥାଏ । ଗଳାରେ ଧଳା ଦାଗ ଥାଏ । ଛୋଟ ଲାଞ୍ଜ ଓ ଲମ୍ୱା କାନ ଥାଏ । ଶରୀରରେ ଲମ୍ୱ ୧୪୦-୧୫୫ ସେ.ମି. ଓ ଅଣ୍ଡିରା ହରିଣର ହାରାହାରି ଓଜନ ୭୦-୮୫ କି.ଗ୍ରା. ହୋଇଥିବାବେଳେ, ମାଈ ହରିଣର ୪୫-୬୦ କି.ଗ୍ରା. ପର୍ଯ୍ୟନ୍ତ ହୋଇଥାଏ । ଅଣ୍ଡିରା ହରିଣର ଶିଙ୍ଗ ଥିବାବେଳେ ମାଈ ହରିଣର ଏହା ନ ଥାଏ । ଅଣ୍ଡିରା ହରିଣର ଆକାରରେ ମାଈଠାରୁ ବଡ ଓ ଶକ୍ତିଶାଳୀ ହୋଇଥାଏ । ଏମାନେ ଘଣ୍ଟା ପ୍ରତି ୬୫ କିଲୋମିଟର ବେଗରେ ଦୌଡିପାରନ୍ତି ।

**ବାସସ୍ଥାନ-** ଏମାନେ ତୃଣଯୁକ୍ତ ଚିରହରିତ୍, ଗୁଳ୍ମମୟ ଓ ହେନ୍ତାଳ ଜଙ୍ଗଲରେ ଦଳରେ ବାସ କରନ୍ତି ।

**ଖାଦ୍ୟ-** ଏହା ଏକ ତୃଣଭୋଜୀ ପ୍ରାଣୀ । ସାଧାରଣତଃ ଦିନବେଳେ ଘାସ, ଗଛର ଛାଲି ଓ ମୂଳକୁ ନିଜର ଖାଦ୍ୟ ଭାବରେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ପ୍ରଜନନ ସମୟ ପ୍ରାୟ ୮ ରୁ ୧୦ମାସ ପର୍ଯ୍ୟନ୍ତ ହୋଇଥାଏ । ଥରକରେ ଗୋଟିଏ ଶାବକକୁ ଜନ୍ମ ଦେଇଥାନ୍ତି ।

**ଆୟୁଷ-** ହାରାହାରି ପ୍ରାୟ ୧୮-୨୦ ବର୍ଷ ପର୍ଯ୍ୟନ୍ତ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ବାସସ୍ଥାନର ଅଭିବୃଦ୍ଧି ଜଙ୍ଗଲ ତୃଣଭୂମି ଅଞ୍ଚଳର ସୁରକ୍ଷା ଓ ଜଙ୍ଗଲ ନିଆଁ ରୋକିବା ଦରକାର ।

**ତୁମେ ଜାଣିଛ କି ?**

ସର୍ବଦା ଚତୁର ଓ ଜାଗ୍ରତ ହୋଇ ରହିଥାନ୍ତି । ମାଙ୍କଡ଼ ମାନଙ୍କ ସହ ଏକତ୍ର ହୋଇ ଜଙ୍ଗଲରେ ଚରାବୁଲା କରନ୍ତି, ସେମାନଙ୍କ ଶବ୍ଦ ଶୁଣି ବିପଦର ଆଭାସ ପାଇପାରନ୍ତି ଓ ମାଙ୍କଡ଼ ମାନେ ଗଛରୁ ପକାଉଥିବା ଡାଳ ଓ ଫଳ ଗୋଟାଇ ଖାଇଥାନ୍ତି ।

# ସମ୍ବର | Sambar

***(Rusa unicolor)***



ଏହା ଭାରତର ସବୁଠାରୁ ବଡ଼ ହରିଣ ପ୍ରଜାତି ରୂପେ ଜଣାଶୁଣା । ଲଜ୍ଜାଶୀଳ ପ୍ରକୃତିର ହୋଇଥାନ୍ତି । ଏହା ଆମ ରାଜ୍ୟ ପଶୁ ଭାବରେ ମଧ୍ୟ ପରିଚିତ । ଶରୀର କଳା, ଧୂସର ଓ ବାଦାମୀ ରଙ୍ଗର ହୋଇଥାଏ । ଦେହରେ ଟାଆଁସା ବାଳ ଥାଏ । ଅଣ୍ଡିରା ମାନଙ୍କର ମୁଣ୍ଡରେ ବଡ଼ ଶିଙ୍ଗ ଥାଏ । କାନ ଓ ଲାଞ୍ଜ ହରିଣ ଠାରୁ ଅପେକ୍ଷାକୃତ ବଡ଼ ଥାଏ । ଗୋଟିଏ ଅଣ୍ଡିରା ସମ୍ବରର ଓଜନ ପ୍ରାୟ ୧୮୦-୨୭୦ କି.ଗ୍ରା. ପର୍ଯ୍ୟନ୍ତ ହୋଇଥିବାବେଳେ, ମାଈ ମାନଙ୍କର ୧୩୦-୨୩୦ କି.ଗ୍ରା. ହୋଇଥାଏ । ଦିନବେଳେ ଝରଣା, ନଦୀ ଆଦି ଜାଗାରେ ବିଶ୍ରାମ ନେଇଥାନ୍ତି । ରାତିରେ ଧୀର ଭାବରେ ଜଙ୍ଗଲରେ ଚାଲି ଖାଦ୍ୟ ଗ୍ରହଣ କରିଥାନ୍ତି । ବିପଦ ଆସିଲେ ଗୋଡ଼କୁ ଟେକି ମାଟିରେ ପିଟନ୍ତି ଓ ଶବ୍ଦ କରିଥାନ୍ତି ।

**ବାସସ୍ଥାନ-** ଏହି ପ୍ରାଣୀମାନେ ସାଧାରଣତଃ ପାହାଡ଼ିଆ ଜଙ୍ଗଲରେ ବସବାସ କରନ୍ତି । ଏହା ଦିନ ସମୟରେ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥାଏ, ସନ୍ଧ୍ୟା ସମୟରେ ଖାଦ୍ୟ ପାଇଁ ସମତଳ ଅଞ୍ଚଳକୁ ଆସିଥାଏ ।

**ଖାଦ୍ୟ-** ଏହି ପ୍ରାଣୀମାନେ ଘାସ, ଗୁଳ୍ମ, ଗଛର ଡାଳ, ପତ୍ର, ଫଳ ଇତ୍ୟାଦି ଖାଇ ଜୀବନ ଧାରଣ କରିଥାନ୍ତି ।

**ପ୍ରଜନନ-** ଗର୍ଭଧାରଣର ସମୟ ପ୍ରାୟ ୯-୧୦ ମାସ ହୋଇଥାଏ ।

**ଆୟୁଷ-** ହାରାହାରି ପ୍ରାୟ ୨୨-୨୫ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ବାସସ୍ଥାନର ଅଭିବୃଦ୍ଧି, ଜଙ୍ଗଲରେ ତୃଣଭୂମି ଅଞ୍ଚଳର ସୁରକ୍ଷା ଓ ନିଆଁ ରୋକିବା ଦରକାର ।

**ତୁମେ ଜାଣିଛ କି ?**

ଅଣ୍ଡିରା ସମ୍ବରକୁ ବକ୍ (Buck) କୁହାଯାଏ । ଏମାନେ ଘଣ୍ଟା ପ୍ରତି ୪୮ ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ଦୌଡିପାରନ୍ତି । ହରିଣ ପ୍ରଜାତି ମାନଙ୍କ ମଧ୍ୟରେ ଏହା ଏସିଆ ମହାଦେଶର ସବୁଠାରୁ ବଡ଼ ପ୍ରଜାତି ।

# କୃଷ୍ଣସାର ମୃଗ | Balckbuck *(Antilope cervicapra)*



ଅଣ୍ଡିରା କୃଷ୍ଣସାର ମୃଗର ମୁଣ୍ଡରେ ଶିଙ୍ଗ ଥାଏ, ଯାହାର ଲମ୍ବ ପ୍ରାୟ ୫୦-୬୧ ସେ.ମି. ହୋଇଥାଏ। ମାଈ ହରିଣର ଶିଙ୍ଗ ନ ଥାଏ। ଏମାନଙ୍କର ଓଜନ ୩୧-୪୫ କି.ଗ୍ରା. ପର୍ଯ୍ୟନ୍ତ ହୋଇଥାଏ। ଶରୀରର ଉପର ପାର୍ଶ୍ୱ କଳା ଓ ତଳ ପାର୍ଶ୍ୱ ଧଳା ଦେଖାଯାଏ। ମୁହଁ ସଂକୀର୍ଣ୍ଣ ହୋଇଥାଏ। ଲାଞ୍ଜ ଛୋଟ ହୋଇଥାଏ। ଖୁରା ଗୁଡ଼ିକ ସୂକ୍ଷ୍ମ ଓ ତୀକ୍ଷ୍ଣ ହୋଇଥାଏ। ଗୋଡ଼ର ବାହାର ପାର୍ଶ୍ୱ କଳା ଓ ଭିତର ପାର୍ଶ୍ୱ ଧଳା ହୋଇଥାଏ। ଗଞ୍ଜାମ ଜିଲ୍ଲାରେ ଏମାନେ ବହୁତ ମାତ୍ରାରେ ଦେଖାଯାଆନ୍ତି। ଅଣ୍ଡିରା ମାନଙ୍କର ରଙ୍ଗ ମାଈମାନଙ୍କ ଠାରୁ ଗାଢ଼ ହୋଇଥାଏ।

**ବାସସ୍ଥାନ** - ବଣବୁଦା, ଶୁଷ୍କ ଜଙ୍ଗଲ, ତୃଣଭୂମି ଅଞ୍ଚଳରେ ରହିଥାନ୍ତି। ନଦୀ କୂଳ ଜାଗା, ଲୁଣା ସ୍ଥାନରେ ମଧ୍ୟ ବିଚରଣ କରନ୍ତି।

**ଖାଦ୍ୟ-** ବିଭିନ୍ନ ଗଛର ଫଳ, ଫୁଲ, ଘାସ, ଗୁଳ୍ମ, ବୁଦାଳିଆ ଗଛ ଇତ୍ୟାଦିକୁ ଖାଦ୍ୟ ଆକାରରେ ଗ୍ରହଣ କରିଥାନ୍ତି।

**ପ୍ରଜନନ-** ଫେବୃଆରୀରୁ ମେ ମାସ ହିଁ ପ୍ରଜନନର ପ୍ରକୃଷ୍ଟ ସମୟ ହୋଇଥାଏ। ଗର୍ଭଧାରଣର ସମୟ ସୀମା ୫ ରୁ ୬ ମାସ ହୋଇଥାଏ। ଥରକରେ ଗୋଟିଏ ଶାବକ ଜନ୍ମ ନେଇଥାଏ।

**ଆୟୁଷ-** ହାରାହାରି ୧୦ ରୁ ୧୫ ବର୍ଷ ହୋଇଥାଏ।

**ସଂରକ୍ଷଣ ପଦକ୍ଷେପ-** ସେମାନଙ୍କ ବାସସ୍ଥାନର ସୁରକ୍ଷା ଓ ସୁପରିଚାଳନା କରିବା ଜରୁରୀ ଅଟେ।

**ତୁମେ ଜାଣିଛ କି ?**

ପୁରାଣ ଅନୁଯାୟୀ, ଏହି ମୃଗମାନେ ଭଗବାନ କୃଷ୍ଣଙ୍କର ସାରଥୀ ଭାବେ ନିୟୋଜିତ ହୋଇଥିଲେ । ଏହି ପ୍ରାଣୀମାନେ ଘଣ୍ଟା ପ୍ରତି ପ୍ରାୟ ୫୦ କି.ମି.ବେଗରେ ଦୌଡ଼ିପାରନ୍ତି।

# ଗୟଳ | Indian bison

***(Bos gaurus)***



ଗୟଳ ହେଉଛି ଭାରତର ସମସ୍ତ ଗାଇଗୋରୁ ପ୍ରଜାତି ମଧ୍ୟରେ ବଡ଼ । ଶରୀର କଳା ରଙ୍ଗର ଓ ଗୋଡ଼ ମୋଜା ପରି ଆଣ୍ଠୁ ପର୍ଯ୍ୟନ୍ତ ଧଳା ଦେଖାଯାଏ । ଏମାନଙ୍କ କପାଳ ସାଧାରଣତଃ ପାଉଁଶିଆ କିମ୍ବା ଧୂସର ରଙ୍ଗର ହୋଇଥାଏ । ହଳଦିଆ ଓ ଧଳା ରଙ୍ଗର ଗୋଡ଼ ଥାଏ । ଶରୀରରେ ଲମ୍ବ ୨୫୦-୩୩୦ ସେ.ମି. ଓ ଓଜନ ୫୫୦ - ୧୦୦୦ କି.ଗ୍ରା. ହୋଇଥାଏ । ଏମାନେ ଦଳ ଦଳ କରି ରହିଥାନ୍ତି ଓ ଗୋଟିଏ ଦଳରେ ପ୍ରାୟ ୫-୧୫ ଟି ଗୟଳ ଏକାଠି ରହିଥାନ୍ତି । କିନ୍ତୁ ବୟସ୍କ ଅଣ୍ଡିରା ଗୟଳ ଏକାକୀ ରହିବାକୁ ଭଲପାଆନ୍ତି ଅବା କମ୍ ବୟସର ଅଣ୍ଡିରା ସହ ଜଙ୍ଗଲରେ ବୁଲିଥାନ୍ତି ।

**ବାସସ୍ଥାନ-** ଓଡିଶାର ଦେବ୍ରୀଗଡ଼ ବନ୍ୟଜନ୍ତୁ ଅଭୟାରଣ୍ୟରେ ଏମାନେ ବହୁତ ପରିମାଣରେ ଦେଖାଯାଆନ୍ତି ।

**ଖାଦ୍ୟ-** ଘାସ, ଗଛର ଡାଳ ପତ୍ର ଖାଇଥାଏ ।

**ପ୍ରଜନନ-** ଗର୍ଭଧାରଣର ସମୟ ପ୍ରାୟ ୧୦ ମାସ ହୋଇଥାଏ ।

**ଆୟୁଷ-** ହାରାହାରି ୧୫ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ବହୁଳ ଭାବରେ ମାଡ଼ିଯାଉଥିବା ଗଛକୁ ହିଁ ଗୟଳମାନେ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ଯାହାଦ୍ୱାରା ରହିଥାଏ । ସେହି ଗଛ ଗୁଡ଼ିକର ବଂଶକୁ ନିୟନ୍ତ୍ରଣରେ ରଖିଥାଏ । ତେଣୁ ଏମାନଙ୍କର ସଂରକ୍ଷଣ ପାଇଁ ବାସସ୍ଥାନର ସୁପରିଚାଳନା, ମଣିଷ- ଗୟଳ ବିବାଦର ସମାଧାନ ଆଦି କରିବା ଆବଶ୍ୟକ ।

**ତୁମେ ଜାଣିଛ କି ?**

ଗାଇଗୋରୁ ପ୍ରଜାତି ମଧ୍ୟରେ ଗୟଳ ସବୁଠାରୁ ବଡ଼ ଓ ଶକ୍ତିଶାଳୀ ତୃଣଭୋଜୀ ପ୍ରାଣୀ ଅଟେ ।

# ବାର୍‌ହା/ବଣୁଆ ଘୁଷୁରୀ | Wild pig *(Sus scrofa)*



ଶରୀର ଖୁବ୍ ମଜବୁତ୍ ହୋଇଥାଏ । ମାଟିଆ କିମ୍ବା ଧୂସର ରଙ୍ଗର ଲୋମ ଥାଏ । ଅଣ୍ଡିରା ଘୁଷୁରୀର ଦାନ୍ତ ଥାଏ ଯାହାକି ପାଟି ଭିତରୁ ବାହାରିଥାଏ । ଏମାନଙ୍କର ଓଜନ ୫୦-୧୦୦ କି.ଗ୍ରା. ମଧ୍ୟରେ ହୋଇଥାଏ । ସମସ୍ତ ପ୍ରକାର ପରିବେଶ ସହିତ ଏମାନେ ଖାପଖୁଆଇ ରହିପାରନ୍ତି । ଜଙ୍ଗଲ ଭିତରେ ଦଳ ଦଳ ହୋଇ ରହିଥାନ୍ତି । ଗୋଟିଏ ଗୋଷ୍ଠୀରେ ପ୍ରାୟ ୬-୨୦ ଟି ବାରହା ରହିଥାନ୍ତି । ଶରୀରର ଲମ୍ବ ୯୦-୨୦୦ ସେ.ମି. ହୋଇଥାଏ । ଏମାନେ ରାତ୍ରି ସମୟରେ ବେଶି ସକ୍ରିୟ ଥାନ୍ତି ।

**ବାସସ୍ଥାନ-** ଜଙ୍ଗଲ ମାନଙ୍କରେ ଅନେକ ସଂଖ୍ୟାରେ ଏମାନେ ଦେଖାଯାଆନ୍ତି ।

**ଖାଦ୍ୟ-** ଏହି ପ୍ରାଣୀମାନେ ସର୍ବଭକ୍ଷଣକାରୀ ପ୍ରାଣୀ ଅଟନ୍ତି । ଗଛର ମୂଳ ଅଂଶକୁ ନିଜର ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ଗର୍ଭଧାରଣ ସମୟ ପ୍ରାୟ ୩-୪ ମାସ ଅଟେ । ଏକା ଥରକେ ୪-୬ ଛୁଆ ଦେଇଥାନ୍ତି ।

**ଆୟୁଷ-** ହାରାହାରି ୧୪ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ଖାଦ୍ୟର ଅନ୍ୱେଷଣରେ ଏମାନେ ଶସ୍ୟ କ୍ଷେତ୍ରକୁ ପ୍ରବେଶ କରିଥାନ୍ତି, ତେଣୁ ମଣିଷ ଓ ବଣୁଆ ଘୁଷୁରୀ ବିବାଦର ସମାଧାନ କରିବା ଆବଶ୍ୟକ । ଏମାନଙ୍କର ଶିକାର ରୋକିବା ଆବଶ୍ୟକ ।

**ତୁମେ ଜାଣିଛ କି ?**

ଏମାନେ ଘଣ୍ଟାକୁ ୪୦ ରୁ ୪୫ କି.ମି ପର୍ଯ୍ୟନ୍ତ ଦୌଡି ଯାଇପାରନ୍ତି । ଏମାନଙ୍କର ପ୍ରଖର ବୁଦ୍ଧି ଥାଏ । ଆଘ୍ରାଣ ଶକ୍ତି ଖୁବ୍ ବେଶୀ ହୋଇଥିବା କାରଣରୁ ୨୫ ସେ.ମି ମାଟି ତଳେ ଥିବା ଗଛର କନ୍ଦ ମୂଳକୁ ଖୁବ୍ ସହଜରେ ଠାବ କରିପାରନ୍ତି ।

# ବଣ ଭୁଆ /କଟାସ | Jungle cat *(Felis chaus)*



ଏହା ଜଙ୍ଗଲରେ ଦେଖାଯାଉଥିବା ସାଧାରଣ ବଣୁଆ ବିରାଡ଼ି । ଶରୀର ଧୂସର-ବାଦାମୀ ରଙ୍ଗର ହୋଇଥାଏ । ମୁହଁରେ ଧଳା ଦାଗ ଥାଏ । କାନ ବଡ଼ ଓ ଲମ୍ବା ହୋଇଥାଏ । ଶରୀରରେ ଲମ୍ବ ୬୦-୮୫ ସେ.ମି. ଓ ଓଜନ ୨.୫- ୧୨କି.ଗ୍ରା. ପର୍ଯ୍ୟନ୍ତ ହୋଇଥାଏ । ଆଖି ଧଳା ଦେଖାଯାଏ ଓ ନାକ ଉପରୁ ମୁଣ୍ଡ ଯାଏ ନାଲି ଦାଗ ଥାଏ । ଏହାର ଲାଞ୍ଜ ଘରେ ଦେଖାଯାଉଥିବା ବିଲେଇ ଠାରୁ ଛୋଟ ଓ ଲାଞ୍ଜରେ କଳା ଦାଗ ଥାଏ । ଗୋଡ଼ର ପଛ ପଟେ କଳା ଦାଗ ଥାଏ ।

**ବାସସ୍ଥାନ**- ଜଙ୍ଗଲରେ ବାସ କରନ୍ତି । ବେଳେବେଳେ ଗ୍ରାମକୁ ମଧ୍ୟ ଶିକାର ପାଇଁ ପଶି ଆସିଥାନ୍ତି ।

**ଖାଦ୍ୟ**- ଏହା ଏକ ମାଂସାଶୀ ପ୍ରାଣୀ । ଛୋଟ ଛୋଟ ସ୍ତନ୍ୟପାୟୀ ପ୍ରାଣୀ, ଠେକୁଆ, ମୂଷା, ମାଛ, ବେଙ୍ଗ, ଛୋଟ ସାପ, କୀଟ ପତଙ୍ଗକୁ ନିଜ ଖାଦ୍ୟ ଭାବରେ ଗ୍ରହଣ କରିଥାନ୍ତି ।

**ପ୍ରଜନନ**- ଗର୍ଭଧାରଣ ସମୟ ୬୦ ରୁ ୬୫ ଦିନ ମଧ୍ୟରେ ହୋଇଥାଏ । ଥରକରେ ୨-୬ ଟି ଶାବକ ଜନ୍ମ ଗ୍ରହଣ କରିଥାନ୍ତି ।

**ଆୟୁଷ**- ହାରାହାରି ୧୫ -୨୦ ବର୍ଷ ।

**ସଂରକ୍ଷଣ ପଦକ୍ଷେପ**- ଏମାନଙ୍କର ବାସସ୍ଥାନର ସୁରକ୍ଷା କରିବା ନିହାତି ଆବଶ୍ୟକ ।

**ତୁମେ ଜାଣିଛ କି ?**

ନିଜ ଶରୀର ଆକାର ଠାରୁ ବଡ଼ ପ୍ରାଣୀ ମଧ୍ୟ ଶୀକାର କରିଥାଏ ।

# ମାଛରଙ୍କା ବିରାଡ଼ି | Fishing cat *(Prionailurus viverrinnus)*



ମାଛ ସେମାନଙ୍କର ପ୍ରମୁଖ ଖାଦ୍ୟ, ସେଥିପାଇଁ ସେମାନଙ୍କୁ "ମାଛରଙ୍କା ବିରାଡ଼ି" ବୋଲି କୁହାଯାଏ । ମାଈ ବିଲେଇ ଗୁଡ଼ିକ ଅଣ୍ଡିରା ବିରାଡ଼ି ଠାରୁ ଯଥେଷ୍ଟ ଛୋଟ ହୋଇଥାନ୍ତି । ଲୋମର ରଙ୍ଗ ସବୁଜ-ଧୂସର ଓ ଲୋମ ଉପରେ ସମାନ୍ତରାଳ ଭାବେ କଳା ଦାଗ ରହିଥାଏ । ଗୋଡ଼ ଓ କାନ ଛୋଟ ଏବଂ ଲାଞ୍ଜରେ କଳା ଗୋଲାକାର ଦାଗ ଥାଏ । ଏହି ଜାତି ସାଧାରଣତଃ ଏକାକୀ ଜୀବନ ଯାପନ କରିଥାନ୍ତି । ଶରୀରର ଲମ୍ୱ ୫୭-୧୧୫ ସେ.ମି. ଓ ଓଜନ ୫-୧୬ କି.ଗ୍ରା. ପର୍ଯ୍ୟନ୍ତ ହୋଇଥାଏ ।

**ବାସସ୍ଥାନ-** ଆର୍ଦ୍ରଭୂମି ଆଖପାଖ ଅଞ୍ଚଳ, ଗଛ ଗଣ୍ଡିରେ କିମ୍ୱା ପାଣିପାଖ ଭୁଇଁ, ବୁଦାରେ ନିଜର ବାସ ପ୍ରସ୍ତୁତ କରିଥାନ୍ତି ।

**ଖାଦ୍ୟ-** ମାଛ ସେମାନଙ୍କର ପ୍ରମୁଖ ଖାଦ୍ୟ । ଜଳଚର ପକ୍ଷୀଙ୍କୁ ମଧ୍ୟ ଶିକାର କରି ଖାଇଥାଏ ।

**ପ୍ରଜନନ-** ଜାନୁଆରୀ ରୁ ଫେବୃଆରୀ ମାସ ମଧ୍ୟରେ ଗର୍ଭଧାରଣ କରିଥାନ୍ତି । ମାଈ ବିଲେଇ ପ୍ରାୟ ୬୦-୭୦ ଦିନର ଗର୍ଭଧାରଣ ପରେ ୧ ରୁ ୪ଟି ଛୁଆକୁ ଜନ୍ମ ଦେଇଥାଏ ।

**ଆୟୁଷ-** ହାରାହାରି ୧୦ ବର୍ଷ ପର୍ଯ୍ୟନ୍ତ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ମାଛପାଇଁ ମତ୍ସଜୀବୀଙ୍କ ସହ ସଂଘର୍ଷ ଗୋଟିଏ ମୁଖ୍ୟ କାରଣ ଓ ମତ୍ସଜୀବୀଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରିବା ଆବଶ୍ୟକ । ଯେହେତୁ ଆର୍ଦ୍ରଭୂମି ଉପରେ ଏମାନେ ନିର୍ଭର କରନ୍ତି, ତେଣୁ ଆର୍ଦ୍ରଭୂମି ସୁରକ୍ଷା ନିତ୍ୟାନ୍ତ ଆବଶ୍ୟକ ।

### ତୁମେ ଜାଣିଛ କି ?

ପଶ୍ଚିମବଙ୍ଗର ରାଜ୍ୟ ପଶୁଭାବେ ଏମାନେ ଜଣାଶୁଣା । ସେମାନେ ନିଜ ପରିସ୍ରା ଦ୍ୱାରା ନିଜ ଅଧିକୃତ ଅଞ୍ଚଳକୁ ଚିହ୍ନଟ କରନ୍ତି । ଯାହାଦ୍ୱାରା ଅନ୍ୟ ମାଛରଙ୍କା ବିଲେଇମାନେ ତାଙ୍କ ଅଞ୍ଚଳକୁ ପ୍ରବେଶ କରନ୍ତି ନାହିଁ ।

# ଚିତ୍ରା ବିରାଡ଼ି | Leopard cat
## *(Prionailurus bengalensis)*



ଏହି ପ୍ରଜାତିର ପ୍ରାଣୀଗୁଡ଼ିକ ସାଧାରଣତଃ ଶାଳ ଜଙ୍ଗଲ, ପାହାଡ଼ିଆ ତୃଣଭୂମି ଓ ପାର୍ବତ୍ୟାଞ୍ଚଳରେ ବାସ କରିଥାନ୍ତି । ଅଧିକାଂଶ ସମୟ ଏକାକୀ ରହିଥାନ୍ତି । ଏହା ଏକ ଛୋଟ ରାତ୍ରିଚର ଜୀବ । ଶରୀରରେ ଲମ୍ବ ୪୫-୭୫ ସେ.ମି. ଓ ଓଜନ ୩-୪ କି.ଗ୍ରା. ପର୍ଯ୍ୟନ୍ତ ହୋଇଥାଏ । ଲୋମ ନରମ ଓ ହଳଦିଆ- ମାଟିଆ ରଙ୍ଗର ଚମଡ଼ା ଥାଏ । ଆଖି ଓ କାନ ମଝିରେ ଦୁଇଟି କଳା ପଟା ପଟା ଦାଗ ଥାଏ । ଗୋଡ଼ ଲମ୍ବା ଥାଏ । ଶରୀର ଉପରେ କଳା ଛିଟ ଦାଗ ଥାଏ । କେବଳ କାନ୍ଧ ପାଖରେ ବଡ଼ ଲମ୍ବା କଳା ଦାଗ ଥାଏ । ଲାଞ୍ଜରେ ଗୋଲାକାର କଳା ଦାଗ ଥାଏ । ବେଳେବେଳେ ଛୋଟ କଲରାପତରିଆ ବାଘ ଭଳି ଦେଖାଯାନ୍ତି । ଅଧିକାଂଶ ସମୟ ଗଛରେ ଥାଏ ।

**ବାସସ୍ଥାନ-** ଜଙ୍ଗଲରେ ଗଛରେ ରହେ ଓ ପାଣିରେ ମଧ୍ୟ ପହଁରି ପାରେ ।

**ଖାଦ୍ୟ-** ଝିଟିପିଟି, ଛୋଟ ପକ୍ଷୀ, କୀଟ ପତଙ୍ଗ, ମୂଷା ଓ ଉଭୟଚର ମାନଙ୍କୁ ନିଜ ଖାଦ୍ୟ ଭାବରେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ଗର୍ଭଧାରଣ ସମୟ ୬୦-୭୦ ଦିନ ମଧ୍ୟରେ ହୋଇଥାଏ । ଥରକରେ ୧ରୁ ୩ଟି ଶାବକକୁ ଜନ୍ମ ଦେଇଥାଏ ।

**ଆୟୁଷ-** ହାରାହାରି ୧୩ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ଏମାନଙ୍କର ବାସସ୍ଥାନ ଧୀରେ ଧୀରେ ସଙ୍କୁଚିତ ହେବାର ଲାଗିଛି ଓ ବିଭିନ୍ନ କୀଟନାଶକ ଔଷଧ ପ୍ରୟୋଗ ଫଳରେ ମଧ୍ୟ ପରୋକ୍ଷରେ କୁପ୍ରଭାବ ପକାଇ ମୂଷା ଓ ଚଢେଇ ସଂଖ୍ୟା ମଧ୍ୟ କମିବାରେ ଲାଗିଛି । ତେଣୁ ଏହି ସମସ୍ତ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଅଟେ ।

**ତୁମେ ଜାଣିଛ କି ?**

ଦିନରେ ଗଛରେ ଲୁଚି ରହେ ଓ ରାତିରେ ଶିକାର ପାଇଁ ବାହାରି ଥାଏ ।

# କଲରାପତରିଆ ବାଘ | Leopard *(Panthera pardus)*



ଏହା ବିଶେଷ କରି ଓଡ଼ିଶାର ବିଭିନ୍ନ ଘଞ୍ଚ ଅରଣ୍ୟ ମଧ୍ୟରେ ଦେଖାଯାଏ । ଶରୀରର ଲମ୍ବ ୧୮୦-୨୪୩ ସେ.ମି. ଓ ଓଜନ ୩୦-୭୭ କି.ଗ୍ରା. ପର୍ଯ୍ୟନ୍ତ ହୋଇଥାଏ । ଶରୀରର ଲୋମ ହଳଦିଆ – ଗେରୁଆ ରଙ୍ଗର ହୋଇଥାଏ । ସର୍ମ୍ପୂର୍ଣ୍ଣ ଶରୀର ଉପରେ କଳା ପଟା ଦାଗ ଥାଏ । ଏହି କଳା ଦାଗ ପ୍ରତ୍ୟେକ ବାଘର ଅଲଗା ହୋଇଥାଏ । ଏମାନଙ୍କର ଶକ୍ତିଶାଳୀ ମାଢ଼ୀ ଓ ଲମ୍ବା ଲାଞ୍ଜ ଥାଏ । ବାଘ ମାନଙ୍କ ପରି Melanistic କଳା କଲରାପତରିଆ ବାଘ ମଧ୍ୟ ଦେଖାଯାଆନ୍ତି । ମହାବଳ ବାଘ ସହ ଜଙ୍ଗଲରେ ରହେ ଓ ୧୦-୫୦ କି.ଗ୍ରା ଓଜନର ପ୍ରାଣୀମାନଙ୍କୁ ଶିକାର କରିଥାଏ । ଶାବକମାନେ ୩-୪ ବର୍ଷ ବୟସରେ ପରିପକ୍ୱତା ପ୍ରାପ୍ତ କରନ୍ତି ।

**ବାସସ୍ଥାନ-** ଓଡ଼ିଶାର ବିଭିନ୍ନ ଅରଣ୍ୟରେ ଦେଖାଯାଆନ୍ତି ।

**ଖାଦ୍ୟ-** ବିଭିନ୍ନ ପ୍ରଜାତିର ପ୍ରାଣୀମାନଙ୍କୁ ଏମାନେ ନିଜର ଖାଦ୍ୟ ଭାବରେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ଗର୍ଭ ଧାରଣ ସମୟ ୯୦-୧୦୫ ଦିନ ହୋଇଥାଏ । କଲରାପତରିଆ ବାଘ ବର୍ଷ ସାରା ପ୍ରଜନନ କରିଥାଏ ।

**ଆୟୁଷ-** ସର୍ବାଧିକ ୧୭ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ଏମାନଙ୍କର ବାସସ୍ଥାନର କ୍ଷୟ ଓ ଶିକାର, ଏମାନଙ୍କର ସଂଖ୍ୟାକୁ ହ୍ରାସ କରିବାରେ ଲାଗିଛି । ତେଣୁ ମୁଖ୍ୟତଃ ଶିକାରକୁ ରୋକିବା ନିତ୍ୟାନ୍ତ ଆବଶ୍ୟକ ।

**ତୁମେ ଜାଣିଛ କି ?**

ଏହି ପ୍ରାଣୀମାନଙ୍କର ଶ୍ରବଣ ଶକ୍ତି ଖୁବ୍ ପ୍ରଖର ହୋଇଥିବା ବେଳେ ଏମାନଙ୍କ ଗତି ଖୁବ ବେଶୀ ଅଟେ । ନିଜ ଓଜନ କିମ୍ବା ତା ଠାରୁ ଅଧିକ ଓଜନର ଶିକାରକୁ ମଧ ନେଇ ଖୁବ୍ ସହଜରେ ଗଛ ଉପରକୁ ଚଢ଼ିପାରେ । ଆଖି ଖୁବ ବଡ଼ ହୋଇଥିବାରୁ, ଅନ୍ଧାରରେ ମଧ ଭଲ ଭାବେ ଦେଖିପାରନ୍ତି ।

# ମହାବଳ ବାଘ | Royal Bengal Tiger

*(Panthera tigris)*



ଏହାକୁ ଆମେ "ଜାତୀୟ ପଶୁ" ଭାବରେ ଜାଣିଥାଉ । ଶରୀରର ଉପରେ କଳା ପଟି ଦାଗ କମଳା ଲୋମ ଉପରେ ଥାଏ । ଏହି ଦାଗ ପ୍ରତ୍ୟେକ ବାଘର ସ୍ୱତନ୍ତ୍ର ଓ ଅଲଗା ହୋଇଥାଏ । କାନର ପଛପଟେ କଳା ଓ ମଝିରେ ଧଳା ଦାଗ ଥାଏ । ମାଢ଼ୀରେ ମଜବୁତ୍ ଦାନ୍ତ ଥାଏ । ଆଗ ଗୋଡ଼ ଦୁଇଟି ଶକ୍ତିଶାଳୀ ଓ ପଛଗୋଡ଼ ଲମ୍ବା ହୋଇଥାଏ । ଲାଞ୍ଜ ଲମ୍ବା, ସରୁ ଓ ଉପରେ ଗୋଲାକାର କଳା ଦାଗ ଥାଏ । ଓଡ଼ିଶାରେ Pseudo- melanism ବାଘ ଦେଖାଯାଏ । ଗୁଣସୂତ୍ରରେ ପରିବର୍ତ୍ତନ ପାଇଁ ଏମିତି ହୋଇଥାଏ । ଯାହାର ରଙ୍ଗ କଳା ହୋଇଥାଏ । ମାଈ ବାଘର ଲମ୍ବ ୨.୪ ରୁ ୨.୬ ମିଟର ଥିବାବେଳେ ଅଣ୍ଡିରା ବାଘର ଲମ୍ବ ପ୍ରାୟ ୨.୭ ରୁ ୩.୧ ମିଟର ହୋଇଥାଏ । ଶାବକ ମାନେ ୨ ବର୍ଷ ପର୍ଯ୍ୟନ୍ତ ମା ବାଘ ସହ ରହିଥାନ୍ତି ।

**ବାସସ୍ଥାନ-** ସବୁଜ ପର୍ଣ୍ଣମୋଚୀ ଅରଣ୍ୟ, ବାର୍ଷିକ ପତ୍ରଝଡ଼ା ଜଙ୍ଗଲ ଆଦିରେ ଦେଖାଯାଆନ୍ତି । ଓଡ଼ିଶାର ଶିମିଳିପାଳ, ସାତକୋଶିଆ ଜଙ୍ଗଲ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଭାବେ ଜଣାଶୁଣା ।

**ଖାଦ୍ୟ-** ସମ୍ବର,ହରିଣ,ବାରହା,ଗୟଳ,ମଇଁଷି ଆଦି ଖାଇଥାଏ ।

**ପ୍ରଜନନ-** ଗର୍ଭଧାରଣ ସମୟ ୧୦୩-୧୧୦ ଦିନ । ଥରକରେ ୨-୪ ଟି ଶାବକକୁ ଜନ୍ମ ଦେଇଥାନ୍ତି ।

**ଆୟୁଷ-** ହାରାହାରି ୧୬ ବର୍ଷ ପର୍ଯ୍ୟନ୍ତ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ଏମାନଙ୍କର ବାସସ୍ଥାନର କ୍ଷୟ ଓ ଶିକାର, ଏମାନଙ୍କର ସଂଖ୍ୟାକୁ ହ୍ରାସ କରିବାରେ ଲାଗିଛି । ତେଣୁ ମୁଖ୍ୟତଃ ଶିକାରକୁ ରୋକିବା ନିତ୍ୟାନ୍ତ ଆବଶ୍ୟକ ।

**ତୁମେ ଜାଣିଛ କି ?**

ସିନ୍ଧୁ ସଭ୍ୟତାରେ ପ୍ରାୟ ୪୦୦୦ ବର୍ଷ ପୁରୁଣା କଳାକୃତିରେ ବାଘର ଆକୃତି ରହିଛି । ବାଘମାନେ ସେହି କାରଣ ପାଇଁ ପ୍ରତୀକତାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବେ ପରିଚିତ । ବାଂଲାଦେଶର ଜାତୀୟ ପଶୁଭାବେ ମଧ୍ୟ ଜଣାଶୁଣା ।

# ରାମ ଶିଆଳ/ଗଧିଆ | Gray wolf *(Canis lupus)*



ଏମାନଙ୍କର ମୁଣ୍ଡ ବଡ଼ ଓ ଶକ୍ତ, ବିସ୍ତୃତ କପାଳ, ଶକ୍ତ ମାଢ଼ି, ଛୋଟ କାନ, ଲମ୍ବା ବକ୍ର ଲାଞ୍ଜ ଥାଏ । ଏହାର ଲମ୍ବା, ଗୋଜିଆ ମୁହଁ ଓ ଶରୀର ନାଲି-ଧୂସର ରଙ୍ଗର ହୋଇଥାଏ । ବେକର ମାଂସପେଶୀ ଖୁବ୍ ଶକ୍ତ ହୋଇଥାଏ । ଏମାନଙ୍କର ଗୋଡ଼ କୋକିଶିଆଳୀ ଓ ବିଲୁଆ ମାନଙ୍କ ଅପେକ୍ଷା ଲମ୍ବା, ଯାହାକି ସେମାନଙ୍କୁ ଧୀର ଗତିରେ ଚାଲିବାରେ ସାହାଯ୍ୟ କରିଥାଏ । ଏମାନେ ଦଳରେ ଦେଖାଯାଆନ୍ତି । ଶରୀରର ଲମ୍ବ ୮୭-୧୩୦ ସେ.ମି ହୋଇଥିବାବେଳେ ଓଜନ ୧୬-୬୦ କି.ଗ୍ରା ହୋଇଥାଏ । ଏହା Canid ବର୍ଗର ସବୁଠାରୁ ବଡ଼ ଆକାରର ପ୍ରାଣୀ । ଏମାନେ ଶବ୍ଦ କରି ନିଜ ଭିତରେ କଥାବାର୍ତ୍ତା କରିଥାନ୍ତି । ଶିକାର ପାଇଁ ବହୁ ଦୂର ପର୍ଯ୍ୟନ୍ତ ରାତିରେ ଯାଇଥାଏ । ମାଢ଼ିରେ ଥିବା ଶ୍ୱାନ ଦାନ୍ତ ଶିକାର କରିବାରେ ସାହାଯ୍ୟ କରେ । ଦେଖିବା ପାଇଁ କୁକୁର ପରି ହୋଇଥାନ୍ତି । ଅଣ୍ଡିରା ଗୁଡ଼ିକ ମାଈ ଅପେକ୍ଷା ଅଧିକ ଓଜନର ହୋଇଥାନ୍ତି ।

**ବାସସ୍ଥାନ-** ସାଧାରଣତଃ ଶୁଖିଲା ତଥା ପଥୁରିଆ ଜାଗାରେ ବସବାସ କରନ୍ତି । ଏହା ବ୍ୟତୀତ ତୃଣଭୂମି ଜଙ୍ଗଲ, ପର୍ବତାଞ୍ଚଳରେ ମଧ୍ୟ ବାସ କରିଥାନ୍ତି ।

**ଖାଦ୍ୟ-** ଜଙ୍ଗଲୀ କୁକୁଡ଼ା, ଠେକୁଆ, ହରିଣ, ପକ୍ଷୀମାନଙ୍କର ଅଣ୍ଡା ଓ ବେଳେବେଳେ ମେଣ୍ଢା ଓ ଛେଳିମାନଙ୍କୁ ଶିକାର କରିଥାନ୍ତି ।

**ପ୍ରଜନନ-** ଦୁଇ ବର୍ଷ ବୟସରେ ହିଁ ଏମାନଙ୍କର ଶରୀରରେ ପରିପକ୍ୱତା ଆସିଯାଏ । ଗର୍ଭଧାରଣର ସମୟ ସୀମା ୬୦-୭୫ ଦିନ ପର୍ଯ୍ୟନ୍ତ ହୋଇଥାଏ । ଥରକରେ ୪ ରୁ ୬ଟି ଶିଶୁ ଜନ୍ମ ଗ୍ରହଣ କରିଥାନ୍ତି ।

**ଆୟୁଷ-** ହାରାହାରି ୧୩-୧୭ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରନ୍ତି ।

**ସଂରକ୍ଷଣ ପଦକ୍ଷେପ-** ଏମାନଙ୍କର ଖାଦ୍ୟ ଓ ବାସସ୍ଥାନର ସୁରକ୍ଷା ନିତ୍ୟାନ୍ତ ଆବଶ୍ୟକ ।

**ତୁମେ ଜାଣିଛ କି ?**

ଏହା Canid ବର୍ଗର ସବୁଠାରୁ ବଡ଼ ଆକାରର ପ୍ରାଣୀ ।

# ବିଲୁଆ/ ଶିଆଳ | Golden jackal *(Canis aureus)*



ଏହା ଏକ ରାତ୍ରିଚର ପ୍ରାଣୀ । ପିଠି ଉପରେ କଳା ଓ ମାଟିଆ- ଧୂସର ରଙ୍ଗର ଲୋମଥାଏ । ଗୋଡ଼ର ପାର୍ଶ୍ୱରେ ନାଲି ରଙ୍ଗର ଲୋମ ଦେଖାଯାଏ । ତଳପଟ, ଗଳା, ଆଖିର ଚାରିପଟେ ଧଳା ଦେଖାଯାଏ । ଲାଞ୍ଜ ଲୋମଶ ଓ ମଧ୍ୟମ ଧରଣର ହୋଇଥାଏ । ମାଢ଼ିରେ ଥିବା ଶ୍ୱାନ ଦାନ୍ତ ଶିକାର କରିବାରେ ସାହାଯ୍ୟ କରେ । ମୁହଁ ଛୋଟ ଓ ଗୋଜିଆ ହୋଇଥାଏ । ମାଈ ମାନଙ୍କର ଚାରୋଟି ସ୍ତନ୍ୟ ଗ୍ରନ୍ଥି ଥାଏ । ଶରୀରର ଲମ୍ୱ ୭୪- ୮୪ ସେ.ମି ହୋଇଥିବାବେଳେ ଓଜନ ୬.୫- ୯.୮ କି.ଗ୍ରା ହୋଇଥାଏ । ଏମାନେ କୋକିଶିଆଳୀ ଠାରୁ ବଡ଼ ଆକାରର ହୋଇଥାନ୍ତି । ଏମାନେ ଏକାକୀ ଅବା ଛୋଟ ଦଳରେ ଦେଖାଯାଆନ୍ତି । ସାଧାରଣତଃ ମାନବ ବସତି ସ୍ଥାନ ନିକଟରେ ରହିଥାନ୍ତି ।

**ବାସସ୍ଥାନ-** ଅନ୍ୟ ପ୍ରାଣୀମାନଙ୍କ ଦ୍ୱାରା ଖୋଳା ଯାଇଥିବା ଜାଗାକୁ ନିଜ ଆଶ୍ରୟ ସ୍ଥଳ ଭାବେ ବ୍ୟବହାର କରନ୍ତି ।

**ଖାଦ୍ୟ-** କୁକୁଡ଼ା, ମୂଷା ଏବଂ ଗାଁ ଓ ସହରାଞ୍ଚଳରେ ବାହାରୁଥିବା ଅଳିଆ ମଧ୍ୟ ଖାଇଥାନ୍ତି ।

**ପ୍ରଜନନ-**୬୩ ଦିନର ଗର୍ଭଧାରଣ ପରେ ମାଈ ଶୃଗାଳ ଏକ ଗୁମ୍ଫା ମଧ୍ୟରେ ଶାବକକୁ ଜନ୍ମ ଦେଇଥାଏ । ଥରକରେ ୧ ରୁ ୮ ଟି ଛୁଆ ଜନ୍ମ ହୋଇଥାନ୍ତି ।

**ଆୟୁଷ-** ହାରାହାରି ୧୪-୧୬ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ଏମାନଙ୍କର ବାସସ୍ଥଳୀ ଧୀରେ ଧୀରେ ସଙ୍କୋଚିତ ହେବାରେ ଲାଗୁଛି । ଗାଡ଼ି ଧକ୍କାରେ ଏମାନେ ବହୁମାତ୍ରାରେ ମୃତ୍ୟବରଣ କରିଥାନ୍ତି । ତେଣୁ ଯେଉଁଠି ଏହି ସମସ୍ୟା ଉପୁଜୁଛି ସେଠି Speed breaker, Sign board ଲଗେଇବା ସହ ଡ୍ରାଇଭରକୁ ସଚେତନ କରାଯିବା ଉଚିତ୍ ।

**ତୁମେ ଜାଣିଛ କି ?**

ପ୍ରାୟତଃ ସନ୍ଧ୍ୟା ସମୟରେ ଖୁବ୍ ଜୋରରେ ଭୁକିଥାନ୍ତି । ଏମାନେ ପଚା ସଢା ଜିନିଷ ଖାଇ ପରିବେଶକୁ ସଫା ରଖିଥାନ୍ତି ।

# କୋକିଶିଆଳି | Bengal fox
*(Vulpes bengalensis)*



ଏମାନଙ୍କର ବଡ଼ ଓ ଈଷତ୍ ଶାଗୁଆ ରଙ୍ଗର ଲାଞ୍ଜ ଥାଏ । ଶରୀରର ଲମ୍ବ ୩୯-୪୮ ସେ.ମି ହୋଇଥିବାବେଳେ ଓଜନ ୨.୭-୩.୨ କି.ଗ୍ରା ହୋଇଥାଏ । ଏମାନେ ଏକାକୀ ଅବା ଯୋଡ଼ିରେ ସନ୍ଧ୍ୟା ସମୟରେ ଦେଖାଯାଆନ୍ତି । ଏହାର ଲାଞ୍ଜ ଅଧିକ ଲୋମଶଯୁକ୍ତ ହୋଇଥାଏ, ଯାହା ଏମାନଙ୍କୁ ଚିହ୍ନିବାରେ ସାହାଯ୍ୟ କରିଥାଏ । ଶରୀରର ରଙ୍ଗ ଧୂସର ହୋଇଥାଏ । ଗୋଡ଼ ଛୋଟ ଓ କଳା-ବାଦାମୀ ରଙ୍ଗର ଦେଖାଯାଏ । ଚାଲିଲାବେଳେ ଲାଞ୍ଜ ଭୂଇଁ ସହ ସମାନ୍ତରାଳ ଭଳି ଦେଖାଯାଏ । ମୁଣ୍ଡ ଉପରେ ଲମ୍ବା କାନ ବାଦାମୀ ରଙ୍ଗର ଦେଖାଯାଇଥାଏ । Canid ମାନଙ୍କ ପରି ଲମ୍ବା ପଞ୍ଝା ଥାଏ । ମୁହଁ ଲମ୍ବାଳିଆ ଓ ଆଖି ପାଖରେ କଳା ଦାଗ ଥାଏ । ମାଈ ମାନଙ୍କର ତିନି ଯୋଡ଼ା ସ୍ତନ୍ୟ ଗ୍ରନ୍ଥୀ ଥାଏ । ଏମାନେ ବିଲୁଆ ଓ ଗଧିଆ ଠାରୁ ଛୋଟ ଆକାରର ହୋଇଥାନ୍ତି ।

**ବାସସ୍ଥାନ-** ଚାଷ ଜମି ପାଖରେ, ପାହାଡ଼ିଆ ଅଞ୍ଚଳ, ଜନବସତି ପାଖରେ ଦୁଇଟି ମୁହଁ ଥିବା ଗାତ କରି ରହିଥାନ୍ତି । ବେଳେବେଳେ ପାହାଡ଼ ଫାଙ୍କରେ ମଧ ବାସ କରିଥାନ୍ତି । ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଏମାନେ ଦେଖାଯାଆନ୍ତି ।

**ଖାଦ୍ୟ-** ଛୋଟ କୀଟପତଙ୍ଗ, ଉଇ ଓ ମୂଷା ଆଦି ଖାଇଥାଏ ।

**ପ୍ରଜନନ-** ଗର୍ଭଧାରଣ ସମୟ ପ୍ରାୟ ୩ ମାସ ପର୍ଯ୍ୟନ୍ତ ହୋଇଥାଏ । ଥରକରେ ୧-୨ ଟି ଶାବକକୁ ଜନ୍ମ ଦେଇଥାନ୍ତି ।

**ଆୟୁଷ-** ହାରାହାରି ୧୦ ବର୍ଷ ପର୍ଯ୍ୟନ୍ତ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ବାସସ୍ଥାନ ଓ ଖାଦ୍ୟ ସୁରକ୍ଷା ନିତ୍ୟାନ୍ତ ଆବଶ୍ୟକ ।

**ତୁମେ ଜାଣିଛ କି ?**

ଏମାନେ ୪୦ ପ୍ରକାରର ଶବ୍ଦ ସୃଷ୍ଟି କରିପାରନ୍ତି । ଏହି ପ୍ରାଣୀମାନେ ଖୁବ ଦୁର୍ଗନ୍ଧଯୁକ୍ତ ଅଟନ୍ତି । ଶ୍ରବଣ ଶକ୍ତି ପ୍ରଖର ଥାଏ ।

# ହେଟାବାଘ | Striped hyena *(Hyaena hyaena)*



ଶରୀର ଲମ୍ବ ୧୦୦ ରୁ ୧୧୫ ସେ.ମି. ମଧ୍ୟରେ ହୋଇଥାଏ । ଓଜନ ୨୬-୪୧ କି.ଗ୍ରା ହୋଇଥାଏ । ଅଣ୍ଡିରାମାନେ ମାଈମାନଙ୍କ ଠାରୁ ଅଧିକ ଓଜନର ହୋଇଥାନ୍ତି । ବଡ଼ ମୁନିଆଁ କାନ ଥାଏ । ଆଗ ଗୋଡ଼ ଦୁଇଟି ପଛ ଗୋଡ଼ ତୁଳନାରେ ବଡ଼ ଥାଏ । ବେକର ମାଂସ ଖୁବ୍ ଟାଣ ହୋଇଥାଏ । ଶରୀର ଉପରେ ମାଟିଆ ଲୋମ ଓ କଳା ଦାଗ ପିଠିରୁ ଗୋଡ଼ ଯାଏ ଥାଏ । ମୁହଁ ଓ ଗଳା କଳା ରଙ୍ଗର ହୋଇଥାଏ । ମାଢ଼ିରେ ଶକ୍ତିଶାଳୀ ଶ୍ୱାନ ଦାନ୍ତଥାଏ । ଲାଞ୍ଜ ଛୋଟ ଓ ଘନ ଲୋମଶ ହୋଇଥାଏ । Canid ମାନଙ୍କ ପରି ଲମ୍ବା ପଞ୍ଝା ଥାଏ, ଯାହା ଭିତରକୁ ସଂକୋଚିତ ହୋଇପାରେ ନାହିଁ । ଏମାନେ ଏକାକୀ କିମ୍ବା ଯୋଡ଼ାରେ ଦେଖାଯାଆନ୍ତି ।

**ବାସସ୍ଥାନ-** ବୁଦାଳିଆ, ଶୁଷ୍କ ଜଙ୍ଗଲରେ ଓ ବେଳେବେଳେ ଜନବସତି ପାଖରେ ଦେଖିବାକୁ ମିଳନ୍ତି । ଗୁମ୍ଫାରେ, ଭୂଇଁରେ ନିଜେ ଗାତ କରି ଅବା ଅନ୍ୟ ଗାତରେ ରୁହନ୍ତି ।

**ଖାଦ୍ୟ-** ବିଭିନ୍ନ ପ୍ରକାର ପକ୍ଷୀ, ଝିଟିପିଟି, ସାପ, ହରିଣ ଇତ୍ୟାଦି ଖାଇଥାନ୍ତି । ଅନ୍ୟ ପ୍ରାଣୀମାନଙ୍କର ଛାଡ଼ି ଯାଇଥିବା ଖାଦ୍ୟ ମଧ୍ୟ ଖାଇଥାନ୍ତି । ବିଶେଷ କରି ଏମାନେ ହାଡ଼ ଖାଇବା ପାଇଁ ପସନ୍ଦ କରିଥାନ୍ତି ।

**ପ୍ରଜନନ-** ଗର୍ଭଧାରଣର ସମୟ ୩ ମାସ ଅର୍ଥାତ ୯୦ଦିନ ପର୍ଯ୍ୟନ୍ତ ହୋଇଥାଏ । ଥରକରେ ୧ ରୁ ୬ଟି ଶାବକ ଜନ୍ମ ହୋଇଥାନ୍ତି ।

**ଆୟୁଷ-** ହାରାହାରି ୧୨ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ଏମାନଙ୍କର ଖାଦ୍ୟକୁ ସୁରକ୍ଷା ଓ ବୁଲା କୁକୁର ସଂଖ୍ୟାକୁ ନିୟନ୍ତ୍ରଣରେ ରଖିବା ଉଚିତ ।

**ତୁମେ ଜାଣିଛ କି ?**

ଏହି ପ୍ରାଣୀମାନେ ପଚାସଢ଼ା ଖାଦ୍ୟ ଖାଇବା ଦ୍ୱାରା ପରିବେଶ ସଫା ରଖନ୍ତି । ପାଟିରେ ଥିବା ୧୦୦୦ ପାଉଣ୍ଡ ବିଶିଷ୍ଟ ଶକ୍ତ ଦାନ୍ତ ଶକ୍ତିଶାଳୀ ହାଡକୁ ସଂପୂର୍ଣ୍ଣ ଚୂନାକରି ଭାଙ୍ଗିବାରେ ସାହାଯ୍ୟ କରିଥାଏ ।

# ଭାଲୁ | Sloth bear *(Melursus ursinus)*



ଏମାନଙ୍କ ଶରୀର ବଡ଼ ହୋଇଥାଏ। ଲମ୍ୱା ନାକ, ଛୋଟ ଗୋଲ କାନ, ଛୋଟ ଲାଞ୍ଜ ଓ ବଡ଼ ପାଦ ଥାଏ। ଶରୀର ସଂପୂର୍ଣ୍ଣ କଳା ରଙ୍ଗର ଓ ଲମ୍ୱା କଳା ଲୋମ ଶରୀରକୁ ଆବୃତ କରିଥାଏ। ଏହାର ଲମ୍ୱା, ଗୋଜିଆ ମୁହଁ ଓ ମାଢ଼ିରେ କର୍ତ୍ତନ ଦାନ୍ତ ନଥାଏ। ଜିଭ ଅତ୍ୟଧିକ ବଡ଼ ହୋଇଥିବାବେଳେ ଛାତିରେ ହାଲୁକା 'ଠ' ଆକୃତିର ଚିହ୍ନ ଥାଏ। ମାଈ ଭାଲୁର ଓଜନ ପ୍ରାୟ ୫୦- ୯୫ କି.ଗ୍ରା.ହୋଇଥିବବେଳେ ଅଣ୍ଡିରା ଭାଲୁର ଓଜନ ପ୍ରାୟ ୮୦-୧୪୦ କି.ଗ୍ରା. ହୋଇଥାଏ। ଏମାନେ ଏକାକୀ ଅବା ଛୁଆମାନଙ୍କ ସହ ଦେଖାଯାଆନ୍ତି। ଆଗ ଗୋଡ଼ ଧନୁ ପରି ବକ୍ର ହୋଇଥାଏ। ଗୋଲାକାର କାନ ମୁଣ୍ଡର ଦୁଇ ପଟକୁ ବାହାରି ଥାଏ। ଚାଲିଲାବେଳେ ଦେହକୁ ଦୁହଲାଇ ଚାଲିଥାଏ।

**ବାସସ୍ଥାନ-** ଜଙ୍ଗଲର ଶୁଖିଲା ସ୍ଥାନ ଓ ପଥର ଗୁମ୍ଫା ଇତ୍ୟାଦିରେ ରହିଥାନ୍ତି।

**ଖାଦ୍ୟ-** ମହୁ, ମହୁମାଛି, ମହୁଲ ଫୁଲ, ଫଳ, ପିମ୍ପୁଡ଼ି, ଉଇ ଇତ୍ୟାଦି ଅନ୍ତର୍ଭୁକ୍ତ ।

**ପ୍ରଜନନ-**ଗର୍ଭଧାରଣ ସମୟ ୬-୭ ମାସ ପର୍ଯ୍ୟନ୍ତ ହୋଇଥାଏ। ସାଧାରଣତଃ ଜନ୍ମ ଦେବା ପାଇଁ ଗୁମ୍ଫାର ଆଶ୍ରୟ ନେଇଥାନ୍ତି। ଜନ୍ମ ପରେ ଭାଲୁମାନେ ପ୍ରାୟ ୩ ସପ୍ତାହ ପର୍ଯ୍ୟନ୍ତ ଅନ୍ଧ ହୋଇଯାଆନ୍ତି। ଛୁଆ ଭାଲୁମାନେ ପ୍ରାୟ ୨-୩ ବର୍ଷ ଅର୍ଥାତ୍ ପ୍ରାପ୍ତ ବୟସ ହେବା ଯାଏଁ ମା'ଭାଲୁ ସହିତ ରହିଥାନ୍ତି।

**ଆୟୁଷ-** ଏହି ପ୍ରାଣୀମାନେ ସାଧାରଣତଃ ୨୦ ବର୍ଷ ଯାଏଁ ବଞ୍ଚିପାରନ୍ତି।

**ସଂରକ୍ଷଣ ପଦକ୍ଷେପ-** ବାସସ୍ଥାନର ସୁରକ୍ଷା, ଶିକାରକୁ ନିୟନ୍ତ୍ରଣ ଓ ସଚେତନତା ମାଧ୍ୟମରେ ଏମାନଙ୍କର ସଂଖ୍ୟାକୁ ବୃଦ୍ଧି କରାଯାଇପାରିବ ।

**ତୁମେ ଜାଣିଛ କି ?**

ଦୃଷ୍ଟିଶକ୍ତି ଖୁବ କମ୍ ହୋଇଥିବାବେଳେ ଅଘ୍ରାଣ ଶକ୍ତି ଖୁବ ପ୍ରଖର ହୋଇଥାଏ । ସାଧାରଣ ମନୁଷ୍ୟଠାରୁ ୩ ଗୁଣା ଅଧିକ ଶକ୍ତିଶାଳୀ ହୋଇଥାନ୍ତି।

# ଗାଡ଼ ଭାଲୁ | Honey badger
*(Mellivora capensis)*

ଏମାନଙ୍କର ଓଜନ ୭-୧୮ କି.ଗ୍ରା ହୋଇଥାଏ । ଏମାନେ ଏକାକୀ ଜଙ୍ଗଲରେ ରାତିରେ ବୁଲିବାର ଦେଖାଯାଆନ୍ତି । ଶରୀର ଉପରେ ମୁଣ୍ଡ ଠାରୁ ଲାଞ୍ଜ ପର୍ଯ୍ୟନ୍ତ ଧଳା- ଧୂସର ରଙ୍ଗର ଲୋମ ଥାଏ । ପେଟରେ କଳା ବାଦାମୀ ରଙ୍ଗର ଲୋମ ଥାଏ । ଲାଞ୍ଜ କଳା ଓ ଅଗ୍ରରେ ପାଉଁଶିଆ ରଙ୍ଗ ଥାଏ । ମୁଣ୍ଡ ବଡ଼, ପାଟି ଛୋଟ ଓ କାନ ଚେପଟା ହୋଇଥାଏ । ଆଗ ଗୋଡ଼ ଦୁଇଟି ଗାତ ଖୋଳିବା ପାଇଁ ସାହାଯ୍ୟ କରେ । ଆଗ ଗୋଡ଼ର ପଞ୍ଝା ପଛଗୋଡ଼ ଅପେକ୍ଷା ବଡ଼ ଥାଏ । ଏମାନେ ମହୁମାଛିର ଲାର୍ଭା ଓ ମହୁ ଖାଉଥିବାରୁ ଏହାକୁ Honey badger କୁହାଯାଏ ।



ବାସସ୍ଥାନ- ପ୍ରାୟ ଶୁଖିଲା ସ୍ଥାନ ଓ ପଥର ଗୁମ୍ଫା ଇତ୍ୟାଦିରେ ରହିଥାନ୍ତି ।

ଖାଦ୍ୟ- ମହୁ, କୀଟପତଙ୍ଗ, ସରୀସୃପ, କେତେକ ଉଭୟଚର ପ୍ରାଣୀ, ପକ୍ଷୀ ଓ ସ୍ତନ୍ୟପାୟୀ ପ୍ରାଣୀକୁ ନିଜ ଖାଦ୍ୟ ଭାବରେ ଗ୍ରହଣ କରିଥାନ୍ତି । ଏହା ବ୍ୟତୀତ କେତେକ ଗଛର ଚେର, କୋଳି, ଫଳ ମଧ୍ୟ ଖାଇଥାନ୍ତି ।

ପ୍ରଜନନ- ଗର୍ଭ ଧାରଣ ସମୟ ୬-୭ ମାସ ପର୍ଯ୍ୟନ୍ତ ହୋଇଥାଏ । ଥରକରେ ୨-୩ ଟି ଛୁଆ ଜନ୍ମ ଗ୍ରହଣ କରନ୍ତି । ଶାବକମାନେ ଜନ୍ମବେଳେ ଅନ୍ଧ ହୋଇଥାଆନ୍ତି । ମା’ ଭାଲୁ ହିଁ ଶାବକମାନଙ୍କର ଲାଳନପାଳନ କରିଥାଏ ।

ଆୟୁଷ- ହାରାହାରି ୧୦ ବର୍ଷ ହୋଇଥାଏ ।

**ତୁମେ ଜାଣିଛ କି ?**

ଗାଡ଼ ଭାଲୁ ବିପଦ ସମୟରେ ସାହସର ସହିତ ଅନ୍ୟ ବଡ଼ ବଡ଼ ପ୍ରାଣୀଙ୍କର ସହ ସାମ୍ନା କରିଥାଏ ।

# କଳା ଲାଞ୍ଜିଆ ପାହାଡ଼ି ନେଉଳ

## Ruddy Mongoose *(Herpestes smithii)*



ଶରୀରର ଲମ୍ବ ସହିତ ଲାଞ୍ଜର ଲମ୍ବ ପାଖାପାଖି ସମାନ ହୋଇଥାଏ । ଶରୀରର ଲମ୍ବ ୩୬-୪୫ ସେ.ମି. ହୋଇଥିବା ବେଳେ ଲାଞ୍ଜର ଲମ୍ବ ୩୨-୪୫ ସେ.ମି. ହୋଇଥାଏ । ଅଣ୍ଡିରା ନେଉଳ ମାଈ ନେଉଳ ଠାରୁ ବଡ଼ ହୋଇଥାଏ । ଶରୀରର ରଙ୍ଗ ଧୂସର ହୋଇଥିବା ବେଳେ ଲାଞ୍ଜର ଅଗ୍ରଭାଗ କଳା ହୋଇଥାଏ । ଏହି କାରଣରୁ ଏମାନଙ୍କୁ ସହଜରେ ଚିହ୍ନିତ କରାଯାଇପାରେ । ନାକ ଓ ମୁହଁ ଗୋଜିଆ ହୋଇଥାଏ ଓ ଆଖି ଧୂସର ଓ ଲାଲ ରଙ୍ଗ ଦେଖାଯାଏ । ଗୋଡ ଛୋଟ ଓ ପେଟରେ ବାଦାମୀ -ନାଲି ରଙ୍ଗ ଥାଏ । ପଛ ଗୋଡ଼ ଅଧିକ କଳା ଦେଖାଯାଏ ଓ ଆଗ ଗୋଡ଼ର ଅଗ୍ରରେ ଲୋମ ନ ଥାଏ ।

**ବାସସ୍ଥାନ-** ଏହି ପ୍ରାଣୀମାନେ ଶୁଖିଲା ଜାଗା, ଜଙ୍ଗଲ, ଚଷଜମି ଇତ୍ୟାଦିରେ ବାସ କରନ୍ତି ।

**ଖାଦ୍ୟ-** ଏହି ପ୍ରଜାତି ସର୍ବାହାରୀ । ସାପ, ପକ୍ଷୀମାନଙ୍କ ଅଣ୍ଡା, ଝିଟିପିଟି ଓ ନଦୀ ର କୂଳରେ ବାସ କରୁଥିବା ପ୍ରାଣୀମାନଙ୍କର ଅଣ୍ଡାକୁ ଏମାନେ ନିଜର ଖାଦ୍ୟରୂପେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ଗର୍ଭ ଧାରଣ ସମୟ ୬୦-୬୫ ଦିନ ପର୍ଯ୍ୟନ୍ତ ହୋଇଥାଏ । ଥରକରେ ୨ ରୁ ୪ଟି ଛୁଆକୁ ଜନ୍ମ ଦେଇଥାନ୍ତି ।

**ଆୟୁଷ-** ହାରାହାରି ୭ ରୁ ୧୦ ବର୍ଷ ପର୍ଯ୍ୟନ୍ତ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ବାସସ୍ଥାନର ସୁରକ୍ଷା ହିଁ ଏମାନଙ୍କ ସଂଖ୍ୟାର ବୃଦ୍ଧିର ସହାୟକ ହୋଇପାରିବ ।

**ତୁମେ ଜାଣିଛ କି ?**

ଶସ୍ୟକ୍ଷେତ୍ରରେ ବିଭିନ୍ନ ସାପ ଓ ମୂଷାକୁ ଖାଇ ଶସ୍ୟ କ୍ଷେତ୍ରକୁ ପରୋକ୍ଷ ଭାବରେ ସୁରକ୍ଷା ପ୍ରଦାନ କରିଥାନ୍ତି ।

# କୁଜି ନେଉଳ | Small Asian Mongoose

***(Herpestes javanicus)***



ଶରୀରର ଲମ୍ବ ପ୍ରାୟ ୨୧-୪୪ ସେ.ମି. ହୋଇଥିବାବେଳେ ଲାଞ୍ଜର ଲମ୍ବ ୧୫-୩୩ ସେ.ମି. ହୋଇଥାଏ । କଳା ମାଟିଆ ରଙ୍ଗର ଶରୀର, ଲମ୍ବାଳିଆ ଦେହ ଓ ଛୋଟ ଗୋଡ଼ ଥାଏ । ଓଜନ ପ୍ରାୟ ୦.୫ ରୁ ୧ କେଜି ହୋଇଥାଏ । ମାଈମାନେ ଅଣ୍ଡିରା ଠାରୁ ହାଲୁକା ହୋଇଥାନ୍ତି ଏବଂ ଆକାରରେ ମଧ୍ୟ ବଡ଼ ହୋଇଥାନ୍ତି । ଅଣ୍ଡିରାର ମୁଣ୍ଡ ଅପେକ୍ଷାକୃତ ବଡ଼ ହୋଇଥାଏ । ଲୋମ ଗୁଡ଼ିକ ଛୋଟ ଓ ଚିକ୍କଣ ହୋଇଥାଏ । କାନ ଛୋଟ ଓ ଗୋଲାକାର ହୋଇଥାଏ । ମୁହଁ ଲମ୍ବାଳିଆ ଓ ନାକ ଉପରେ କଳା ଦାଗ ଥାଏ । ଦୌଡ଼ିବା ସମୟରେ ବେଳେବେଳେ ପଛ ଦୁଇ ପାଦରେ ଛିଡ଼ା ହୋଇପାରନ୍ତି । ଏମାନେ ଏକାକୀ ରହିଥାନ୍ତି ।

**ବାସସ୍ଥାନ-** ଏମାନେ ଜଙ୍ଗଲ, ଶସ୍ୟକ୍ଷେତ୍ର, ବୁଦାଳିଆ, ସନ୍ତସନ୍ତିଆ ଜାଗାରେ ଦେଖାଯାଆନ୍ତି । ବେଳେବେଳେ ଜନବସତି ନିକଟରେ ମଧ୍ୟ ଦେଖାଯାଆନ୍ତି ।

**ଖାଦ୍ୟ-** ବିଭିନ୍ନ ପ୍ରକାର ମୂଷା ପ୍ରଜାତି, ସାପ, ପକ୍ଷୀମାନଙ୍କର ଅଣ୍ଡା, ଝିଟିପିଟି, ବିଭିନ୍ନ ପ୍ରକାର ଅମେରୁଦଣ୍ଡୀ ପ୍ରାଣୀମାନଙ୍କୁ ଖାଦ୍ୟ ଭାବରେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ବର୍ଷକୁ ପ୍ରାୟ ୩ ଥର ପ୍ରଜନନ କରିଥାନ୍ତି । ଥରକରେ ୨ ରୁ ୩ ଟି ଛୁଆ ଜନ୍ମ ଗ୍ରହଣ କରିଥାନ୍ତି । ଗର୍ଭଧାରଣର ସମୟସୀମା ୪୨-୫୦ ଦିନ ପର୍ଯ୍ୟନ୍ତ ହୋଇଥାଏ ।

**ଆୟୁଷ-** ହାରାହାରି ଆୟୁଷ ୩-୪ ବର୍ଷ ଯାଏଁ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ବାସସ୍ଥାନର ସୁରକ୍ଷା ହିଁ ଏମାନଙ୍କ ସଂଖ୍ୟା ବୃଦ୍ଧିର ସହାୟକ ହୋଇପାରିବ ।

**ତୁମେ ଜାଣିଛ କି ?**

ଲୋକମାନେ ବେଆଇନ୍ ଭାବରେ ଏମାନଙ୍କୁ ଘରେ ମଧ୍ୟ ରଖିଥାନ୍ତି । କାରଣ ଏମାନଙ୍କର ଲୋମରୁ ରଙ୍ଗ କାମରେ ବ୍ୟବହୃତ ତୂଳୀ ତିଆରି କରାଯାଏ ।

# ପାହାଡ଼ି ନେଉଳ | Indian Grey Mongoose

*(Herpestes edwardsii)*



ଏହି ପ୍ରାଣୀମାନେ ବିଷାକ୍ତ ସାପ ବିରୁଦ୍ଧରେ ଲଢ଼େଇ କରିବା ପାଇଁ ବେଶ୍ ଜଣାଶୁଣା । ଏହି ପ୍ରାଣୀମାନଙ୍କର ଗୋଡ଼ ଶରୀର ଠାରୁ ଛୋଟ ଓ ଗାଢ ଧୂସର ରଙ୍ଗର ହୋଇଥାନ୍ତି । ମୁହଁ ଓ ଆଖି ପାଖରେ ଥିବା କେଶ ଗୁଡ଼ିକ ବାଦାମୀ ଓ ଲାଲ ହୋଇଥାଏ । ଅନ୍ୟ ନେଉଳ ଅପେକ୍ଷା ଅଧିକ ଧୂସର ଦେଖାଯାଇଥାଏ । ଲାଞ୍ଜରେ ଘନ କେଶ ରହିଥାଏ । ଲାଞ୍ଜ ମୋଟା ଓ ଗହଳ ହୋଇଥାଏ । ଶରୀରର ଲମ୍ବ ୩୬-୪୫ ସେ.ମି.ହୋଇଥାଏ । ଓଜନ ୧.୪ କି.ଗ୍ରା ପର୍ଯ୍ୟନ୍ତ ହୋଇଥାଏ । ଏହି ପ୍ରଜାତକୁ ପାରମ୍ପରିକ ଭାବରେ ସାପ ଓ ନେଉଳ ଖେଳରେ ଲୋକମାନେ ଦେଖିଥାନ୍ତି । ଅଣ୍ଡିରାମାନେ ମାଈ ମାନଙ୍କ ଅପେକ୍ଷା ଆକାରରେ ବଡ଼ ହୋଇଥାନ୍ତି । ଏକାକୀ କିମ୍ବା ଯୋଡ଼ିରେ ରହିଥାଆନ୍ତି ।

ବାସସ୍ଥାନ- ଏମାନେ ଜଙ୍ଗଲର ବୁଦାଳିଆ ଜାଗାରେ ଦେଖାଯାଆନ୍ତି ।

ଖାଦ୍ୟ- ଏମାନେ ସର୍ବାହାରୀ ପ୍ରାଣୀ ଅଟନ୍ତି । ମୂଷା, ଝିଟିପିଟି, ସାପ, ବିଭିନ୍ନ ସ୍ଥଳଚର ପକ୍ଷୀ ଓ ସେମାନଙ୍କର ଅଣ୍ଡା, ଝିଣ୍ଟିକା, ବେଙ୍ଗ, କଙ୍କଡ଼ା, ମାଛ, ଗଛର ବିଭିନ୍ନ ଅଂଶ, ଫଳ, କୋଳି, ଚେର, ବିଛା ଇତ୍ୟାଦି ଖାଇଥାନ୍ତି ।

ପ୍ରଜନନ- ଏମାନେ ମାର୍ଚ୍ଚରୁ ଅକ୍ଟୋବର ମାସ ଭିତରେ ପ୍ରଜନନ କରିଥାନ୍ତି । ବର୍ଷକୁ ୨ କିମ୍ବା ୩ ଥର ପ୍ରଜନନ କରିଥାନ୍ତି । ଗର୍ଭଧାରଣ ସମୟ ୬୦ ରୁ ୬୫ ଦିନ ପର୍ଯ୍ୟନ୍ତ ହୋଇଥାଏ । ଥରକରେ ୨ ରୁ ୪ ଟି ଛୁଆ ଜନ୍ମ ଗ୍ରହଣ କରିଥାନ୍ତି ।

ଆୟୁଷ- ହାରାହାରି ୭ ରୁ ୧୦ ବର୍ଷ ହୋଇଥାଏ ।

ସଂରକ୍ଷଣ ପଦକ୍ଷେପ- ବାସସ୍ଥାନର ସୁରକ୍ଷା ହିଁ ଏମାନଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହୋଇପାରିବ ।

**ତୁମେ ଜାଣିଛ କି ?**

ବିଭିନ୍ନ ପ୍ରଦର୍ଶନୀରେ ସାପ ଓ ଏହି ନେଉଳମାନଙ୍କୁ ପାରମ୍ପରିକ ଭାବରେ ଲୋକମାନଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟବହାର କରାଯାଏ ।

# ଓଧ | Smooth-coated otter *(Lutrogale perspicillata)*



ଶରୀର ଧୂସର–ବାଦାମୀ ରଙ୍ଗର ଓ ଗୋଟିଏ ସ୍ୱଚ୍ଛ ଧଳା ଗାର ପିଠି ଓ ପେଟ ପଟକୁ ଅଲଗା କରିଥାଏ । ଲାଞ୍ଜ ମୋଟା ଓ ଶେଷ ଭାଗ ଆଡକୁ ଗୋଜିଆ ହୋଇଥାଏ । ଲାଞ୍ଜ ଆହୁଲା (Paddle) ଭଳି ଉସାରିଆ ହୋଇଥାଏ । ମୁହଁରେ କିଛି ଦାଗ ନ ଥାଏ । ପାଦ ଗୁଡ଼ିକ ଜାଲ ପାଦ ହୋଇଥାଏ । ପାଦ ଚିହ୍ନ ଅନ୍ୟ ଓଧ ମାନଙ୍କ ଠାରୁ ବଡ଼ ହୋଇଥାଏ । ଏହି ପ୍ରାଣୀମାନଙ୍କର ଆଗ ଗୋଡ଼ ପଛ ଗୋଡ଼ ଅପେକ୍ଷା ଛୋଟ ଥାଏ ଯାହାକି ପହଁରିବାରେ ସାହାଯ୍ୟ କରିଥାଏ । ଏମାନଙ୍କ ଶରୀରରେ ଥିବା ଲୋମ ଗୁଡିକ ଖୁବ୍ ଚିକ୍କଣ ଓ ନରମ ହୋଇଥାଏ । ଏମାନଙ୍କ ଏହି ମୋଟା, ମସୃଣ ଲୋମର ଦୁଇଟି ସ୍ତର ଥାଏ ଯାହାକି ପାଣି ମଧ୍ୟରେ ଏମାନଙ୍କ ଶରୀରର ତାପମାତ୍ରା ଠିକ୍ ରଖିଥାଏ । ମାଈ ଓଧର ଦୁଇ ଯୋଡ଼ା ସ୍ତନ୍ୟ ଗ୍ରନ୍ଥି ଥାଏ । ଏମାନେ ଦଳରେ ପାଖାପଖି ୫-୧୧ଟି ରହିଥାଆନ୍ତି ।

**ବାସସ୍ଥାନ-** ଓଧ ମାନେ ନଦୀ, ହ୍ରଦ, ଝରଣା ଓ ଡ୍ୟାମ୍ ପାଖରେ ଗାତ କରି ରହିଥାଆନ୍ତି ।

**ଖାଦ୍ୟ-** ଏମାନେ ନିଜ ଖାଦ୍ୟ ପାଇଁ ଛୋଟ ଛୋଟ ପ୍ରାଣୀମାନଙ୍କ ଉପରେ ନିର୍ଭର କରିଥାନ୍ତି, ଯଥା ମାଛ ଓ କେତେକ ସନ୍ଧୀପଦ ପ୍ରାଣୀ ।

**ପ୍ରଜନନ-** ଗର୍ଭଧାରଣ ସମୟ ୬୦-୬୫ ଦିନ ପର୍ଯ୍ୟନ୍ତ ହୋଇଥାଏ । ଜନ୍ମପରେ ଶାବକମାନେ ପ୍ରାୟ ୩୦ ଦିନ ପର୍ଯ୍ୟନ୍ତ ଦେଖିପାରନ୍ତି ନାହିଁ । ପ୍ରାୟ ୨ ବର୍ଷ ବୟସରେ ହିଁ ଗର୍ଭଧାରଣ କ୍ଷମତା ଆସିଯାଏ । ଥରକରେ ୨ ରୁ ୫ଟି ଶିଶୁ ଜନ୍ମ ଗ୍ରହଣ କରିଥାନ୍ତି ।

**ଆୟୁଷ-** ହାରାହାରି ୧୦-୧୫ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ସର୍ବପ୍ରଥମେ ବାସସ୍ଥାନର ସୁରକ୍ଷା, ଲୋକମାନଙ୍କ ମଧ୍ୟରେ ସଚେତନତା ଓ ଅଧିକ ଗବେଷଣା ମାଧ୍ୟମରେ ଏମାନଙ୍କର ବଂଶକୁ ବୃଦ୍ଧି କରାଯାଇ ପାରିବ ।

**ତୁମେ ଜାଣିଛ କି ?**

ମଳତ୍ୟାଗ ପରେ ଏମାନେ ଘାସ ଉପରେ ଗଡ଼ିଥାନ୍ତି । ଏମାନଙ୍କର ମଳକୁ Spraint ବୋଲି କୁହାଯାଏ, ଯାହା ପଚା ଅଣ୍ଡା ଭଳି ଗନ୍ଧ କରିଥାଏ ।

# ଓଧ | Small-clawed otter
## *(Aonyx cinereus)*



ଏହା ବିଶ୍ୱର ସବୁଠାରୁ ଛୋଟ ଓଧ । ଶରୀରର ଉପର ପାର୍ଶ୍ୱ କଳା- ବାଦାମୀ ଓ ତଳପାର୍ଶ୍ୱ ପତଳା ବାଦାମୀ- ହଳଦିଆ ରଙ୍ଗର ହୋଇଥାଏ । ଓଠ, ଗାଲ,ଗଳା ଓ ଛାତି  ଧଳା ରଙ୍ଗର ହୋଇଥାଏ । ନାକ ଓ ମୁହଁ ଗୋଳାପୀ ଦେଖାଯାଉଥିଲାବେଳେ ଆଖି ମୁଣ୍ଡ ତୁଳନାରେ ବଡ଼ ଦେଖାଯାଏ । ଏମାନଙ୍କର ମୁହଁଛୋଟ ଶିଶୁର ମୁହଁ ସଦୃଶ ହୋଇଥାଏ ।ଉପର ମାଡ଼ିର ଶେଷ ଦୁଇଟି ଦାନ୍ତ ବଡ଼ ଥାଏ, ସେମାନଙ୍କୁ କଙ୍କଡ଼ା ଆଦି ଚୋବାଇ ଖାଇବାରେ ସାହଯ୍ୟ କରେ । ଲାଞ୍ଜ ଲମ୍ୱା, ମୋଟା ଓ ମାଂସଳ ହୋଇଥାଏ । ଲାଞ୍ଜ ଶରୀରର ଏକ ତୃତୀୟାଂଶ ଲମ୍ୱା ହୋଇଥାଏ । ନିଜର ଶିକାରକୁ ଅନ୍ୟ ଓଧ ଭଳି ମୁହଁରେ ନଧରି  ହାତରେ ଧରିଥାଏ ।

**ବାସସ୍ଥାନ-** ନଦୀ, ଝରଣା, ସନ୍ତସନ୍ତିଆ ସ୍ଥାନ ଓ ବନ୍ୟାପ୍ଲାବିତ ଧାନ ଜମି ଇତ୍ୟାଦି ସ୍ଥାନରେ ଗାତ କରି  ରହିଥାଆନ୍ତି ।

**ଖାଦ୍ୟ-** କଙ୍କଡ଼ା ଓ ମାଛ ଆଦି ଖାଇଥାଏ ।

**ପ୍ରଜନନ-** ଗର୍ଭଧାରଣ  ସମୟ ୬୮-୭୨ ଦିନ ପର୍ଯ୍ୟନ୍ତ ହୋଇଥାଏ । ପ୍ରାୟ ୨ ବର୍ଷ ବୟସରେ ହିଁ ଗର୍ଭଧାରଣ କ୍ଷମତା ଆସିଯାଏ । ଥରକରେ ୧ ରୁ ୬ଟି ଶିଶୁ ଜନ୍ମ ଗ୍ରହଣ କରିଥାନ୍ତି ଓ ବର୍ଷଯାକ ପ୍ରଜନନ କରିଥାନ୍ତି ।

**ଆୟୁଷ-** ହାରାହାରି ୧୧-୧୬ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ସର୍ବପ୍ରଥମେ ବାସସ୍ଥାନର ସୁରକ୍ଷା, ଲୋକମାନଙ୍କ ମଧ୍ୟରେ ସଚେତନତା ଓ ଅଧିକ ଗବେଷଣା ମାଧ୍ୟମରେ ଏମାନଙ୍କର ବଂଶକୁ ବୃଦ୍ଧି କରାଯାଇ ପାରିବ ।

**ତୁମେ ଜାଣିଛ କି ?**

ଏମାନେ ଅର୍ଦ୍ଧଜଳଚର ସ୍ତନ୍ୟପାୟୀ ପ୍ରାଣୀ, ଦଳରେ ବୁଲିବା ସହିତ, ଶାବକ ମାନଙ୍କର ଯତ୍ନ  ନିଅନ୍ତି ଓ  ଶିକାର ମଧ୍ୟ କରିଥାନ୍ତି ।

# ଢ଼ାଲି ଓଧ | Small Indian Civet *(Viverricula indica)*



ଶରୀରର ଲମ୍ବ ୪୫-୬୩ ସେ.ମି., ଓଜନ ୨-୪ କି.ଗ୍ରା. ଓ ଲାଞ୍ଜର ଲମ୍ବ ୨୫-୪୩ ସେ,ମି. ହୋଇଥାଏ । ଲମ୍ବାଳିଆ ଶରୀର ଉପରେ ମାଟିଆ - ଧୂସର ରଙ୍ଗର ଲୋମ ଓ ତିନିରୁ ପାଞ୍ଚ ଧାଡ଼ିର କଳା ଦାଗ ଦେଖାଯାଏ । ଗଳା କ୍ରୀମ୍ ରଙ୍ଗର ଓ ଦୁଇ ପାର୍ଶ୍ୱରେ ପତଳା ଧଳା ଦାଗ ଥାଏ । ମୁଣ୍ଡ ଉପରେ ଛୋଟ ଗୋଲାକାର କାନ ଥାଏ । ଏମାନଙ୍କର ଗୋଡ଼ କଳା ଓ ଲମ୍ବା ହୋଇଥାଏ । ଲାଞ୍ଜରେ ୬-୧୦ଟି କଳା-ଧଳା ଗୋଲାକାର ଦାଗ ଥାଏ । ମୁହଁ ଛୋଟ ଆକାରର ଓ ଗାଲ ପାଖରେ ଧଳା ଦାଗ ଦେଖାଯାଏ । ଏହି ଜୀବମାନେ ସ୍ଥଳ ଭାଗରେ ଦେଖାଯାଆନ୍ତି ଓ ରାତ୍ରିଚର ହୋଇଥାନ୍ତି । ଭଲ ଭାବରେ ଗଛ ଚଢ଼ିବା ସହ ଡାଳରେ ମଧ୍ୟ ଚାଲିପାରନ୍ତି । ଏମାନେ ଏକାକୀ ରହିଥାଆନ୍ତି ।

**ବାସସ୍ଥାନ-** ସାଧାରଣତଃ ଘର ପାଖ ଅଞ୍ଚଳରେ ଏମାନେ ଦେଖାଯାଆନ୍ତି । ଗଛର ତଳେ ଛୋଟ ଗାତ କରି ରହିଥାନ୍ତି ।

**ଖାଦ୍ୟ-** ଏହି ପ୍ରାଣୀମାନେ ସାଧାରଣତଃ କୀଟପତଙ୍ଗ ଖାଇଥାନ୍ତି । ତାହା ସହିତ ବିଭିନ୍ନ ଜନ୍ତୁ, କୀଟ, ମୂଷା, ପକ୍ଷୀ, ସାପକୁ ଏମାନେ ନିଜ ଖାଦ୍ୟ ଭାବେ ଗ୍ରହଣ କରନ୍ତି । ବେଳେ ବେଳେ କେତେକ ଗଛର ଫଳ ଓ ଚେର ମଧ୍ୟ ଖାଇଥାନ୍ତି ।

**ପ୍ରଜନନ-** ବର୍ଷଯାକ ପ୍ରଜନନ କରିଥାନ୍ତି । ଗର୍ଭ ଧାରଣ ସମୟ ୬୦-୭୦ ଦିନ ପର୍ଯ୍ୟନ୍ତ ହୋଇଥାଏ । ଥରକରେ ୪ ରୁ ୫ ଟି ଶାବକ ଜନ୍ମ ଗ୍ରହଣ କରିଥାନ୍ତି ।

**ଆୟୁଷ-** ହାରାହାରି ୮-୯ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ବାସସ୍ଥାନର ସୁରକ୍ଷା ଓ ଏମାନଙ୍କର ଶିକାରକୁ ରୋକିବା ନିତ୍ୟାନ୍ତ ଆବଶ୍ୟକ ।କେତେକ ଜାଗାରେ ଲୋକମାନେ ଘରେ ରଖି ଏମାନଙ୍କର ଲାଳନପାଳନ କରିଥାନ୍ତି । ତେଣୁ ଅଧିକ ସଚେତନତା ମାଧ୍ୟମରେ ଲୋକଙ୍କୁ ଏସବୁରୁ ବାରଣ କରାଯାଇପାରିବ ।

**ତୁମେ ଜାଣିଛ କି ?**

ଶରୀରରୁ ମହମ ଭଳି ପଦାର୍ଥ କ୍ଷରଣ ହୋଇଥାଏ, ଯାହା ଔଷଧ ଓ ଅତର ପ୍ରସ୍ତୁତିରେ ଲାଗିଥାଏ ।

# ଶାଳିଆପତନି | Common Palm Civet *(Paradoxurus hermaphroditus)*



ଏହା ଓଡ଼ିଶାର ସମସ୍ତ ସ୍ଥାନରେ ଦେଖାଯାଉଥିବା ପ୍ରାଣୀ ଅଟେ । ବାଦାମୀ- କଳା ରଙ୍ଗର ଶରୀର ହୋଇଥାଏ । ଉପର ପାର୍ଶ୍ୱରେ ତିନି ଧାଡ଼ିର କଳା ଦାଗ ଲାଞ୍ଜ ଯାଏ ଦେଖାଯାଏ । ଲାଞ୍ଜ ଦେଖିବାକୁ କଳା ହୋଇଥାଏ । ମୁହଁ ଓ କାନରେ କଳା ଚିହ୍ନ ରହିଥାଏ । ଆଖି ତଳେ ଓ କାନ ପାଖରେ ଧଳା ଦାଗଥାଏ, ଯାହା ଚିହ୍ନିବାରେ ସାହାଯ୍ୟ କରେ । ପଞ୍ଜା-ଗୁଡିକ ଖୁବ୍ ତୀକ୍ଷ୍ଣ ହୋଇଥାଏ ଯାହାକି ଗଛ ଚଢିବାରେ ଏମାନଙ୍କୁ ସାହାଯ୍ୟ କରିଥାଏ । ପାଦ କଳା ଓ ପାଦରେ ପାଞ୍ଚଟି ଲେଖାଏଁ ଆଙ୍ଗୁଳି ଥାଏ । ଏହା ଏକ ରାତ୍ରିଚର ପ୍ରାଣୀ ଓ ରାତି ସମୟରେ ନିଜର ଖାଦ୍ୟ ଅନ୍ୱେଷଣ କରିଥାଏ । ଏହା ଏକ ଛୋଟ ବିଲେଇ ପରି ଦେଖାଯାଏ ଯାହାର ଓଜନ ପ୍ରାୟ ୧.୫-୪.୫ କି.ଗ୍ରା.ହୋଇଥାଏ । ଏମାନେ ଏକାକୀ ରହିଥାଆନ୍ତି ।

**ବାସସ୍ଥାନ-** ସାଧାରଣ ଭାବେ ଗଛରେ ରହିଥାଏ । ସବୁ ପ୍ରକାର ଜଙ୍ଗଲରେ ଦେଖାଯାଆନ୍ତି ଓ ଜନବସତି ପାଖରେଥିବା ଗଛରେ ମଧ୍ୟ ରହିଥାନ୍ତି ।

**ଖାଦ୍ୟ-** ଏହା ଏକ ସର୍ବାହାରୀ ପ୍ରାଣୀ ଯାହାକି ଖଜୁରୀ ତାଡ଼ୀ ଓ ମହୁ ଖାଇବାକୁ ବେଶ ପସନ୍ଦ କରେ । ଖଜୁରୀ ତାଡ଼ି ଖାଉଥିବାରୁ ଏମାନେ "Toddy cat" ନାମରେ ବେଶ୍ ଜଣାଶୁଣା ।

**ପ୍ରଜନନ-** ବର୍ଷସାରା ପ୍ରଜନନ କରନ୍ତି । ଗର୍ଭଧାରଣ ସମୟ ସୀମା ପ୍ରାୟ ୨ ମାସ ହୋଇଥାଏ, ଥରକରେ ୨ ରୁ ୫ଟି ଶିଶୁ ଜନ୍ମ ଗ୍ରହଣ କରିଥାନ୍ତି ।

**ଆୟୁଷ-** ହାରାହାରି ୧୫-୨୦ ବର୍ଷ ବୟସ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ବାସସ୍ଥାନର ସୁରକ୍ଷା ଓ ଏମାନଙ୍କର ଶିକାରକୁ ରୋକିବା ନିତ୍ୟାନ୍ତ ଆବଶ୍ୟକ । ଏମାନଙ୍କୁ ମଧ୍ୟ ପୋଷା ଆକାରରେ ଲୋକେ ଲାଳନ ପାଳନ କରିଥାନ୍ତି । ତେଣୁ ଅଧିକ ସଚେତନତା ମାଧ୍ୟମରେ ଲୋକଙ୍କୁ ଏସବୁରୁ ବାରଣ କରାଯାଇପାରିବ ।

**ତୁମେ ଜାଣିଛ କି ?**

ଶାଳିଆପତନୀ ବାହ୍ୟ ଶତ୍ରୁର ଆଭାସ ପାଇଲେ ବିଲେଇ ପରି ଶବ୍ଦ ସୃଷ୍ଟି କରିଥାନ୍ତି । ଏହି ପ୍ରାଣୀମାନେ ବାସୁମତୀ ଚାଉଳ ଧୁଆ ପାଣି ପରି ବାସିଥାନ୍ତି ।

# ଶଶା | Indian Hare *(Lepus nigricollis)*



ଲାଞ୍ଜର ଉପରି ଭାଗ ମଧ୍ୟ କଳା ହୋଇଥିବା ବେଳେ ମୁହଁ ଓ ପଛପାଖ ଧୂସର ରଙ୍ଗର ହୋଇଥାଏ । ଶରୀର ଲୋମାବୃତ ହୋଇଥାଏ । ତଳପାର୍ଶ୍ୱ ଧଳା ହୋଇଥାଏ । ଏମାନଙ୍କର ଲୋମ ବାଦାମୀ –କଳା ଦେଖାଯାଏ । ମୁହଁ ଓ ଉପରପାର୍ଶ୍ୱ ବାଦାମୀ ରଙ୍ଗର ହୋଇଥାଏ । ତଳପାର୍ଶ୍ୱ ଧଳା ଦେଖାଯାଇଥାଏ । କାନ ଲମ୍ବା ଓ ଆଖି ବଡ଼ ଥାଏ । ମୁଣ୍ଡ ପଛରେ ଓ ଲାଞ୍ଜ ଉପରେ କଳା ଦାଗ ଥାଏ । ଗୋଡ଼ ଲମ୍ବା ଥାଏ । ଆଗ ଗୋଡ଼ ଅପେକ୍ଷା ପଛ ଗୋଡ଼ ବଡ଼ ହୋଇଥାଏ । ମାଈ ମାନେ ଅଣ୍ଡିରା ଠାରୁ ବଡ଼ ଆକରର ହୋଇଥାନ୍ତି । ଶରୀରର ଲମ୍ବ ୩୩ –୫୩ ସେ.ମି.ହୋଇଥିବାବେଳେ ଓଜନ ୧.୮–୩.୬ କି.ଗ୍ରା. ପର୍ଯ୍ୟନ୍ତ ହୋଇଥାଏ । ଏମାନେ ଏକାକୀ ଅବା ଯୋଡ଼ିରେ ରହିଥାଆନ୍ତି ।

**ବାସସ୍ଥାନ–** ଏହି ପ୍ରାଣୀମାନେ ସାଧାରଣତଃ ବୁଦା ଓ ଚଷ ଜମିରେ ରହିଥାନ୍ତି । ଏହା ବ୍ୟତୀତ ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଗୁଳ୍ମ ଜାଗାରେ ମଧ୍ୟ ବସବାସ କରିଥାନ୍ତି । ପର୍ବତାଞ୍ଚଳ ବିଶେଷ କରି ପାହାଡ଼ର ଢାଲୁ ଜାଗାରେ ରହିବା ପାଇ ଏମାନେ ବେଶୀ ପସନ୍ଦ କରିଥାନ୍ତି ।

**ଖାଦ୍ୟ–** ଏହା ଏକ ତୃଣଭୋଜୀ ପ୍ରାଣୀ । ଶସ୍ୟ, ଫଳ, ମଞ୍ଜି ଇତ୍ୟାଦି ଖାଆନ୍ତି । ବେଳେବେଳେ ଛୋଟ ଛୋଟ ଘାସ ଓ ପତ୍ର ମଧ୍ୟ ଖାଇଥାନ୍ତି ।

**ପ୍ରଜନନ–** ଥରକରେ ୧–୪ ଟି ଶିଶୁକୁ ଜନ୍ମ ଦେଇଥାନ୍ତି । ଗର୍ଭଧାରଣର ସମୟ ପ୍ରାୟ ୪୦–୫୦ ଦିନ ହୋଇଥାଏ ।

**ଆୟୁଷ–** ଏହି ପ୍ରାଣୀମାନେ ୫–୭ ବର୍ଷ ଯାଏଁ ବଞ୍ଚି ପାରନ୍ତି ।

**ସଂରକ୍ଷଣ ପଦକ୍ଷେପ–** ସର୍ବପ୍ରଥମେ ତାଙ୍କର ବାସସ୍ଥାନର ସୁରକ୍ଷା ସହିତ ଅଧିକ ସୁରକ୍ଷିତ ଏରିଆ ସରକାରୀ ସ୍ତରରେ ଘୋଷଣା, ଲୋକଙ୍କ ମଧ୍ୟରେ ସଚେତନତା ଓ ଶିକାରକୁ ରୋକାଯିବା ଦରକାର ।

**ତୁମେ ଜାଣିଛ କି ?**

ସେମାନଙ୍କର ଶକ୍ତିଶାଳୀ ପଛ ଗୋଡ ସେମାନଙ୍କୁ ଘଣ୍ଟା ପ୍ରତି ୭୦–୭୨ କିଲୋମିଟର ବେଗରେ ଦୌଡ଼ିବାରେ ସାହାଯ୍ୟ କରିଥାଏ ।

# ଝିଙ୍କ | Indian porcupine
*(Hystrix indica)*



ଏହି ପ୍ରଜାତି ଭାରତର ସବୁଠାରୁ ବଡ଼ ମୂଷା ଜାତୀୟ ପ୍ରାଣୀ ଯାହାର ଶରୀରରେ ଲମ୍ୱା, କଳା ଓ ଧଳା କଣ୍ଟା (Quills) ଥାଏ । ମେରୁଦଣ୍ଡରେ ମଧ୍ୟ ଏକ ଲମ୍ୱା କଣ୍ଟା ଥାଏ ଯାହାକି ସେମାନଙ୍କୁ ବିପଦର ସାମ୍ନା କରିବାରେ ସାହାଯ୍ୟ କରିଥାଏ । ଏହି କଣ୍ଟାର ଲମ୍ବ ୧୬ ଇଞ୍ଚ ପର୍ଯ୍ୟନ୍ତ ହୋଇପାରେ । ମୁଣ୍ଡ ଠାରୁ ପିଠିର ମଧ୍ୟଭାଗ ଯାଏ ଲମ୍ୱା ଲୋମ ଥାଏ । ଲାଞ୍ଜ ଛୋଟ ଓ ଧଳା କଣ୍ଟା ଦେଖାଯାଇଥାଏ । ସନ୍ଧ୍ୟା ସମୟରେ ଗାତରୁ ବାହାରିଥାଏ । ଖାଦ୍ୟ ଅନ୍ୱେଷଣରେ ଖୁବ୍ ଭଲ ଭାବରେ ଗଛ ମଧ୍ୟ ଚଢ଼ିପାରନ୍ତି । ଏହା ସେମାନଙ୍କୁ ଶିକାରୀ ମାନଙ୍କ ଠାରୁ ରକ୍ଷା ମଧ୍ୟ କରିଥାଏ । ଶରୀରର ଲମ୍ବ ୬୦-୯୦ ସେ.ମି. ଏବଂ ଓଜନ ୧୧-୧୮ କି.ଗ୍ରା. ମଧ୍ୟରେ ହୋଇଥାଏ । ଏମାନେ ଏକାକୀ ଅବା ଛୋଟ ଦଳରେ ରହିଥାଆନ୍ତି ।

**ବାସସ୍ଥାନ-** ସାଧାରଣତଃ ଘନ ବୁଦା, ଘାସ, ପଥର ଓ ପାହାଡ଼ରେ ଗାତ କରି ଏମାନେ ରହିଥାନ୍ତି ।

**ଖାଦ୍ୟ-** ଏମାନେ ସାଧାରଣତଃ ଗଛର ମୂଳ, ଚେର, ଫଳ, ଶସ୍ୟ, କଦଳୀ ଓ ଛୋଟ କୀଟକୁ ନିଜ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ଗର୍ଭ ଧାରଣ ସମୟ ୨୪୦ଦିନ ମଧ୍ୟରେ ହୋଇଥାଏ । ଥରକରେ ମାଇ ଝିଙ୍କ ୨-୪ଟି ଶିଶୁକୁ ହିଁ ଜନ୍ମ ଦେଇଥାଏ ।

**ଆୟୁଷ-** ହାରାହାରି ୧୮-୨୦ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ଏମାନଙ୍କର ଶିକାରକୁ ରୋକିବା ଦରକାର ଓ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଜରୁରୀ ।

**ତୁମେ ଜାଣିଛ କି ?**

ଝିଙ୍କମାନଙ୍କ ଶରୀରରେ ପ୍ରାୟ ୩୦,୦୦୦ କଣ୍ଟା ରହିଥାଏ । ଏହାକୁ ଇଂରାଜୀରେ Quills କୁହାଯାଏ । ବାହ୍ୟଶତ୍ରୁର ଆଭାସ ପାଇଲେ ହି, ଏହି କଣ୍ଟା ଗୁଡ଼ିକ ସକ୍ରିୟ ହୋଇଥାଏ । ଆଘ୍ରାଣ ଶକ୍ତି ମଧ୍ୟ ଖୁବ ପ୍ରଖର ହୋଇଥାଏ ।

# ବଜ୍ରକାପ୍ତା | Indian Pangolin
*(Manis crassicaudata)*




ଏହା ଏକ ବୃହତ ଓ କାତିଥିବା ପ୍ରାଣୀ । ଶରୀରରେ କାତିଥିବା କାରଣରୁ ବାହାର ଆଘାତରୁ ସହଜରେ ରକ୍ଷା ପାଇଥାନ୍ତି । ହାଲୁକା ଗୋଲାପୀ ରଙ୍ଗର ଧଳା ଚମଡ଼ାରେ ପ୍ରାୟ ୧୧-୧୮ ଧାଡ଼ି ହୋଇ କାତି ସଜେଇ ହୋଇ ରହିଥାଏ । ମୁହଁ ଛୋଟ ଓ ଲମ୍ବାଳିଆ ହୋଇଥାଏ । ଜିଭ ଲମ୍ବା ଏବଂ ଅଠାଳିଆ ହୋଇଥାଏ । କାନ ଓ ଆଖି ଛୋଟ ଆକାରର ହୋଇଥାଏ । ଲମ୍ବା ଲାଞ୍ଜର ଶେଷ ଯାଏ କାତିଦ୍ୱାରା ଘୋଡ଼ାଇ ହୋଇଥାଏ । ଆଗ ଗୋଡ଼ ଶକ୍ତିଶାଳୀ ଓ ପାଦରେ ପାଞ୍ଚଟି ଆଙ୍ଗୁଳି ଥାଏ । ସର୍ବାଧିକ ଶିକାର ହେଉଥିବା ପ୍ରାଣୀମାନଙ୍କ ମଧ୍ୟରେ ଏମାନେ ଅନ୍ୟତମ । ସାଧାରଣତଃ ଶାବକମାନେ ମାଆ ସହ ବୁଲିଥାଆନ୍ତି ।

**ବାସସ୍ଥାନ-** ଶୁଷ୍କ ମରୁଭୂମି, ଜଙ୍ଗଲ ଓ ମାନବ ବସତି ପାଖରେ ଏମାନେ ସାଧାରଣତଃ ଦେଖାଯାଆନ୍ତି ।

**ଖାଦ୍ୟ-** ବଜ୍ରକାପ୍ତା ସାଧାରଣତଃ ପିମ୍ପୁଡ଼ି, ଉଇ ଓ କୀଟଙ୍କ ଅଣ୍ଡା ଖାଇଥାନ୍ତି । ଏମାନଙ୍କର ଦାନ୍ତ ନଥାଏ । ଜିଭ ଦ୍ୱାରା ଖାଦ୍ୟକୁ ପାଟି ଭିତରକୁ ଆଣିଥାଏ ।

**ପ୍ରଜନନ-** ଗର୍ଭଧାରଣ ସମୟ ୭୦-୧୪୦ ଦିନ ହୋଇଥାଏ । ଥରକରେ ମାଇ ବଜ୍ରକାପ୍ତା ଗୋଟିଏ ଶିଶୁକୁ ହିଁ ଜନ୍ମ ଦେଇଥାଏ । ମା' ହିଁ ଶିଶୁର ଲାଳନ ପାଳନ କରିଥାଏ ଓ ତାହାକୁ ବଡ଼ କରିଥାଏ ।

**ଆୟୁଷ-** ହାରାହାରି ଆୟୁଷ ୧୨-୧୩ ବର୍ଷ ବୟସ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ବଜ୍ରକାପ୍ତା ର ଶିକାର ଓ ତାହାର ଚୋରା ଚାଲାଣ ରୋକିବା ସହିତ ବାସସ୍ଥାନର ସୁରକ୍ଷା ନିତ୍ୟାନ୍ତ ଆବଶ୍ୟକ ।

**ତୁମେ ଜାଣିଛ କି ?**

ବାହ୍ୟ ଶତ୍ରୁ କବଳରୁ ନିଜକୁ ରକ୍ଷା କରିବା ପାଇଁ ଏହା ନିଜ ଶରୀରକୁ ଏକ ଗୋଲାକୃତ ବଲରେ ପରିଣତ କରିପାରେ । ସେମାନେ ଗଛ ଚଢ଼ିପାରନ୍ତି ଓ ଆବଶ୍ୟକତା ପଡ଼ିଲେ ପହଁରି ମଧ୍ୟ ପାରନ୍ତି ।

# ବେଲେରା ମୂଷା | Indian giant squirrel *(Ratufa indica)*



ଏହି ପ୍ରାଣୀମାନେ ଭାରତରେ ଚିରହରିତ୍ ଅରଣ୍ୟ, ଆର୍ଦ୍ର ଓ ଶୁଷ୍କ ଜଙ୍ଗଲ ଏବଂ ପୂର୍ବ ଘାଟ ତଥା କେନ୍ଦ୍ରୀୟ ଭାରତୀୟ ପାହାଡ଼ରେ ବହୁଳ ମାତ୍ରାରେ ଦେଖା ଯାଆନ୍ତି । ଶରୀରର ଲମ୍ବ ୩୫-୫୧ ସେ.ମି ହୋଇଥିବାବେଳେ ଓଜନ ୨ କି.ଗ୍ରା ପର୍ଯ୍ୟନ୍ତ ହୋଇଥାଏ । ଲାଞ୍ଜର ଆକାର ଦେହ ଠାରୁ ବଡ଼ ହୋଇଥାଏ । ଲାଞ୍ଜର ଲମ୍ବ ୬୦ ସେ.ମି. ପର୍ଯ୍ୟନ୍ତ ହୋଇଥାଏ ।ଶରୀରର ଉପରପାର୍ଶ୍ୱର ରଙ୍ଗ ବାଦାମୀ ଲାଲ୍ ଓ ଲାଞ୍ଜ କଳା ଦେଖାଯାଇଥାଏ । ତଳପାର୍ଶ୍ୱ ଈଷତ୍ ଧଳା ଦେଖାଯାଏ । ମୁହଁ ଓ କାନ ଛୋଟ ଆକାରର ହୋଇଥାଏ । ଶିକାରୀ ପକ୍ଷୀ ଆସିଲେ ଶବ୍ଦ କରି ଗଛରୁ ଗଛ ଡେଇଁଥାଏ । ପତ୍ର ଓ ଛୋଟ ଛୋଟ କାଠିରେ ନିଜର ବସା ତିଆରି କରନ୍ତି ଓ ଦିନର ମଧ୍ୟ ଭାଗରେ ଅଳ୍ପ ସମୟ ପାଇଁ ନିଜ ବସାରେ ଆଶ୍ରୟ ନେଇଥାନ୍ତି । ଗୁଣ୍ଡୁଚି ପ୍ରଜାତି ମାନଙ୍କ ମଧ୍ୟରେ ଏହି ପ୍ରଜାତି ସବୁଠାରୁ ବଡ଼ ଅଟେ । ମୋଟା ଲାଞ୍ଜ ଥାଏ । ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାନ୍ତି । ଏମାନେ ଗଛରେ ଏକାକୀ ଅବା ଯାଡ଼ିରେ ଦେଖାଯାଆନ୍ତି ।।

**ବାସସ୍ଥାନ-** ଏହି ପ୍ରଜାତି ଗୁଡ଼ିକ ସାଧାରଣତଃ ଗଛରେ ରୁହନ୍ତି ଓ ବେଳେବେଳେ ସ୍ଥଳଭାଗ ଉପରେ ବିଚରଣ କରିଥାନ୍ତି । ଗୋଟିଏରୁ ଅଧିକ ବସା ବନାଇ ଥାନ୍ତି ।

**ଖାଦ୍ୟ-** ଏହି ପ୍ରାଣୀ ମାନେ ସାଧାରଣତଃ ଫଳ, ଛାଲି, ଫୁଲ ଓ ଚେରକୁ ନିଜ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ଗର୍ଭ ଧାରଣ ସମୟ ୮୦-୮୫ ଦିନ ମଧ୍ୟରେ ହୋଇଥାଏ ।

**ଆୟୁଷ-** ହାରାହାରି ୧୮-୨୦ ବର୍ଷ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ବାସସ୍ଥାନର ସୁରକ୍ଷା କରିବା ସହିତ ନୂତନ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯିବା ଦରକାର ।

**ତୁମେ ଜାଣିଛ କି ?**

ମହାରାଷ୍ଟ୍ରର ରାଜ୍ୟ ପଶୁ ଭାବେ ଏମାନେ ଜଣାଶୁଣା । ପ୍ରାୟ ୨୦ ଫୁଟ ଉଚ୍ଚତା ଯାଏଁ ଏମାନେ ଡେଇଁ ପାରନ୍ତି । ଗଛର ଡାଳ ଉପରେ ଲାଞ୍ଜକୁ ରଖି ଶୋଇଥାନ୍ତି ।

# ତିନି ଗାରିଆ ଗୁଣ୍ଡୁଚି | Three- striped squirrel *(Funambulus palmarum)*



ସାଧାରଣତଃ ଲୋକମାନେ ଏହାକୁ ଗୁଣ୍ଡୁଚି ମୂଷା ବୋଲି କହିଥାନ୍ତି । ଶରୀରର ଲମ୍ବ ୧୨-୧୫ ସେ.ମି ହୋଇଥିବାବେଳେ ଲାଞ୍ଜର ଲମ୍ବ ୧୪-୧୬ ସେ.ମି.ପର୍ଯ୍ୟନ୍ତ ହୋଇଥାଏ । ଶରୀରର ଉପର ପାର୍ଶ୍ୱ ଧୂସର- ବାଦାମୀ ଓ ତଳପାର୍ଶ୍ୱ ଈଶତ୍ ଧଳା ହୋଇଥାଏ । ଲାଞ୍ଜ ଖୁବ୍ ମୋଟା ହୋଇଥାଏ । ଲାଞ୍ଜର ଆକାର ଶରୀରର ଆକାର ଭଳି ହୋଇଥାଏ । ମାଟିଆ, ଧୂସର ରଙ୍ଗର ପିଠିରେ ତିନିଟି ଗାର ମୁଣ୍ଡରୁ ଲାଞ୍ଜ ଯାଏଁ ରହିଥାଏ । ଦୁଇଟି ବାହ୍ୟ ରେଖା କେବଳ ଅଗ୍ର ଭାଗରୁ ପଛ ପାଦ ପର୍ଯ୍ୟନ୍ତ ଲମ୍ବିଥାଏ । ଏହାର ପେଟ ପାର୍ଶ୍ୱ ଧଳା ହୋଇଥାଏ ଓ ଲାଞ୍ଜ ଲମ୍ବା, କଳା -ଧଳା ରଙ୍ଗର ଓ ଲୋମାବୃତ ହୋଇଥାଏ । କାନ ଗୁଡ଼ିକ ଛୋଟ ଓ ତ୍ରିକୋଣୀୟ । ଏମାନେ ଗଛରେ ଏକାକୀ ଅବା ଯୋଡ଼ିରେ ଦେଖାଯାଆନ୍ତି ।

**ବାସସ୍ଥାନ-** ଏମାନେ ସାଧାରଣତଃ ଉଷ୍ଣଦେଶୀୟ ଶୁଖିଲା ଜଙ୍ଗଲ, ଘାସ ଭୂମି, ବଗିଚ୍ଚ, ଜଙ୍ଗଲର ଗଛରେ ରହିଥାନ୍ତି । ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଜନବସତି ପାଖରେ ମଧ୍ୟ ବାସ କରନ୍ତି ।

**ଖାଦ୍ୟ-** ସେମାନେ ସାଧାରଣତଃ କାଜୁ, ବାଦାମ, ବିଭିନ୍ନ ଗଛର ଫଳ ଓ ମଞ୍ଜି ଖାଇଥାନ୍ତି ।

**ପ୍ରଜନନ-** ଗର୍ଭଧାରଣର ସମୟ ପ୍ରାୟ ୩୪ ଦିନ ହୋଇଥାଏ । ସାଧାରଣତଃ ଶରତ ଋତୁରେ ହିଁ ପ୍ରଜନନ କରିଥାନ୍ତି । ଥରକରେ ୨ରୁ ୩ ଟି ଛୁଆ ଜନ୍ମ ହୋଇଥାନ୍ତି ।

**ଆୟୁଷ-** ହାରାହାରି ଆୟୁଷ ୫ ରୁ ୬ ବର୍ଷ ହୋଇଥାଏ ।

**ତୁମେ ଜାଣିଛ କି ?**

ଏହି ପ୍ରାଣୀର ପିଠିରେ ଥିବା ତିନୋଟି ଗାର ଭଗବାନ ରାମଚନ୍ଦ୍ରଙ୍କର ଆଙ୍ଗୁଳିର ଚିହ୍ନ, ପ୍ରଭୁ ରାମଚନ୍ଦ୍ର ସେତୁବନ୍ଧ ନିର୍ମାଣ ସମୟରେ ତାର ପିଠିରେ ହାତ ବୋଲାଇଥିଲେ ।

# ପାଞ୍ଚ ଗାରିଆ ଗୁଣ୍ଡୁଚି | Five- striped squirrel *(Funambulus pennantii)*



ମୁଣ୍ଡରୁ ଶରୀରର ଆକାର ପ୍ରାୟ ୧୩-୧୬ ସେ.ମି. ହୋଇଥିବାବେଳେ ଲାଞ୍ଜର ଲମ୍ବ ପ୍ରାୟ ୧୪-୧୬ ସେ.ମି. ପର୍ଯ୍ୟନ୍ତ ହୋଇଥାଏ । ଏମାନଙ୍କ ଲାଞ୍ଜ ଖୁବ୍ ଗହଳ ହୋଇଥାଏ ଯାହାକି ଶରୀରକୁ ସନ୍ତୁଳନ ରଖିବାରେ ସାହାଯ୍ୟ କରିଥାଏ । ତୀକ୍ଷ୍ଣ ପଞ୍ଝା ଗଛରେ ଚଢିବାରେ ଓ ତଳକୁ ଓହ୍ଲାଇବାରେ ସାହାଯ୍ୟ କରିଥାଏ । ସମସ୍ତ ପରିବେଶ ସହ ଖାପ ଖୁଆଇ ଚଳି ଯାଉଥିବା ଏହି ପ୍ରାଣୀ ପ୍ରାୟ ପ୍ରତ୍ୟେକ ଜାଗାରେ ଦେଖାଯାଏ । ଏମାନେ ଗଛରେ ଏକାକୀ ଅବା ଯୋଡ଼ିରେ ଦେଖାଯାଆନ୍ତି । ଖାଦ୍ୟ ଖାଇଲାବେଳେ ଏକରୁ ଅଧିକ ଏକତ୍ରିତ ହୋଇଥାନ୍ତି ।

**ବାସସ୍ଥାନ-** ସାଧାରଣତଃ ଶୁଖିଲା ଜଙ୍ଗଲ, ଘାସ ଭୂମି, ବଗିଚ଼, ଜଙ୍ଗଲର ଗଛରେ ରହିଥାନ୍ତି । ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଜନବସତି ପାଖରେ ମଧ୍ୟ ବାସ କରନ୍ତି ।

**ଖାଦ୍ୟ-** ବିଭିନ୍ନ ଫଳ, ମଞ୍ଜି, ଅଣ୍ଡା, ବାଦାମ, କାଜୁ ଇତ୍ୟାଦି ଖାଇଥାନ୍ତି ।

**ପ୍ରଜନନ-** ସାଧାରଣ ଭାବେ ମାର୍ଚ୍ଚରୁ ଅପ୍ରେଲ ଓ ଜୁଲାଇରୁ ସେପ୍ଟେମ୍ବର ମାସ ହିଁ ପ୍ରଜନନର ପ୍ରକୃଷ୍ଟ ସମୟ । ଥରକରେ ୧ ରୁ ୫ ଟି ଛୁଆ ଜନ୍ମ ହୋଇଥାନ୍ତି । ଗର୍ଭଧାରଣର ସମୟ ୪୦ ରୁ ୪୫ ଦିନ ପର୍ଯ୍ୟନ୍ତ ହୋଇଥାଏ ।

**ଆୟୁଷ-** ହାରାହାରି ୫ ବର୍ଷ ହୋଇଥାଏ ।

**ତୁମେ ଜାଣିଛ କି ?**

ଏମାନେ ପକ୍ଷୀ ପରି ବାରମ୍ବାର ଶବ୍ଦ କରିଥାନ୍ତି ଓ ଅସ୍ଥିର ଭାବେ ଗଛରୁ ଭୁଇଁ ଯିବା ଆସିବା କରିଥାନ୍ତି ।

# ଗାତୁଆ ମୂଷା | Lesser bandicoot rat *(Bandicota bengalensis)*

ଏହି ପ୍ରାଣୀମାନଙ୍କର ଶରୀରର ରଙ୍ଗ ଗାଢ ମାଟିଆ, ଲୋମର ରଙ୍ଗ ସାମାନ୍ୟ ଧୂସର ଓ ଓଜନ ପ୍ରାୟ ୩୫୦ ଗ୍ରାମ ହୋଇଥିବାବେଳେ ଲମ୍ବ ପ୍ରାୟ ୧୪-୨୫.୫ ସେ.ମି. ହୋଇଥାଏ । ଲାଞ୍ଜର ଲମ୍ବ ୧୧.୩-୨୦.୨ ସେ.ମି. ହୋଇଥାଏ । ଲୋମ ଗୁଡ଼ିକ ଛୋଟ ଛୋଟ ହୋଇଥାଏ । ଏକ ଛୋଟ ଲାଞ୍ଜ ମଧ୍ୟ ଥାଏ ।ଏମାନଙ୍କର ଗୋଲାକାର ଓ ସିଧା କାନ ଥିବାବେଳେ ଗୋଜିଆ ନାକ ଥାଏ । ପ୍ରତି ପାଦରେ ପାଞ୍ଚଟି ଆଙ୍ଗୁଠି ଥାଏ । ମାଈ ମାନଙ୍କର ୧୮ଟି ସ୍ତନ୍ୟଗ୍ରନ୍ଥୀ ଥାଏ । ଏମାନେ ଦୁଇ ରୁ ତିନୋଟି ଦଳରେ ଦେଖାଯାଆନ୍ତି ।



**ବାସସ୍ଥାନ-** ଚାଷଜମି, ବନ୍ୟା ପ୍ଲାବିତ ଧାନ ଜମି,ଗୋଚର ଭୂଇଁ, ଅଦରକାରୀ ଜମି ଆଦି ଜାଗାରେ ଦେଖାଯାଆନ୍ତି ।

**ଖାଦ୍ୟ-** ଧାନ, ଗହମ, ଚିନାବାଦାମ ଇତ୍ୟାଦି ଏମାନଙ୍କର ପ୍ରିୟ ଖାଦ୍ୟ ହୋଇଥାଏ । ବିଭିନ୍ନ ପ୍ରକାର ଫଳମୂଳ, ବିଭିନ୍ନ ଶସ୍ୟ ଇତ୍ୟାଦି ମଧ୍ୟ ଖାଇଥାଏ ।

**ପ୍ରଜନନ-** ଏହି ପ୍ରାଣୀମାନଙ୍କର ଗର୍ଭ ଧାରଣ ସମୟ ସୀମା ୧୯ ଦିନ ହୋଇଥାଏ । ଜନ୍ମ ହେବାର ୬୦ ଦିନ ପରେ ହିଁ ପ୍ରଜନନ କ୍ଷମତା ଆସି ଯାଇଥାଏ । ଥରକରେ ୨ ରୁ ୧୦ ଟି ଛୁଆକୁ ଜନ୍ମ ଦେଇଥାନ୍ତି ।

**ଆୟୁଷ-** ହାରାହାରି ୮ ରୁ ୯ ମାସ ହୋଇଥାଏ ।

**ତୁମେ ଜାଣିଛ କି ?**

ଏହି ପ୍ରାଣୀମାନେ ବିଶେଷ କରି ଶସ୍ୟ କ୍ଷେତ୍ରରେ ଶସ୍ୟ ନଷ୍ଟ କରିଥାନ୍ତି ।

# ବିଲ ମୂଷା | Little Indian field mouse *(Mus booduga)*



ଏମାନଙ୍କୁ ସାଧାରଣ ଲୋକମାନେ ବିଲ ମୂଷା ବୋଲି କହିଥାନ୍ତି । ଶରୀରର ଲମ୍ବ ୫.୬-୬.୩ ସେ.ମି. ପାଖାପାଖି ହୋଇଥାଏ । ଲାଞ୍ଜର ଲମ୍ବ ପ୍ରାୟ ୫.୫-୭.୫ ସେ.ମି. ହୋଇଥାଏ । ଶରୀରର ଉପରି ଭାଗ ସାମାନ୍ୟ ମାଟିଆରୁ ଧୂସର ରଙ୍ଗ ହୋଇଥାଏ । ତଳ ପାର୍ଶ୍ୱ ଧଳା ହୋଇଥାଏ । ଛାତିରେ ମାଟିଆ ରଙ୍ଗର ଗାର ମଧ୍ୟ ପଡ଼ିଥାଏ । ଏହା ସବୁଠାରୁ ଛୋଟ ମୂଷାଙ୍କ ପ୍ରଜାତି । ଚାଷ ଜମିରେ ୩୦-୪୦ସେ.ମି. ଭିତରକୁ ଲମ୍ୱାଳିଆ ଗାତ କରି ରହିଥାନ୍ତି । ଗାତରେ ଶୁଖିଲା ଘାସ ନେଇ ରଖିଥାନ୍ତି । ଏମାନେ ଏକାକୀ ଅବା ଦଳରେ ଦେଖାଯାଆନ୍ତି ।

**ବାସସ୍ଥାନ-** ଏମାନେ ବହୁତ ମାତ୍ରାରେ ଚଷ ଜମିରେ ଦେଖାଯାଆନ୍ତି ।

**ଖାଦ୍ୟ-** ବିଭିନ୍ନ ପ୍ରକାର ମଞ୍ଜି, ଶସ୍ୟ ଓ ଛୋଟ ଛୋଟ ପୋକମାନଙ୍କୁ ନିଜ ଖାଦ୍ୟ ଭାବରେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ଗର୍ଭଧାରଣ ସମୟ ସୀମା ୧୯ ରୁ ୨୧ ଦିନ ପର୍ଯ୍ୟନ୍ତ ହୋଇଥାଏ । ଚାଷ ସମୟରେ ପ୍ରଜନନ କରିଥାନ୍ତି । ମାଈ ମୂଷାମାନେ ସାଧାରଣ ଭାବେ ଥରକରେ ୫ ରୁ ୧୦ ଟି ଛୁଆ ଜନ୍ମ ଦେଇଥାନ୍ତି ।

**ଆୟୁଷ-** ସାଧାରଣତଃ ପ୍ରାୟ ୧୨ ରୁ ୧୮ ମାସ ପର୍ଯ୍ୟନ୍ତ ହୋଇଥାଏ ।

**ତୁମେ ଜାଣିଛ କି ?**

ଏମାନେ ଭଲ ଭାବରେ ଦୌଡ଼ିପାରନ୍ତି, ଜମିରେ ଡେଇଁଥାନ୍ତି ଓ ପାଣିରେ ମଧ୍ୟ ପହଁରିପାରନ୍ତି ।

# ଚୁଟିଆ ମୂଷା | House mouse *(Mus musculus)*



ଲୋକମାନେ ଏହାକୁ "ଚୁଟିଆ ମୂଷା" ବୋଲି କହିଥାନ୍ତି । ଶରୀରର ଲମ୍ବ ୫.୨ ରୁ ୧୦ ସେ.ମି. ଓ ଲାଞ୍ଜର ଲମ୍ବ ୬-୯.୫ ସେ.ମି. ହୋଇଥାଏ । ଲୋମର ରଙ୍ଗ ସାମାନ୍ୟ ମାଟିଆ ଏବଂ କଳା ହୋଇଥାଏ । ପେଟ ପାର୍ଶ୍ୱ ଧଳା ଓ ନରମ ହୋଇଥାଏ । ଲାଞ୍ଜ ଲମ୍ବା ହୋଇଥାଏ । ଲାଞ୍ଜ, ମୁଣ୍ଡ ଓ ଦେହ ଠାରୁ ବଡ଼ ହୋଇଥାଏ । ପାଦ କଳା ଦେଖାଯାଉଥିଲାବେଳେ ଛୋଟ ଆଙ୍ଗୁଠି ଧଳା ଦେଖାଯାଏ । ଓଜନ ୧୨ ରୁ ୩୦ ଗ୍ରାମ ହୋଇଥାଏ । ଆଖିର ରଙ୍ଗ କଳା ହୋଇଥିବା ବେଳେ କାନ ଗୋଲ ଆକାରର ହୋଇଥାଏ । ନାକ ଗୋଜିଆ ହୋଇଥାଏ । ତେଣୁ କେବେ କେବେ ଘରେ ମଧ୍ୟ ଏହା ପ୍ରବେଶ କରି ଅନେକ ଶସ୍ୟ  ହାନି କରିଥାଏ । ଏମାନେ ଏକାକୀ ଅବା ଦଳରେ ୨-୩ଟି ଦେଖାଯାଆନ୍ତି ।

**ବାସସ୍ଥାନ-** ରୋଷେଇ ଘରେ ଓ ଶସ୍ୟ ଥିବା ଜାଗାରେ ରହିଥାନ୍ତି ।

**ଖାଦ୍ୟ-** ଏମାନେ ସର୍ବାହାରୀ ପ୍ରାଣୀ । କିନ୍ତୁ ଶସ୍ୟ, ଫଳ ଓ ମଞ୍ଜି ଖାଇବାକୁ ଭଲ ପାଆନ୍ତି ।

**ପ୍ରଜନନ-** ଗର୍ଭଧାରଣର ସମୟ ସୀମା ୧୯-୨୧ ଦିନ ପର୍ଯ୍ୟନ୍ତ ହୋଇଥାଏ । ଥରକରେ ୫ ରୁ  ୬ ଟି ଶିଶୁ ଜନ୍ମ ନେଇଥାନ୍ତି । ଶିଶୁମାନେ ଜନ୍ମ ହେବାର ୧୪ ଦିନ ପରେ ଆଖି ଖୋଲିଥାନ୍ତି । ପ୍ରଜନନର ପରିପକ୍ୱତା ୫ ରୁ  ୭ ସପ୍ତାହ ମଧ୍ୟରେ ଆସି ଯାଇଥାଏ ।

**ଆୟୁଷ-** ସାଧାରଣ ଭାବେ ହାରାହାରି ଆୟୁଷ ୧୨ ରୁ ୧୮ ମାସ ଯାଏଁ ହୋଇଥାଏ ।

**ତୁମେ ଜାଣିଛ କି ?**

ଏହି ପ୍ରାଣୀମାନେ ଘର ବଗିଚା ଓ ଶସ୍ୟ କ୍ଷେତ୍ରରେ ରହି ଫସଲ ହାନୀ କରିଥାନ୍ତି ।

# ମୂଷା | House rat
*(Rattus rattus)*



ଏହା ଏକ ମଧ୍ୟମ ଆକାର ମୂଷା ଯାହାର କାନ ଓ ଲାଞ୍ଜ ଶରୀର ଠାରୁ ବେଶୀ ଲମ୍ବା ହୋଇଥାଏ । ଶରୀରର ଲମ୍ବ ୧୪ ରୁ ୨୦ ସେ.ମି. ହୋଇଥିବା ବେଳେ ଲାଞ୍ଜର ଲମ୍ବ ୧୪- ୨୦ ସେ.ମି ହୋଇଥାଏ । ଅଣ୍ଡିରା ମୂଷା ଗୁଡ଼ିକ ମାଈ ମୂଷା ଠାରୁ ଅଧିକ ଲମ୍ବା ଓ ଓଜନିଆ ହୋଇଥାନ୍ତି । ଏହି ପ୍ରାଣୀମାନଙ୍କର ଓଜନ ୭୦ରୁ ୩୦୦ ଗ୍ରାମ ହୋଇଥାଏ । ଶରୀରର ରଙ୍ଗ କଳା-ବାଦାମୀ ହୋଇଥାଏ । ମାନବ ଶରୀରରେ ବିଭିନ୍ନ ପ୍ରକାର ରୋଗ ଏମାନେ ସୃଷ୍ଟି କରିଥାଆନ୍ତି । ଏମାନେ ୨-୩ଟି ଦଳରେ ସବୁ ସ୍ଥାନରେ ଦେଖାଯାଆନ୍ତି ।

**ବାସସ୍ଥାନ-** ଘରେ ବିଭିନ୍ନ ଜାଗାରେ ଦେଖାଯାଆନ୍ତି ।

**ଖାଦ୍ୟ-** ବିଭିନ୍ନ ମଞ୍ଜି, ଫଳ, ପତ୍ର, ଗଛର କାଣ୍ଡ, ଅନ୍ୟାନ୍ୟ ଶସ୍ୟ ଓ ବିଭିନ୍ନ ଛୋଟ ମେରୁଦଣ୍ଡୀ ଓ ଅମେରୁଦଣ୍ଡୀ ପ୍ରାଣୀମାନଙ୍କୁ ନିଜ ଖାଦ୍ୟ ଭାବରେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ଗର୍ଭଧାରଣ ସମୟ ସୀମା ୨୩ ଦିନ ପର୍ଯ୍ୟନ୍ତ ହୋଇଥାଏ ।

**ଆୟୁଷ-** ପ୍ରାୟ ୧୨ ମାସ ହୋଇଥାଏ ।

**ତୁମେ ଜାଣିଛ କି ?**

ଏହି ପ୍ରାଣୀମାନେ ନିଜର ପରିସ୍ରା ଦ୍ୱାରା ହିଁ ବିଭିନ୍ନ ରୋଗ ସୃଷ୍ଟି କରିଥାନ୍ତି ।

# ମୂଷା | Indian gerbil *(Tatera indica)*



ଶରୀରର ଲମ୍ବ ୧୪.୩-୧୮.୮ ସେ.ମି. ହୋଇଥାଏ । ଲାଞ୍ଜର ଲମ୍ବ ୨୦.୫ ସେ.ମି ହୋଇଥାଏ । ଉପର ପାର୍ଶ୍ୱ ସାମାନ୍ୟ ମାଟିଆ ହୋଇଥିବା ବେଳେ ତଳପାର୍ଶ୍ୱ ଧଳା ହୋଇଥାଏ । ଏମାନେ ଶସ୍ୟ କ୍ଷେତ୍ରପାଇଁ ହାନିକାରକ ହୋଇଥାନ୍ତି । ଆଖି ଗୁଡ଼ିକ ବଡ଼ ଓ ସୁସ୍ପଷ୍ଟ ଅଟେ । ଏମାନଙ୍କର ପଛ ଗୋଡ଼ ଦୁଇଟି ଆଗ ଗୋଡ଼ ଠାରୁ ଅଧିକ ଲମ୍ବା ହୋଇଥାଏ ।

**ବାସସ୍ଥାନ-** ଚାଷଜମି, ବନ୍ୟା ପ୍ଲାବିତ ଧାନ ଜମି,ଗୋଚର ଭୁଇଁ, ଅଦରକାରୀ ଜମି ଆଦି ଜାଗାରେ ଦେଖାଯାଆନ୍ତି ।

**ଖାଦ୍ୟ-** ବିଭିନ୍ନ ମଞ୍ଜି, ଗଜା, ମକା, ଛୋଟ ଗଛର କାଣ୍ଡ ମଧ୍ୟ ଖାଇଥାନ୍ତି । ଏହା ବ୍ୟତୀତ ଡ଼ାଲି ଜାତୀୟ ଦ୍ରବ୍ୟ ଓ ଗହମ ମଧ୍ୟ ଖାଇଥାନ୍ତି ।

**ପ୍ରଜନନ-** ଗର୍ଭର ସମୟ ୧୮ ରୁ ୩୦ ଦିନ ହୋଇଥାଏ । ଥରକରେ ୫ ରୁ ୧୦ ଟି ଛୁଆ ଜନ୍ମ ହୋଇଥାନ୍ତି ।

**ଆୟୁଷ-** ହାରାହାରି ୭ ବର୍ଷ ଯାଏଁ ଏମାନେ ବଞ୍ଚିପାରନ୍ତି ।

**ତୁମେ ଜାଣିଛ କି ?**

ଏହି ପ୍ରାଣୀମାନେ ବିଶେଷ କରି ଶସ୍ୟ କ୍ଷେତ୍ରରେ ଶସ୍ୟ ନଷ୍ଟ କରିଥାନ୍ତି ।

# ଚୁଚୁନ୍ଦ୍ରା | Asian house shrew
*(Suncus murinus)*



ଶରୀରର ଲମ୍ବ ୧୦ରୁ ୧୬ ସେ.ମି. ଓ ଲାଞ୍ଜର ଲମ୍ବ ୪.୫-୯ ସେ.ମି. ହୋଇଥାଏ । ଆକାରରେ ମଧ୍ୟମ ଧରଣର ହୋଇଥାନ୍ତି । ଶରୀରର ରଙ୍ଗ ଧୂସର ଦେଖାଯାଏ । ଆଖି ଛୋଟ ଓ କାନ ବଡ଼ ଥାଏ । କାନ ଗୋଲାପି ରଙ୍ଗ ଦେଖାଯାଇଥାଏ । ଲାଞ୍ଜ ମୋଟା ଓ ଲାଞ୍ଜ ଉପରେ କିଛି ମୋଟା ଲୋମ ଥାଏ । ଆଖିକୁ ଭଲ ଦେଖାଯାଇ ନ ଥାଏ । ଲୋମ ଧୂସର ଓ କଳା ହୋଇଥାଏ । ସାଧାରଣତଃ ଏମାନେ ପୋକ, ଅସରପା ଓ କୀଟପତଙ୍ଗ ଖାଇଥାନ୍ତି । ଏହି ପ୍ରାଣୀମାନଙ୍କୁ ଧରିଲେ ହାତ ବହୁତ ଗନ୍ଧ ହୁଏ ବୋଲି ଲୋକମାନେ ବିଶ୍ୱାସ କରନ୍ତି । ଚାଲିଲାବେଳେ ଶବ୍ଦ କରିଥାନ୍ତି ।

**ବାସସ୍ଥାନ-** ସାଧାରଣତଃ ମନୁଷ୍ୟ ମାନଙ୍କର ବାସସ୍ଥାନ ନିକଟରେ ଏମାନେ ବହୁଳ ଭାବରେ ଦେଖାଯାଆନ୍ତି । ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉଭୟ ଜାଗାରେ ଏମାନେ ରହିଥାନ୍ତି । ଜଙ୍ଗଲରେ ମଧ୍ୟ ଦେଖିବାକୁ ମିଳିଥାନ୍ତି ।

**ଖାଦ୍ୟ-** କିଛି ବୃକ୍ଷର ଅଂଶକୁ ମଧ୍ୟ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି । ନଷ୍ଟ ହୋଇଯାଇଥିବା ଓ ପଚି ଯାଇଥିବା ଖାଦ୍ୟ ମଧ୍ୟ ଖାଇଥାନ୍ତି ।

**ପ୍ରଜନନ-** ଗର୍ଭଧାରଣ ସମୟ ୧ ମାସ ହୋଇଥାଏ । ଥରକରେ ୧ ରୁ ୮ ଟି ଚୁଚୁନ୍ଦ୍ରା ଛୁଆ ଜନ୍ମ ହୋଇଥାନ୍ତି । ଏହି ପ୍ରାଣୀମାନେ ବର୍ଷ ସାରା ପ୍ରଜନନ କରିଥାନ୍ତି ।

**ଆୟୁଷ-** ଆୟୁଷ ୧ ରୁ ୨ ବର୍ଷ ହୋଇଥାଏ ।

**ତୁମେ ଜାଣିଛ କି ?**

ଏମାନଙ୍କ ଦ୍ୱାରା ଘରେ ଅସରପା ବଂଶ ନିୟନ୍ତ୍ରଣରେ ରହିଥାନ୍ତି ।

# ବାଦୁଡ଼ି | Indian flying fox
*(Pteropus giganteus)*



ଏହି ପ୍ରଜାତି ସବୁ ସ୍ଥାନରେ ଦେଖାଯାଆନ୍ତି । ଏମାନଙ୍କ ଶରୀରର ଲମ୍ବ ୧୯.୮ ରୁ ୩୦ ସେ.ମି. ହୋଇଥାଏ । ମୁଣ୍ଡର ରଙ୍ଗର ଗାଢ଼ ବାଦାମୀ ,ଡେଣା କଳା ଓ ପେଟ କମଳା ରଙ୍ଗର ଦେଖାଯାଇଥାଏ ।ଏମାନେ ରାତ୍ରିଚର ପ୍ରାଣୀ । ମୁହଁ ସାଧାରଣତଃ କୋକିଶିଆଳୀ ପରି ହୋଇଥିବାରୁ ଏମାନଙ୍କୁ "Flying Fox " କୁହାଯାଏ । ହାଲୁକା ହଳଦିଆ ରଙ୍ଗର ଲୋମ ଛାତିରେ ରହିଥାଏ । ସାଧାରଣତଃ ଦଳ ବଦ୍ଧ ଭାବରେ ଏମାନେ ରହିଥାନ୍ତି । ଗ୍ରୀଷ୍ମ ଋତୁରେ ନିଜ ଶରୀରର ଉତ୍ତାପକୁ ହ୍ରାସ କରିବା ପାଇଁ ନିଜର ପରିସ୍ରାକୁ ବ୍ୟବହାର କରିଥାନ୍ତି । ସନ୍ଧ୍ୟାର କିଛି ସମୟ ପରେ ଖାଦ୍ୟ ଅନ୍ୱେଷଣରେ ବାହାରିଥାନ୍ତି । ଏହି ପ୍ରାଣୀମାନେ ୨୦ ରୁ ୩୦ କି.ମି. ପର୍ଯ୍ୟନ୍ତ ଯାତ୍ରା କରିପାରନ୍ତି ।

**ବାସସ୍ଥାନ-** ଗ୍ରାମାଞ୍ଚଳ, ସହରାଞ୍ଚଳରେ ଥିବା ବଡ଼ ବଡ଼ ଗଛ, ଚାଷଜମି, ପୋଖରୀ ଓ ରାସ୍ତା କଡ଼ ପାଖ ଗଛରେ ଏମାନେ ରହିଥାନ୍ତି ।

**ଖାଦ୍ୟ-** ବିଭିନ୍ନ ଗଛର ଫଳ, ଫୁଲ ଖାଇ ଜୀବନଧାରଣ କରିଥାନ୍ତି ।

**ପ୍ରଜନନ-** ପ୍ରଜନନ ସାଧାରଣତଃ ଜୁଲାଇରୁ ଅକ୍ଟୋବର ମାସ ଭିତରେ ହୋଇଥାଏ । ଥରକରେ ଗୋଟିଏ ଶିଶୁ ହିଁ ଜନ୍ମ ଗ୍ରହଣ କରିଥାଏ ।

**ସଂରକ୍ଷଣ ପଦକ୍ଷେପ-** ବାଦୁଡ଼ିର ବାସସ୍ଥାନର ସୁରକ୍ଷା ସହିତ, ବାଦୁଡ଼ିର ଉପକାରିତା ବିଷୟରେ ଲୋକଙ୍କ ମଧ୍ୟରେ ଲୋକଙ୍କ ସଚେତନତା ସୃଷ୍ଟି କରାଯିବା ଦରକାର ।

**ତୁମେ ଜାଣିଛ କି ?**

ଫୁଲ, ଫଳ ଖାଇବାଦ୍ୱାରା ସେମାନେ ବୀଜ ବିକ୍ଷେପଣ ଓ ପରାଗସଙ୍ଗମରେ ସାହାଯ୍ୟ କରିଥାନ୍ତି ।

# ଚେମେଣି

## Greater- false vampire bat
*(Megaderma lyra)*



ଏହି ବାଦୁଡ଼ିମାନେ କୀଟଭୋଜୀ ପ୍ରାଣୀ । ଏମାନଙ୍କ ଶରୀରର ଲମ୍ବ ୭ ରୁ ୯.୫ ସେ.ମି. ହୋଇଥାଏ । ମୁହଁରେ ଗୋଲାକାର ଆକୃତିର ଲମ୍ବା ନାକ ଥାଏ । ଲମ୍ବାକାନ ଅଣ୍ଡାକୃତିର ହୋଇଥାଏ । ଶରୀରର ଉପର ପାର୍ଶ୍ୱ ସାମାନ୍ୟ ଧୂସର ରଙ୍ଗର ହୋଇଥାଏ । ତଳପାର୍ଶ୍ୱ ଧଳା ଦେଖାଯାଇଥାଏ । ପ୍ରଶସ୍ତ ଡେଣା ଥାଏ । ଏହା ଏକ ବିସ୍ତୃତ ପ୍ରଜାତି ଓ ମନୁଷ୍ୟ ବାସ କରୁଥିବା ଅଞ୍ଚଳରେ ପ୍ରାୟତଃ ଦେଖାଯାଆନ୍ତି । ଉପକୂଳବର୍ତ୍ତୀ ଅଞ୍ଚଳ ଓ କୋରାପୁଟ ଜିଲ୍ଲାରେ ଏମାନେ ବହୁଳ ମାତ୍ରାରେ ଦେଖା ଯାଆନ୍ତି । ସନ୍ଧ୍ୟାର କିଛି ଘଣ୍ଟାପରେ ବିଶ୍ରାମ ନେବା ସ୍ଥାନରୁ ବାହାରି ଥାନ୍ତି । ଏମାନେ ଏକ ରାତ୍ରିଚର ପ୍ରାଣୀ ।

**ବାସସ୍ଥାନ-** ଗୁମ୍ଫା, ମନ୍ଦିର, ଦୁର୍ଗ ଓ ଜଳାଶୟ ନିକଟରେ ଦେଖାଯାଆନ୍ତି । ବିଭିନ୍ନ ସମୟରେ କୋଠା, ଭୂତଳ ଟନେଲରେ ମଧ୍ୟ ଦେଖା ଯାଆନ୍ତି ।

**ଖାଦ୍ୟ-** କୀଟପତଙ୍ଗ, ବେଙ୍ଗ, ମୂଷା, ଛୋଟ ପକ୍ଷୀ ଆଦି ଖାଇଥାନ୍ତି ।

**ପ୍ରଜନନ-** ଗର୍ଭଧାରଣର ସମୟ ସୀମା ୧୫-୧୬ ମାସ ଯାଏଁ ହୋଇଥାଏ । ଥରକରେ ଗୋଟିଏ କିମ୍ବା ଦୁଇଟି ଶିଶୁ ଜନ୍ମ ନେଇଥାନ୍ତି ।

**ଆୟୁଷ-** ହାରାହାରି ୧୪ ବର୍ଷ ଯାଏଁ ବଞ୍ଚି ପାରନ୍ତି ।

**ସଂରକ୍ଷଣ ପଦକ୍ଷେପ-** ଚେମେଣିର ବାସସ୍ଥାନର ସୁରକ୍ଷା ସହିତ, ଚେମେଣିର ଉପକାରିତା ବିଷୟରେ ଲୋକଙ୍କ ମଧ୍ୟରେ ଲୋକଙ୍କ ସଚେତନତା ସୃଷ୍ଟି କରାଯିବା ଦରକାର ।

**ତୁମେ ଜାଣିଛ କି ?**

ମଶାମାନଙ୍କ ସଂଖ୍ୟାକୁ ନିୟନ୍ତ୍ରଣରେ ରଖିବାରେ ଏମାନଙ୍କ ପ୍ରମୁଖ ଭୂମିକା ରହିଛି ।

# ବାଦୁଡ଼ି | Fulvous fruit bat *(Rousettus leschenaultii)*



Indian flying fox ପ୍ରଜାତି ଠାରୁ ଆକାରରେ ଏମାନେ ଛୋଟ ହୋଇଥାନ୍ତି । ଶରୀରର ଲମ୍ବ ୧୧.୧-୧୪.୭ ସେ.ମି. ହୋଇଥାଏ । ଲୋମର ରଙ୍ଗ ବାଦାମୀ ଓ ପେଟ ପାର୍ଶ୍ୱ ଧୂସର ରଙ୍ଗର ହୋଇଥାଏ । ଲାଞ୍ଜର ଲମ୍ବ ୮ ରୁ ୨୧ ମିଲିମିଟର ଯାହାର ଆକାର ବହୁତ ଛୋଟ ଅଟେ । ସମୁଦ୍ର ପତ୍ତନ ଠାରୁ ୧୧୪୦ ମିଟର ଉଚ୍ଚତାରେ ଏମାନଙ୍କୁ ଦେଖିବାକୁ ମିଳିଥାଏ ।ଅନ୍ଧାର ଗୁମ୍ଫା ମଧ୍ୟରେ ଯିବା ପାଇଁ ଏମାନେ ନିଜପାଟି ମାଧ୍ୟମରେ ଏକ ପ୍ରକାର ଶବ୍ଦ ସୃଷ୍ଟି କରି ସ୍ଥାନ ନିର୍ଦ୍ଧାରଣ କରିଥାନ୍ତି । ବୀଜ ବିକ୍ଷେପ ଓ ପରାଗସଙ୍ଗମରେ ସାହାଯ୍ୟ କରିଥାନ୍ତି । ସାରା ଓଡ଼ିଶାରେ ଏହି ପ୍ରଜାତି ଦେଖାଯାଆନ୍ତି ।

**ବାସସ୍ଥାନ-** ଗୁମ୍ଫା, ଦୁର୍ଗ, ଜନବସତି ଓ ଜଙ୍ଗଲରେ ଏମାନେ ଦେଖାଯାଆନ୍ତି । କେବେକେବେ ଫଳ ବଗିଚାରେ ମଧ୍ୟ ଏମାନଙ୍କୁ ଦେଖିବାକୁ ମିଳେ ।

**ଖାଦ୍ୟ-** ବିଶେଷ କରି ବିଭିନ୍ନ ଗଛରୁ ଫୁଲ ଓ ଫଳ ଖାଇଥାନ୍ତି ।

**ପ୍ରଜନନ-** ହାରାହାରି ୧୨୨ ଦିନ ପର୍ଯ୍ୟନ୍ତ ମାଈ ବାଦୁଡ଼ି ଗର୍ଭଧାରଣ କରି ଶିଶୁକୁ ଜନ୍ମ ଦେଇଥାଏ ।

**ଆୟୁଷ-** ହାରହାରି ୫-୩୦ ବର୍ଷ ପର୍ଯ୍ୟନ୍ତ ହୋଇଥାଏ ।

**ସଂରକ୍ଷଣ ପଦକ୍ଷେପ-** ବାଦୁଡ଼ିର ବାସସ୍ଥାନର ସୁରକ୍ଷା ସହିତ, ବାଦୁଡ଼ିର ଉପକାରିତା ବିଷୟରେ ଲୋକଙ୍କ ମଧ୍ୟରେ ଲୋକଙ୍କ ସଚେତନତା ସୃଷ୍ଟି କରାଯିବା ଦରକାର ।

**ତୁମେ ଜାଣିଛ କି ?**

ଅନ୍ଧାରରେ ଏହି ପ୍ରାଣୀମାନେ ନିଜର ଶବ୍ଦକୁ Ultrasonic sound ବ୍ୟବହାର କରି ଖାଦ୍ୟର ସନ୍ଧାନ କରିପାରନ୍ତି । ସନ୍ଧ୍ୟାବେଳେ ଗୋଟିଏ ବାଦୁଡ଼ି ଲକ୍ଷେ ରୁ ଅଧିକ ମଶା ଖାଇପାରନ୍ତି ।

# ଚେମେଣି | Schneider's leaf- nosed bat *(Hipposideros speoris)*



ଏହି ପ୍ରଜାତିର ଶରୀରର ଲମ୍ୱ ୪.୬ ରୁ ୬.୨ ସେ.ମି. ହୋଇଥାଏ । ଶରୀରର ରଙ୍ଗ ଧୂସର ଅ ବା କମଳା- ବାଦାମୀ ଦେଖାଯାଇଥାଏ । ଡେଣା ଓ ତଳପାର୍ଶ୍ୱ ଈଷତ୍ ଧଳା ରଙ୍ଗର ହୋଇଥାଏ । ତ୍ରିକୋଣୀୟ ଆକାରର ଛୋଟ କାନ ଥାଏ । ଏମାନେ ଦଳବଦ୍ଧ ଭାବରେ ରୁହନ୍ତି । ଗୋଟିଏ ଦଳରେ କମ୍ ଦଳ ଅବା ପ୍ରାୟ ଶହ ଶହ ସଂଖ୍ୟାରେ ଚେମେଣି ରହିଥାନ୍ତି । ଉଭୟ ମାଈ ଓ ଅଣ୍ଡିରା ବର୍ଷଯାକ ସାଥିରେ ରହିଥାନ୍ତି । ସନ୍ଧ୍ୟାର କିଛି ସମୟ ପରେ ବିଶ୍ରାମ ନେବା ସ୍ଥାନ ପାଖରେ ଉଡ଼ି ଖାଦ୍ୟ ଗ୍ରହଣ କରିଥାନ୍ତି ।

**ବାସସ୍ଥାନ-** ଗଭୀର କୂଅ, କାନ୍ଥ, ଖାଲ, ପୁରୁଣା ଅଟ୍ଟାଳିକା, ଖଣି, ସମୁଦ୍ର କୂଳ, ଗୁମ୍ଫା ଇତ୍ୟାଦିରେ ରୁହନ୍ତି ।

**ଖାଦ୍ୟ-** ଅଳ୍ପ ଉଚ୍ଚତାରେ ଉଡୁଥିବା ମଶା ଓ କୀଟପତଙ୍ଗଙ୍କୁ ଖାଇଥାନ୍ତି ।

**ପ୍ରଜନନ-** ବର୍ଷରେ ଥରେ ପ୍ରଜନନ କରିଥାନ୍ତି । ଥରକରେ ୧-୨ଟି ଛୁଆ ଜନ୍ମ କରିଥାନ୍ତି ।

**ସଂରକ୍ଷଣ ପଦକ୍ଷେପ-** ଏହି ପ୍ରଜାତିର ଚେମେଣି ଗୁଡ଼ିକର ବାସସ୍ଥାନର ସୁରକ୍ଷା ସହିତ, ଏମାନଙ୍କର ଉପକାରିତା ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଦରକାର ।

**ତୁମେ ଜାଣିଛ କି ?**

ଓଡ଼ିଶାର କୋଣାର୍କ ମନ୍ଦିର ଓ କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର ଠାରେ ଏମାନଙ୍କର ସନ୍ଧାନ ମିଳିଛି ।
ମଶା ଓ କୀଟ ପତଙ୍ଗ ଖାଇବା ଦ୍ୱାରା ଏମାନଙ୍କ ସଂଖ୍ୟା ନିୟନ୍ତ୍ରଣରେ ରହିଥାଏ ।

# ଚେମେଣି | Cantor's leaf- nosed bat *(Hipposideros galeritus)*

ଏହି ପ୍ରକାର ବାଦୁଡ଼ିମାନଙ୍କର ଶରୀରର ଲମ୍ବ ପ୍ରାୟ ୪.୫- ୫.୧ ସେ.ମି. ହୋଇଥାଏ । କାନର ଆକୃତି ତ୍ରିକୋଣୀୟ ହୋଇଥାଏ ଓ କାନ ମୂଳ ପ୍ରଶସ୍ତ ହୋଇଥାଏ । ଶରୀରର ରଙ୍ଗ ଧୂସର ହୋଇଥିବା ବେଳେ କେତେକ ପ୍ରାଣୀଠାରେ ଗାଢ ମାଟିଆ ହୋଇଥାଏ । ଓଡ଼ିଶାର ସୁନ୍ଦରଗଡ଼ ଓ କୋରାପୁଟ ଜିଲ୍ଲାରେ ଏମାନେ ବହୁତ ପରିମାଣରେ ଦେଖାଯାନ୍ତି ।



**ବାସସ୍ଥାନ-** ଏହା ଶୁଷ୍କ ଓ ଆର୍ଦ୍ର ଜଙ୍ଗଲ, ସନ୍ତସନ୍ତିଆ ଜାଗା, ପୁରୁଣା ଅଟ୍ଟାଳିକା, ଗୁମ୍ଫା, ସୁଡଙ୍ଗ , ଅନ୍ଧାର କୋଠରି ଇତ୍ୟାଦି ସ୍ଥାନରେ ବସବାସ କରନ୍ତି ।

**ଖାଦ୍ୟ-** ପୋକ ଖାଇ ବଞ୍ଚିଥାନ୍ତି । ଅସରପା ଓ ଗୋବର ପୋକ ମାଟି ଉପରୁ ଖାଇଥାନ୍ତି ।

**ପ୍ରଜନନ-** ବର୍ଷରେ ଥରେ ୧-୨ଟି ଛୁଆ ଜନ୍ମ କରିଥାନ୍ତି ।

**ସଂରକ୍ଷଣ ପଦକ୍ଷେପ-** ଏହି ପ୍ରଜାତିର ଚେମେଣି ଗୁଡ଼ିକର ବାସସ୍ଥାନର ସୁରକ୍ଷା ସହିତ, ଏମାନଙ୍କର ଉପକାରିତା ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଦରକାର ।

**ତୁମେ ଜାଣିଛ କି ?**

ଏହା ଅଧିକ ରାତିରେ ବାହାରକୁ ବାହାରି ଥାଏ ଓ ଏମାନଙ୍କର କାନ ବଡ଼ ଥାଏ ।

# ଚେମେଣି | Dusky leaf-nosed bat
*(Hipposideros ater)*



ଏହା ଚେମେଣି ପ୍ରଜାତିମାନଙ୍କ ମଧ୍ୟରେ ଏହା ସବୁଠାରୁ ଛୋଟ ପ୍ରଜାତି ଅଟେ । ଶରୀର ଲମ୍ବ ୩୪.୯ ରୁ ୩୮ ମିଲିମିଟର ହୋଇଥାଏ । କାନ ଖୁବ୍ ଛୋଟ ହୋଇଥିବା ବେଳେ ଏହାର ଅଗ୍ରଭାଗ ଖୁବ୍ ଗୋଲାକାର ହୋଇଥାଏ । ଏହାର ଶରୀର ଲୋମାବୃତ ହୋଇଥାଏ ଓ ନାକରେ ତ୍ରିକୋଣୀୟ ଧାର ଭଳିଆ ଚିହ୍ନ ଅଛି । ଲୋମ ଓ ଡେଣା ଗାଢ ବାଦାମୀରୁ ଧୂସର ରଙ୍ଗ ହୋଇଥାଏ । ଜଙ୍ଗଲ ଓ ଜନବସତି ନିକଟରେ ଏମାନେ ପ୍ରାୟତଃ ଦେଖାଯାଆନ୍ତି । ଅଣ୍ଡିରା ଚେମେଣି ଗୁଡ଼ିକ ଏକା ରହୁଥିବାବେଳେ ମାଈ ଚେମେଣି ଗୁଡ଼ିକ ଛୋଟ ଛୋଟ ଦଳ କରି ରହିଥାନ୍ତି । ଦିନ ସମୟରେ ଏହି ପ୍ରାଣୀମାନେ ନିଜ ଦେହକୁ ସଫା କରିବାରେ ବ୍ୟସ୍ତ ରୁହନ୍ତି । ଏମାନେ ଦଳରେ ରହିଥାନ୍ତି ।

**ବାସସ୍ଥାନ-** ଗଭୀର କୂଅ, କାନ୍ଥ, ଖାଲ, ପୁରୁଣା ଅଟ୍ଟାଳିକା, ଖଣି, ସମୁଦ୍ର କୂଳ, ଗୁମ୍ଫା ଇତ୍ୟାଦିରେ ରୁହନ୍ତି ।

**ଖାଦ୍ୟ-** ଅଳ୍ପ ଉଚ୍ଚତାରେ ଉଡୁଥିବା ମଶା ଓ କୀଟପତଙ୍ଗଙ୍କୁ ଖାଇଥାନ୍ତି ।

**ପ୍ରଜନନ-** ବର୍ଷରେ ଥରେ ୧-୨ଟି ଛୁଆ ଜନ୍ମ କରିଥାନ୍ତି ।

**ସଂରକ୍ଷଣ ପଦକ୍ଷେପ-** ଏହି ପ୍ରଜାତିର ଚେମେଣି ଗୁଡ଼ିକର ବାସସ୍ଥାନର ସୁରକ୍ଷା ସହିତ, ବାଦୁଡ଼ିର ଉପକାରିତା ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଦରକାର ।

**ତୁମେ ଜାଣିଛ କି ?**

ଓଡ଼ିଶାର କୋଣାର୍କ ମନ୍ଦିର ଓ କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର ଠାରେ ଏମାନଙ୍କର ସନ୍ଧାନ ମିଳିଛି ।
ମଶା ଓ କୀଟ ପତଙ୍ଗ ଖାଇବା ଦ୍ୱାରା ଏମାନଙ୍କ ସଂଖ୍ୟା ନିୟନ୍ତ୍ରଣରେ ରହିଥାଏ ।

# ଚେମେଣି | Indian pipistrelle *(Pipistrellus coromandra)*



ଏହା ଏକ ଛୋଟ ସାନ୍ଧ୍ୟକାଳୀନ ପ୍ରାଣୀ ଯାହାର ଲମ୍ବ ୩.୪-୪.୯ ସେ.ମି ହୋଇଥାଏ । କାନ ଗୁଡ଼ିକ ତ୍ରିକୋଣୀୟ ଓ ଗୋଲାକାର ସଦୃଶ । ଏହା ଜଙ୍ଗଲ, ସହରାଞ୍ଚଳ, ଗଛ କୋରଡ଼ କିମ୍ବା ଗଛ ଛାଲି ତଳ ପାର୍ଶ୍ୱ , ପୁରୁଣା କୋଠାଘର, ବାଉଁଶ ତିଆରି ଘରେ ରହିଥାନ୍ତି । କେବେକେବେ କୀଟପତଙ୍ଗ ସନ୍ଧାନ ଉଦ୍ଦେଶ୍ୟରେ ଏମାନେ ଘର ଭିତରେ ମଧ୍ୟ ପ୍ରବେଶ କରିଥାନ୍ତି । ଓଡ଼ିଶାର ସବୁ ସ୍ଥାନରେ ଏମାନେ ଦେଖାଯାଆନ୍ତି । ଏମାନେ ଛୋଟ ଦଳରେ ରହିଥାନ୍ତି ।

**ବାସସ୍ଥାନ-** ଗଛର ବକଳ ଭିତରେ, ପୁରୁଣା ଭଙ୍ଗା ଘରେ ଆଦି ଦେଖାଯାଆନ୍ତି ।

**ଖାଦ୍ୟ-** କୀଟପତଙ୍ଗ ଯଥା ମଶା, ମାଛି, ପ୍ରଜାପତି ଆଦି ଖାଇଥାନ୍ତି ।

**ପ୍ରଜନନ-** ବର୍ଷରେ ତିନିଥର ପ୍ରଜନନ କରିଥାନ୍ତି । ଥରକରେ ୧-୨ଟି ଛୁଆ ଜନ୍ମ କରିଥାନ୍ତି ।

**ସଂରକ୍ଷଣ ପଦକ୍ଷେପ-** ଏହି ପ୍ରଜାତିର ଚେମେଣି ଗୁଡ଼ିକର ବାସସ୍ଥାନର ସୁରକ୍ଷା ସହିତ, ଉପକାରିତା ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଦରକାର ।

**ତୁମେ ଜାଣିଛ କି ?**

ଏମାନଙ୍କ ପାଇଁ ମଶା ବଂଶ ମଧ୍ୟ ନିୟନ୍ତ୍ରଣରେ ରହିଥାଏ ।

# ଡଲ୍‌ଫିନ୍ | Humpback dolphin *(Sousa chinensis)*



ଏହାର ଆକାର ଖୁବ୍ ବଡ଼ ହୋଇଥାଏ । ଶରୀର ସୀସା ରଙ୍ଗର ହୋଇଥାଏ । ଶରୀରରେ ବେଳେ ବେଳେ ଦାଗ ମଧ୍ୟ ଦେଖାଯାଏ, ଯାହାର ରଙ୍ଗରସାମାନ୍ୟ ଗୋଲାପୀ ହୋଇଥାଏ । ପାଟି ସିଧା ହୋଇଥିବା ବେଳେ ବେକ ମଧ୍ୟମ ଲମ୍ବା ହୋଇଥାଏ । ଶରୀରର ଲମ୍ବ ୧.୮ ରୁ ୩ ମିଟର ହୋଇଥିବାବେଳେ ଓଜନ ହାରାହାରି ୨୫୦ ରୁ ୨୮୫ କି.ଗ୍ରା. ହୋଇଥାଏ । ଏହି ପ୍ରାଣୀମାନେ ଏକ ଜାଗାରୁ ଅନ୍ୟ ଜାଗାକୁ ଅତି ଶୃଙ୍ଖଳିତ ଭାବେ ଗତି କରନ୍ତି । ଗୋଟିଏ ଦଳରେ ପ୍ରାୟ ୨ରୁ ୨୦ଟି ଡଲଫିନ୍ ରହିଥାନ୍ତି । ଏହି ପ୍ରଜାତି ଗୁଡିକ ଓଡିଶାର ପୂର୍ବ ଉପକୂଳ ଓ ଭାରତର ପଶ୍ଚିମ ଉପକୂଳରେ ଦେଖାଯାଆନ୍ତି । ଓଡ଼ିଶାର ଗହୀର ମଥାରେ ମଧ୍ୟ ଏମାନେ ବହୁଳ ଭାବରେ ଦେଖାଯାଆନ୍ତି ।

**ବାସସ୍ଥାନ-** ସମୁଦ୍ର ଉପକୂଳରେ, କମ୍ ଗଭୀର ପାଣିରେ ଦେଖାଯାଆନ୍ତି ।

**ଖାଦ୍ୟ-** ଏହି ପ୍ରାଣୀମାନେ ଅନ୍ୟ ମାଛକୁ ହିଁ ନିଜ ଖାଦ୍ୟ ଭାବରେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ମାଈ ଡ଼ଲଫିନ୍‌ର ପ୍ରାୟ ୧୦ ବର୍ଷ ବୟସରେ ହିଁ ପ୍ରଜନନ ପରିପକ୍ୱତା ଆସି ଯାଇଥାଏ । ଖରାର ଶେଷ ଭାଗ ଆଡକୁ ହିଁ ଏମାନେ ପ୍ରଜନନ କରିଥାନ୍ତି । ଗର୍ଭ ଧାରଣର ସମୟ ସୀମା ପ୍ରାୟ ୧୧ ମାସ ହୋଇଥାଏ । ମା' ଡଲଫିନ୍ ଛୁଆ ସହିତ ପ୍ରାୟ ୩ ରୁ ୪ ବର୍ଷ ଯାଏ ରହିଥାଏ ।

**ତୁମେ ଜାଣିଛ କି ?**

ମଣିଷ ପରି ଏହି ପ୍ରାଣୀମାନେ ଖୁବ ଚାଲାକ ଓ ଚତୁର ହୋଇଥାନ୍ତି । ସେମାନେ ଖୁବ ସୁନ୍ଦର ଭାବରେ ଅନୁକରଣ କରିପାରନ୍ତି ।

# ଇରାୱ୍ୱାଡ଼ି ଡଲଫିନ୍ | Irrawaddy dolphin *(Orcaella brevirostris)*



ଏମାନଙ୍କର ପିଠି ଉପରେ ଲମ୍ବା କାତି ରହିଥାଏ । ଏହି ଫିନ୍ ଏକ ଗୋଲାକାର ଟିପ ରହିଥାଏ । ଏହା ଏକ ଦାଆ ଆକୃତିର ହୋଇଥାଏ ଓ ଏହା ଶରୀରର ମଧ୍ୟ ଭାଗରେ ହିଁ ରହିଥାଏ । ଏହାର ପ୍ରଶସ୍ତ, ଲମ୍ବା ଓ ପ୍ୟାଡଲ ଆକୃତିର କାତି ଅଛି । ଏହି ପ୍ରାଣୀର ରଙ୍ଗ ଧୂସର ହୋଇଥାଏ । ଅଣ୍ଡିରା ଡଲଫିନ୍‌ର ଲମ୍ବ ୨.୭ ମି. ଓ ଓଜନ ୯୦ ରୁ ୧୫୦ କି.ଗ୍ରା ହୋଇଥାଏ । ମାଈ ଡ଼ଲଫିନ୍‌ର ଲମ୍ବ ପାଖାପାଖି ସମାନ ହୋଇଥାଏ । ଏହି ପ୍ରାଣୀମାନେ ସାଧାରଣତଃ ଏକାକୀ ରହିଥାନ୍ତି କିମ୍ବା ଛୋଟ ଦଳରେ ରହିଥାନ୍ତି । ଗୋଟିଏ ଦଳରେ ପ୍ରାୟ ୩ ରୁ ୪ ଟି ଡଲଫିନ୍ ଦେଖାଯାନ୍ତି । ଏମାନେ ଏକାଠି ଖାଆନ୍ତି ଓ ପହଁରନ୍ତି । ଏମାନେ ଏକ ସାମାଜିକ ପ୍ରାଣୀ ଅଟନ୍ତି । କେତେକ ଉଷ୍ଣଦେଶୀୟ ଅଞ୍ଚଳରେ ମଧ୍ୟ ଏମାନେ ଦେଖାଯାଆନ୍ତି । ତଳ ଭାଗରେ ଥିବା କାଦୁଆ ପାଣିରେ ମିଳୁଥିବା ମାଛ ଓ ସନ୍ଧିପଦ ପ୍ରାଣୀମାନଙ୍କୁ ଖାଇଥାନ୍ତି । ଓଡ଼ିଶାରେ ଚିଲିକାରେ ଏମାନେ ବେଶୀ ମାତ୍ରାରେ ଦେଖାଯାଆନ୍ତି ।

**ବାସସ୍ଥାନ-** ଏମାନେ ପ୍ରାୟ ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଆନ୍ତି । ଏହା ବ୍ୟତୀତ ନଦୀ-ମୁହାଣ ଇତ୍ୟାଦିରେ ଦେଖାଯାଆନ୍ତି ।

**ଖାଦ୍ୟ-** ଏମାନେ ମାସାଂଶୀ ହୋଇଥାନ୍ତି । ଖାଦ୍ୟରେ ବିଭିନ୍ନ ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଆଦିକୁ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ପ୍ରଜନନ ସମୟ ୧୪ ମାସ ହୋଇଥାଏ । ଥରକରେ ଗୋଟିଏ ଶାବକ ଜନ୍ମ ହୋଇଥାଏ ।

**ଆୟୁଷ-** ହାରାହାରି ୩୦ ରୁ ୫୦ ବର୍ଷ ହୋଇଥାଏ ।

ସଂରକ୍ଷଣ ପଦକ୍ଷେପ- ଏହା ଚିଲିକାରେ ଦେଖିବାକୁ ମିଳନ୍ତି, ତେଣୁ ସେମାନଙ୍କୁ ବେଶୀ ଉତ୍‌କ୍ଷିପ୍ତ ନ କରିବାକୁ ମତ୍ସଜୀବୀମାନଙ୍କୁ ପରାମର୍ଶ ଦେବା ଉଚିତ୍ । ଯନ୍ତ୍ରଚାଳିତ ଡଙ୍ଗା ଚାଳନା ନିୟନ୍ତ୍ରଣ କରିବା ଆବଶ୍ୟକ ।

**ତୁମେ ଜାଣିଛ କି ?**

ଏହି ପ୍ରାଣୀମାନେ ବେଳେବେଳେ ଉପରୁ ଆସି ପାଣି ପକାଇଥାଏ । ଘଣ୍ଟାପ୍ରତି ୩୦-୪୦ କି.ମି ବେଗରେ ପହଁରି ପାରନ୍ତି ।

# ଶିଶୁମାର | River Dolphin
*(Platanista gangetica)*



ଏହି ପ୍ରାଣୀକୁ ଓଡ଼ିଆରେ "ଶିଶୁ" କୁହାଯାଏ । ଶରୀରର ରଙ୍ଗ କଳା- ବାଦାମୀ- ନୀଳ ହୋଇଥାଏ । ଆଖି ଛୋଟ ଓ ବେକ ନରମ ଯାହା ସବୁ ଦିଗକୁ ବୋଲି ପାରିଥାଏ । ଏହି ପ୍ରାଣୀ ପାଣିରେ ପହଁରିବା ସମୟରେ ବାହାରକୁ ଦେଖାଯାଇଥାଏ । କାରଣ, ଏହାର ଥଣ୍ଟ ବାହାରକୁ ଦେଖାଯାଇଥାଏ । ପିଠିର ତଳ ପଟକୁ ଓଟର କୁଜ ଭଳି କାତି ଥାଏ । ତଳ ପ ଟେ ବଡ଼ କାତି ଏବଂ ଲାଞ୍ଜ ଓସାରିଆ ଓ ବଡ଼ ହୋଇଥାଏ । ଲମ୍ବା ଥଣ୍ଟ, ମାଢ଼ିରେ ବହୁତ ମୁନିଆ ଦାନ୍ତ ଆଦି ଶିକାର କରିବାକୁ ସାହାଯ୍ୟ କରିଥାଏ । ମାଈ ଡଲ୍‌ଫିନ୍‌ର ଲମ୍ବ ୨.୨ ମିଟର ପର୍ଯ୍ୟନ୍ତ ହୋଇଥିବାବେଳେ ଅଣ୍ଡିରା ମାନଙ୍କର ୨.୬ ମିଟର ହୋଇଥାଏ । ଏହି ପ୍ରାଣୀମାନେ ପାଣିରେ ଏକାକୀ ଅବା ଛୋଟ ଦଳରେ ଦେଖାଯାଆନ୍ତି ।

**ବାସସ୍ଥାନ-** ବିଭିନ୍ନ ନଦୀରେ ଦେଖାଯାଆନ୍ତି ।

**ଖାଦ୍ୟ-** ବିଭିନ୍ନ ପ୍ରକାର ମାଛ ଓ ଅମେରୁଦଣ୍ଡୀ ପ୍ରାଣୀମାନଙ୍କୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି ।

**ପ୍ରଜନନ-** ବର୍ଷଯାକ ପ୍ରଜନନ କରିଥାନ୍ତି, ଗର୍ଭଧାରଣ ସମୟ ପାଖାପାଖି ୩୦୦ ଦିନ ହୋଇଯାଏ । ଥରକରେ ଗୋଟିଏ ଶାବକ ଜନ୍ମ କରିଥାନ୍ତି ।

**ସଂରକ୍ଷଣ ପଦକ୍ଷେପ-** ଗଙ୍ଗାରେ ପ୍ରାୟତଃ ଦେଖାଯାଏ, କିନ୍ତୁ ଏବେ ଆମ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଛୋଟ ଛୋଟ ନଦୀ ରେ ଦେଖିବାକୁ ମିଳୁଛି । ନଦୀ ଓ ନାଳରେ ମାଛ ଜାଲର ମାତ୍ରାଟିକେ କମ୍ କରିବା ଦରକାର ଓ ଏହିସବୁ ସ୍ଥାନ ପରିଷ୍କାର ରଖିବା ମଧ୍ୟ ଜରୁରୀ ଅଟେ । ମତ୍ସଜୀବୀ ଓ ପାଖ ଗାଁ ଲୋକଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ମଧ୍ୟ ସୃଷ୍ଟି କରାଯିବା ଉଚିତ ।

**ତୁମେ ଜାଣିଛ କି ?**

ଭାରତରେ ଏହି ପ୍ରଜାତିକୁ ଜାତୀୟ ଜଳଚର ସ୍ତନ୍ୟପାୟୀ ପ୍ରାଣୀ ଭାବେ ଘୋଷଣା କରାଯାଇଅଛି ।

## ଓଡ଼ିଶାରେ ପଶୁପାଳନ କ୍ଷେତ୍ରରେ ଦେଖାଯାଉଥିବା ଜୈବବିବିଧତା

ଜୀବଜନ୍ତୁ ଠାରୁ ଆରମ୍ଭ କରି ବୃକ୍ଷଲତା, ଅଣୁଜୀବମାନଙ୍କ ମଧ୍ୟରେ ଥିବା ପ୍ରକାରଭେଦ ଓ ତାହାର ପରିସଂସ୍ଥାନରେ ଥିବା ସାମଞ୍ଜସ୍ୟକୁ "ଜୈବବିବିଧତା" କୁହାଯାଏ । ସାଧାରଣତଃ ଜୈବବିବିଧତାକୁ ତିନୋଟି ସ୍ତରରେ ବିଭକ୍ତ କରାଯାଇଛି ।

(୧) ପ୍ରଜାତି ବିବିଧତା (Species diversity)

(୨) ପରିସଂସ୍ଥାନ ବିବିଧତା (Ecosystem diversity)

(୩) ଅନୁବଂଶିକ ବିବିଧତା ( Genetic diversity)

ପ୍ରାଣୀ ଗୁଣସୂତ୍ର ଆନୁବଂଶିକ ବିବିଧତାର ଏକ ମୁଖ୍ୟ ଅଂଶ । ଜଙ୍ଗଲରେ ଥିବା ବନ୍ୟଜନ୍ତୁଙ୍କ ବ୍ୟତୀତ କେତେକ ପଶୁପକ୍ଷୀଙ୍କୁ ଆମେ ମଧ୍ୟ ଘରେ ପାଳନ କରିଥାଉ, ଯେଉଁମାନଙ୍କୁ "ଗୃହପାଳିତ ପଶୁ" କୁହାଯାଏ । ଉଦାହରଣ ସ୍ୱରୂପ- ଗାଈ, ବଳଦ, ଛେଳି, ମେଣ୍ଢା, ଘୁଷୁରୀ, ଘୋଡ଼ା, ଗଧ, ବତକ ଇତ୍ୟାଦି ।

ଖାଦ୍ୟ ନିରାପତ୍ତା ଓ ସ୍ଥିରତା ଦୃଷ୍ଟିରୁ ପ୍ରାଣୀ ଗୁଣସୂତ୍ର ସଂପଦ ଗୁଡ଼ିକ ବିଶ୍ୱ ଜୈବବିବିଧତାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ସୂଚିତ କରେ । ବିକାଶଶୀଳ ଦେଶମାନଙ୍କରେ ସେମାନେ ଅନେକ ସଂପ୍ରଦାୟର ସହାୟକ ସେବା ଓ ପଶୁପାଳନ ପ୍ରଣାଳୀର ସ୍ଥାୟିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଏହି କାରଣ ପାଇଁ ପ୍ରାଣୀ ଗୁଣସୂତ୍ର ଜୈବସଂପଦ ମାନବ ସମ୍ବଳ ଆବଶ୍ୟକତାର ୩୦% ଯୋଗଦାନ କରିଥାଏ ବୋଲି ଜଣାଯାଏ । ଖାଦ୍ୟ, କୃଷି , ମାଂସ, କ୍ଷୀର, ଅଣ୍ଡା, ଫାଇବର, ସାର ଇତ୍ୟାଦି ତଥା ବିଭିନ୍ନ ଆବଶ୍ୟକତା ପାଇଁ ମନୁଷ୍ୟ ପ୍ରାଣୀମାନଙ୍କ ଉପରେ ନିର୍ଭର କରିଥାଏ । କୃଷକମାନଙ୍କର ଅନେକ ସମସ୍ୟାକୁ ଦୂର କରିବା ସଙ୍ଗେ ସଙ୍ଗେ ଏହା ସେମାନଙ୍କ ପାଇଁ ରୋଜଗାର ମଧ୍ୟ ସୃଷ୍ଟି କରିଥାଏ । ପଶୁପାଳନ ଅନେକ ଲୋକମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନ ସହିତ ଘନିଷ୍ଠ ଭାବେ ଜଡ଼ିତ ।

### ଭାରତରେ ପଶୁପାଳନର ବିବିଧତା:-

ପୃଥିବୀର ମୋଟ ଗୃହପାଳିତ ପଶୁ ଜୈବ ବିବିଧତାର, ୬% ଭାରତରେ ଦେଖାଯାଏ । ଖାଦ୍ୟ ଓ କୃଷି ସଂଗଠନ (FAO)ର ଆଧାରରେ ଭାରତରେ ମୋଟ ୬୧ ଟି ଗୋରୁ ପ୍ରଜାତି, ୧୯ ଟି ମଇଁଷି ପ୍ରଜାତି, ୩ଟି ଘୁଷୁରୀ ପ୍ରଜାତି, ୩ଟି ଗଧ ପ୍ରଜାତି, ୨୯ଟି ଛେଳି ପ୍ରଜାତି, ୫୯ ଟି ମେଣ୍ଢା ପ୍ରଜାତି, ୬ଟି ଘୋଡ଼ା ପ୍ରଜାତି, ୮ଟି ଓଟ ପ୍ରଜାତି ଓ ୧୮ ଟି କୁକୁଡ଼ା ପ୍ରଜାତି ଅଛି । ସ୍ଥାନାନ୍ତରଣ ପ୍ରକ୍ରିୟା, ପ୍ରାଣୀ ଗୁଣସୂତ୍ର ସଂପଦର ବଣ୍ଟନ, ଗୁରୁତ୍ୱପୂର୍ଣ୍ଣ ପଶୁପାଳନ ପ୍ରଜାତିର ବ୍ୟାପକ ବଣ୍ଟନ, ବଜାର ଶକ୍ତି, ଖାଦ୍ୟ ଅଭ୍ୟାସ, ଜୀବନଶୈଳୀରେ ପରିବର୍ତ୍ତନ, ଉତ୍ପାଦନ ଓ ସେବା ପାଇଁ ସ୍ଥାନୀୟ ଲୋକମାନଙ୍କର ହସ୍ତକ୍ଷେପ ହିଁ ଭାରତରେ ପ୍ରାଣୀ ଗୁଣସୂତ୍ର ସଂପଦର ବିବିଧତାର ହ୍ରାସ ପାଇଁ ଦାୟୀ ।

**ଓଡ଼ିଶାରେ ପଶୁପାଳନର ବିବିଧତା:-**

ଓଡ଼ିଶା ପ୍ରାଚୀନ କାଳରୁ ବିଭିନ୍ନ ପ୍ରକାର ସଂସ୍କୃତି ଓ ଘଞ୍ଚ ଜଙ୍ଗଲ ଦ୍ୱାରା ପରିବେଷ୍ଟିତ । ବିଭିନ୍ନ ଆଦିବାସୀ ଗୋଷ୍ଠୀ ପାରମ୍ପରିକ ଭାବରେ ବିଭିନ୍ନ ପ୍ରକାର ଫସଲ ତଥା ପଶୁପାଳନକୁ ନିଜର ଜୀବିକା ରୂପେ ଗ୍ରହଣ କରିଆସୁଛନ୍ତି । ସେମାନେ ତା'ର ସଂରକ୍ଷଣ ପ୍ରତି ଜାଗ୍ରତ ହୋଇପାରିଛନ୍ତି । ମିଶନାରୀ ଏବଂ ସରକାରୀ କାର୍ଯ୍ୟାଳୟ ଦ୍ୱାରା ବିଦେଶୀ ତଥା ଉନ୍ନତ ପଶୁ ପ୍ରଜାତିର ଆମଦାନୀ ଓଡ଼ିଶାରେ ପଶୁ ସଂପଦକୁ ଆହୁରି ସୁଦୃଢ଼ କରିପାରିଛି । ଓଡ଼ିଶାରେ ଗ୍ରାମୀଣ ଜୀବିକା ପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ମିଶ୍ରିତ ଫସଲ ଓ ପଶୁପାଳନ ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି ।

ଆମ ରାଜ୍ୟ ଓଡ଼ିଶାରେ କୃଷି ଓ ପଶୁପାଳନକୁ ସବୁଠାରୁ ବେଶୀ ଗୁରୁତ୍ୱ ଦିଆଯାଏ । କୃଷି କ୍ଷେତ୍ରରେ ଅଣୁଜୀବମାନଙ୍କୁ ଜୈବ  କୀଟ ନାଶକ ଓ ଜୈବସାର ଭାବେ ବ୍ୟବହାର କରାଯାଏ । ବିଭିନ୍ନ ପ୍ରକାର କବକ, ଜୀବାଣୁ, ଭୂତାଣୁ, କୃମି ଓ କେତେକ ଶୈବାଳ ଇତ୍ୟାଦି ପୃଥିବୀର ଜୀବବିଜ୍ଞାନ  ବ୍ୟବସ୍ଥାରେ ମୁଖ୍ୟ ଉପାଦାନ ଭାବେ ପରିଗଣିତ ହୋଇଥାନ୍ତି । ଅଳ୍ପ ସଂଖ୍ୟକ ଅଣୁଜୀବକୁ ବାଦ୍ ଦେଲେ  ଅଧିକାଂଶ ଅଣୁଜୀବ ସବୁ ଜୀବଜଗତର ଉପକାର କରିଥାନ୍ତି । ଉଦାହରଣ ସ୍ୱରୂପ- ଲାକ୍ଟିକ ଏସିଡ୍ ଜୀବାଣୁ କ୍ଷୀରରେ ବଢିଥାନ୍ତି ଓ କ୍ଷୀରକୁ ଦହିରେ ପରିଣତ କରିଥାନ୍ତି । ସେହିପରି ଓଡ଼ିଶାରେ ମିଳୁଥିବା ମେଣ୍ଢା ଓ ଛେଳିମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଖୁବ୍ ବେଶୀ ଓ ସେଗୁଡିକ ମଧ୍ୟ ଅତ୍ୟଧିକ ଉତ୍ପାଦନକାରୀ ଅଟନ୍ତି ।

ଅଧିକ ଜଳ ଥିବା ଜାଗାରେ ମଧ୍ୟ ସେମାନେ ଖୁବ୍ ସହଜରେ ନିଜକୁ ପରିବେଶ ସହ ଖାପଖୁଆଇବାରେ ସକ୍ଷମ ଅଟନ୍ତି । ସେହିପରି ଓଡ଼ିଶାରେ ମିଳୁଥିବା କେତେକ ଗୋରୁ ଓ ମଇଁଷି  ପ୍ରଜାତି ମଧ୍ୟ ଗ୍ରୀଷ୍ମରେ ପ୍ରଜନନ ଓ ଗ୍ରୀଷ୍ମ ତାପକୁ ସହ୍ୟ କରିବା ପରି ଗୁଣ ରହିଛି । ଓଡ଼ିଶାରେ ଦେଶୀ ପ୍ରଜାତିର କୁକୁଡ଼ାର ଉତ୍ପାଦନ ପାଇଁ ବହୁତ ସଂପଦ ରହିଛି ଯାହାକି ବିଭିନ୍ନ ଜିଲ୍ଲା ତଥା କୋରାପୁଟ, କଳାହାଣ୍ଡି, ମୟୁରଭଞ୍ଜ, କେନ୍ଦୁଝର, ଫୁଲବାଣୀ, ସୁନ୍ଦରଗଡ଼ ଓ ଅନ୍ୟାନ୍ୟ ପର୍ବତ୍ୟାଞ୍ଚଳରେ ଥିବା ଜିଲ୍ଲାର ଆଦିବାସୀମାନଙ୍କର ପୃଷ୍ଠପୋଷକ ସଦୃଶ କାର୍ଯ୍ୟ କରୁଛି ।

ଓଡ଼ିଶାରେ ମିଳୁଥିବା ଦେଶୀୟ ଗୃହପାଳିତ ପଶୁ, କୁକୁଡ଼ା ପ୍ରଜାତି ବିଷୟରେ ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଯାଇଛି ।

## (୧)ଗୋରୁ/ଗାଈ ଜୀବକ-ଜାୟକ (Cattle Germ plasm)



### ମୋଟୁ ପ୍ରଜାତି

ଏମାନେ ଆକାରରେ ସାନ, ଅଧିକ କ୍ଷୀର ପ୍ରଦାନକାରୀ ଅଟନ୍ତି । ସୁଦୃଢ ଶରୀର ଥିବା ସହ ମରୁଡ଼ି ପରି ପ୍ରାକୃତିକ ଦୁର୍ବିପାକରେ ମଧ୍ୟ ଏମାନେ ଭଲ ଭାବରେ ବଢିପାରନ୍ତି । ବଡ଼ ବଡ଼ ପାହାଡ଼ ଚଢିବାରେ ଏମାନେ ସିଦ୍ଧହସ୍ତ ହୋଇଥାନ୍ତି । ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ଏହି ପ୍ରଜାତି ବହୁଳ ଭାବରେ ଦେଖାଯାଆନ୍ତି ।



### ବିଞ୍ଝାରପୁରୀ ପ୍ରଜାତି

ଏହି ପ୍ରଜାତି ଯାଜପୁର ଜିଲ୍ଲାର ବିଞ୍ଝାରପୁର, ବରି, ସୁଜନପୁର ଏବଂ ଦଶରଥପୁର ଅଞ୍ଚଳରେ ଦେଖାଯାଏ । ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାରେ ମଧ୍ୟ ଦେଖାଯାନ୍ତି । ମଧ୍ୟମ ଆକାରର ଶରୀର, ଶିଙ୍ଗ, ସବଳ ଓ ଦ୍ୱୈତ ଗୁଣ ସଂପୂର୍ଣ୍ଣ ଗୋରୁ ହୋଇଥାଏ । ବଳଦମାନେ ସବଳ ହୋଇଥାନ୍ତି । ଶରୀରର ରଙ୍ଗ ଧଳା ହୋଇଥାଏ । ଏହି ଗାଈମାନେ ଦିନକୁ ୪-୫ଲିଟର କ୍ଷୀର ଦିଅନ୍ତି । କ୍ଷୀରର ମାନ ମଧ୍ୟ ଭଲଥାଏ ।



### ଘୁମସୁରି ଗୋରୁ ପ୍ରଜାତି

ଆକାରରେ ଏମାନେ ଛୋଟ ହୋଇଥାନ୍ତି । ଓଡ଼ିଶାର ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲାରେ ଏହି ପ୍ରଜାତି ଦେଖାଯାଆନ୍ତି । ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ମଧ୍ୟ ଏହି ପ୍ରଜାତିମାନେ ମିଳନ୍ତି ।



### ଖରିଆଲ୍ ପ୍ରଜାତି

ଏମାନେ ଆକାରରେ ଛୋଟ ହୋଇଥିବା ବେଳେ ମରୁଡ଼ି ପରି ଦୁର୍ବିପାକରେ ମଧ୍ୟ ଭଲ ବଢିପାରନ୍ତି । ଓଡ଼ିଶାର ନୂଆପଡ଼ା ଜିଲ୍ଲାରେ ଏହି ପ୍ରଜାତିମାନଙ୍କୁ ଦେଖିବାକୁ ମିଳେ ।

## (୨)) ମଇଁଷି ଜୀବକ- ଜାୟକ (Buffalo Germ plasm)



### ମଣ୍ଡା ପ୍ରଜାତି

ପାହାଡ଼ ଓ ଜଙ୍ଗଲ ହିଁ ଏମାନଙ୍କ ପ୍ରଜନନ ପାଇଁ ପ୍ରକୃଷ୍ଟ ସ୍ଥାନ । ଶରୀର ଆକାର ମଧ୍ୟମ । ବହୁତ ଦିନ ଧରି ନ ଖାଇ ମଧ୍ୟ ରହିପାରନ୍ତି । ଦକ୍ଷିଣ ଓଡ଼ିଶାରେ ଏମାନେ ସର୍ବୋତ୍କୃଷ୍ଟ ପ୍ରଜାତି ଭାବେ ଜଣାଶୁଣା । କିନ୍ତୁ ବର୍ତ୍ତମାନ ଏମାନଙ୍କର ସଂଖ୍ୟା ବହୁତ କମ୍ ଅଟେ ।



### ଜିରାଙ୍ଗୀ ପ୍ରଜାତି

ଏହି ପ୍ରଜାତିମାନଙ୍କର ଉଚ୍ଚତା ଖୁବ୍ କମ୍ ହୋଇଥାଏ ଓ ଶରୀରର ଆକାର ଛୋଟ ହୋଇଥାଏ । ଏମାନେ ଦ୍ରୁତ ଗତିରେ କାମ କରିଥାନ୍ତି । ଏମାନଙ୍କ କ୍ଷୀରରେ ଅଧିକ ମାତ୍ରାରେ ଚର୍ବି ମଧ୍ୟ ଥାଏ । ଉଚ୍ଚ ପାହାଡ଼ରେ ଚଳ ପ୍ରଚଳ କରିଥାଏ । ଓଡ଼ିଶାର ଜୀରାଙ୍ଗୀ ପାହାଡ଼ରେ ଏହି ପ୍ରଜାତି ମାନଙ୍କୁ ଦେଖିବାକୁ ମିଳେ ।



### କଳାହାଣ୍ଡି ପ୍ରଜାତି

ଏମାନଙ୍କର ଶରୀର ମଧ୍ୟମ ଧରଣର ଶରୀର ଅଟେ । କାର୍ଯ୍ୟ ମଧ୍ୟ ଧିରେ ଧିରେ କରିଥାନ୍ତି । ଅନ୍ୟାନ୍ୟ ପ୍ରଜାତି ଠାରୁ ଅଧିକ ଦିନ ଯାଏଁ ବଞ୍ଚି ରହିଥାନ୍ତି । ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ଏହି ପ୍ରଜାତି ବହୁଳ ମାତ୍ରାରେ ଦେଖାଯାଆନ୍ତି । ପ୍ରଥମେ କଳାହାଣ୍ଡି ଜିଲ୍ଲାରେ ଏହି ପ୍ରଜାତିର ସୃଷ୍ଟି ହୋଇଥିବାରୁ ଏମାନଙ୍କୁ କଳାହାଣ୍ଡି ପ୍ରଜାତି କୁହାଯାଏ

### କୁଜଙ୍ଗ ପ୍ରଜାତି

ମଧ୍ୟମ ଆକାରର ଶରୀର ସଙ୍ଗେ ସଙ୍ଗେ ଦୁଗ୍ଧ ମଧ୍ୟ ମଧ୍ୟମ ଧରଣର ହିଁ ଦେଇଥାଏ । ଏହି ପ୍ରଜାତିମାନେ ବନ୍ୟା ଥିବା ସମୟରେ ମଧ୍ୟ ନଦୀକୂଳରେ ଚରିଥାନ୍ତି ଓ ଅଧିକ ପାଣିରେ ରହିପାରନ୍ତି ।



## ଚିଲିକା ପ୍ରଜାତି

ଏହି ପ୍ରଜାତିମାନଙ୍କର ବଡ଼ ଓ ପ୍ରଶସ୍ତ ଶରୀର ଥାଏ । ଚିଲିକା ହ୍ରଦ କୂଳରେ ଥିବା ଅଦକାରୀ ତଥା ଅନାବନା ଘାସ ବା ତୃଣକୁ ହିଁ ନିଜର ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି । ଅଳ୍ପ କ୍ଷୀର ଦେଇଥାନ୍ତି । ଶରୀରରେ ଏମାନଙ୍କର ବହୁତ ଚର୍ବି ଥାଏ । ଲୁଣି ପାଣିରେ ମଧ୍ୟ ଭଲଭାବେ ପହଁରିପାରନ୍ତି ଓ ଦିନରାତି ରହିପାରନ୍ତି । ଏହି ପ୍ରଜାତି ଚିଲିକାରେ ଦେଖାଯାଆନ୍ତି । ଚିଲିକା ବ୍ୟତୀତ କଟକ, ପୁରୀ ଓ ଖୋର୍ଦ୍ଧାରେ ମଧ୍ୟ ଦେଖାଯାଆନ୍ତି ।

## (୩) ଛେଳି ଜୀବକ-ଜାୟକ (Goat Germ plasm)

### କଳା ବେଙ୍ଗଲୀ ଛେଳି

ଏହି ପ୍ରଜାତିମାନଙ୍କର ଆକାର ଛୋଟ ହୋଇଥାଏ । ଶରୀରରେ ଶୀଘ୍ର ହିଁ ପ୍ରଜନନ ପରିପକ୍ୱତା ଆସିଯାଇଥାଏ । ପାଣି ବେଶୀ ଥିବା ସ୍ଥାନରେ ମଧ୍ୟ ଭଲ ଭାବରେ ଖାପ ଖୁଆଇ ରହିପାରନ୍ତି । ଘାସ ଖାଇ ହିଁ ଜୀବନ ଧାରଣ କରିଥାଏ । ଏହି ପ୍ରଜାତିର ମାଂସ ଓ ଛାଲର ଚାହିଦା ବହୁମାତ୍ରାରେ ଅଛି । ମୟୂରଭଞ୍ଜ ଜିଲ୍ଲାରେ ଏମାନେ ଦେଖାଯାଆନ୍ତି । ଏହା ବ୍ୟତୀତ ବାଲେଶ୍ୱର, ଭଦ୍ରକ ଜିଲ୍ଲାରେ ଏମାନଙ୍କୁ ଦେଖିବାକୁ ମିଳେ ।



### ମାଲକାନଗିରି ଛେଳି

ଏମାନେ ଅଧିକ ଉତ୍ପାଦନକାରୀ ପ୍ରଜାତି । ୧୪ ମାସରେ ଦୁଇଥର ଶାବକକୁ ଜନ୍ମ ଦେଇଥାନ୍ତି । ପ୍ରଜନନ ପରିପକ୍ୱତା ଶୀଘ୍ର ଆସିଥାଏ । ଥରକରେ ଜାଆଁଳା ଛୁଆ ହିଁ ଜନ୍ମ ହୋଇଥାନ୍ତି । ବହୁତ ମାଂସ ମିଳିଥାଏ । ଏହାକୁ ମାଲକାନଗିରିର ସ୍ଥାନୀୟ ପ୍ରଜାତି ଭାବେ ବିବେଚନା କରାଯାଏ ।



## ଗଞ୍ଜାମ ଛେଳି



ଏହି ପ୍ରଜାତିମାନଙ୍କର ଗୋଡ଼ ଲମ୍ବା ଥାଏ। ଉତ୍ପାଦନ ମଧ୍ୟ କମ୍ ହୋଇଥାଏ। ପ୍ରଜନନ ପରିପକ୍ୱତାରେ ବିଳମ୍ବ ହୋଇଥାଏ। ଥରକରେ ଗୋଟିଏ ଛୁଆଁ ହିଁ ଜନ୍ମ ହୋଇଥାଏ ଓ ଏହା ଧିରେ ଧିରେ ବଢିଥାଏ। ଚରିବା ବେଳେ ଖୁବ୍ ଆକ୍ରମଣାତ୍ମକ ଭାବନାରେ ଥାଏ। ଶରୀରରୁ ମଧ୍ୟ କିଛି ମାତ୍ରାରେ ଦୁର୍ଗନ୍ଧ ବାହାରିଥାଏ। ଗଞ୍ଜାମ, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ଏହି ପ୍ରଜାତି ଦେଖାଯାଆନ୍ତି।

## କୋରାପୁଟ ପାହାଡ଼ିଆ ଛେଳି



ଏହି ସ୍ଥାନୀୟ ପ୍ରଜାତିର ପରିପକ୍ୱତା ଜଲଦି ଆସିଥାଏ।୧୪ ମାସ ମଧ୍ୟରେ ୨ ଥର ଶାବକକୁ ଜନ୍ମ ଦେଇଥାନ୍ତି। ଶରୀର ବୃଦ୍ଧି ବହୁତ ଶୀଘ୍ର ହୋଇଥାଏ। ଏମାନଙ୍କଠାରୁ ମାଂସ ବହୁତ ମିଳିଥାଏ। କୋରାପୁଟ ଜିଲ୍ଲାରେ ବହୁଳ ପରିମାଣରେ ଦେଖାଯାଆନ୍ତି।

### ୪. ମେଣ୍ଢା ଜୀବକ- ଜାୟକ (Sheep Germplasm)

## କୁଜି ମେଣ୍ଢା ପ୍ରଜାତି



ଶରୀର ଲୋମାବୃତ ହୋଇ ରହିଥାଏ। ଏହି ପ୍ରଜାତି ଖୁବ୍ କମ୍ ମାତ୍ରାରେ ଦେଖାଯାଆନ୍ତି। ଉପକୂଳବର୍ତ୍ତୀ ଅଞ୍ଚଳରେ ବହୁତ ଦେଖାଯାଆନ୍ତି। ଏହା ଏକ ସ୍ଥାନୀୟ ପ୍ରଜାତି ଭାବେ ଜଣାଶୁଣା। ଭଦ୍ରକ, ନିମାପଡ଼ା ଓ କେନ୍ଦ୍ରାପଡ଼ାରେ ଏହି ପ୍ରଜାତି ଦେଖାଯାଆନ୍ତି।

## ଗଞ୍ଜାମ ମେଣ୍ଢା ପ୍ରଜାତି-



ଶରୀରରେ ବହୁତ ଲୋମ ରହିଥାଏ। ମଧ୍ୟମ ଧରଣର ଶରୀର ସହିତ ଛୋଟ ଲାଞ୍ଜ ମଧ୍ୟ ଥାଏ। ଏମାନେ କମ୍ ଉତ୍ପାଦନକାରୀ ପ୍ରଜାତି ଅଟନ୍ତି। ମାଂସ ମଧ୍ୟ ଭଲ ଲାଗେ। ଏହି ପ୍ରଜାତି କୋରାପୁଟ, ଫୁଲବାଣୀ ଓ ପୁରୀ ଜିଲ୍ଲାର କିଛି ଜାଗାରେ ଦେଖାଯାଏ।

### ବଲାଙ୍ଗୀର ମେଣ୍ଢା ପ୍ରଜାତି/ଧର୍ମଗଡ଼ ମେଣ୍ଢା



ଶରୀରରେ ଲୋମ ଥାଏ । ଲାଞ୍ଜ ମଧ୍ୟ ଛୋଟ ଥାଏ । ଉଚ୍ଚ ତାପମାତ୍ରାରେ ମଧ୍ୟ ନିଜକୁ ଖାପଖୁଆଇ ରହିପାରେ । ବେଶୀ ଖାଦ୍ୟ ଦରକାର କରେ ନାହିଁ । ମାଂସ ମଧ୍ୟ ସ୍ୱାଦିଷ୍ଟ ଅଟେ । ବଲାଙ୍ଗୀର, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି ପ୍ରଜାତି ଦେଖାଯାଆନ୍ତି ।

### କେନ୍ଦ୍ରାପଡ଼ା ମେଣ୍ଢା ପ୍ରଜାତି



ଏହା ମଧ୍ୟ ରାଷ୍ଟ୍ରୀୟ ପଶୁ ଅନୁବଂଶିକ ସଂସାଧନ ବ୍ୟୁରୋ (National Bureau of Animal Genetic Resources) ରେ ପଞ୍ଜିକୃତ ହୋଇଛି । ଏହାର ମାଂସର ମଧ୍ୟ ସ୍ଥାନୀୟ ଅଞ୍ଚଳରେ ବହୁତ ଚାହିଦା ଅଛି ।



## ୫. କୁକୁଡ଼ା ଜୀବକ-ଜାୟକ (Poultry Germplasm)

ମୟୁରଭଞ୍ଜ ଜିଲ୍ଲାରେ ଥିବା ହଂସିଲୀ କୁକୁଡ଼ା ମଧ୍ୟ ରାଷ୍ଟ୍ରୀୟ ପଶୁ ଆନୁବଂଶିକ ସଂସାଧନ ବ୍ୟୁରୋ ଦ୍ୱାରା ପଞ୍ଜୀକୃତ ହୋଇଛି । ଏହା ବ୍ୟତୀତ କଳାହାଣ୍ଡି ପ୍ରଜାତି ଓ ଭେଜାଗୁଡ଼ା ପ୍ରଜାତି ମଧ୍ୟ ସ୍ଥାନୀୟ ପ୍ରଜାତି ଭାବେ ଜଣାଶୁଣା ।

## ୬. ବତକ ପ୍ରଜାତି - (Duck Germplasm)



କୋରାପୁଟ ଓ କଳାହାଣ୍ଡି ପ୍ରଜାତି ରାଜହଂସ ଇତ୍ୟାଦି ମଧ୍ୟ ସ୍ଥାନୀୟ ପ୍ରଜାତି ଭାବେ ଲୋକପ୍ରିୟତା ହାସଲ କରିଛି ।ଏମାନେ ବହୁମାତ୍ରାରେ ଅଣ୍ଡା ଦେଇଥାନ୍ତି । ଓଡ଼ିଶାରେ ଅନେକ ସ୍ଥାନୀୟ ଗୃହପାଳିତ ପଶୁ ଓ ପକ୍ଷୀ ଧିରେ ଧିରେ ବିଲୁପ୍ତ ହେବାରେ ଲାଗିଛି । ଉଚିତ୍ ସମୟରେ ସଠିକ୍ ପଦକ୍ଷେପ ଗ୍ରହଣ ନ କରିଲେ ଏହା ମଧ୍ୟ ସଂପୂର୍ଣ୍ଣ ଭାବେ ଲୋପ ପାଇଯିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

# ଛାତ୍ରଛାତ୍ରୀଙ୍କ ପାଇଁ ଗବେଷଣାତ୍ମକ ପ୍ରକଳ୍ପ

**ପ୍ରକଳ୍ପ (Project)-୧**

## ଆମ ପରିସରରେ ଥିବା ସ୍ତନ୍ୟପାୟୀ ପ୍ରାଣୀ (Mammals around us)

୧. ତୁମ ଚତୁଃପାର୍ଶ୍ୱରେ ଦେଖାଯାଉଥିବା ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ଲକ୍ଷ୍ୟ କର ଓ ସେମାନଙ୍କୁ ଚିହ୍ନିବା ପାଇଁ ଚେଷ୍ଟା କର ।

୨. ସେମାନଙ୍କର ଖାଦ୍ୟ, ବ୍ୟବହାର ଓ ବାସସ୍ଥାନ ବିଷୟରେ ଜାଣିବା ପାଇଁ ଉଚିତ ଦୂରତାରେ ରହି ପର୍ଯ୍ୟବେକ୍ଷଣ କର ଏବଂ ନିମ୍ନ ସାରଣୀରେ ପୂରଣ କର ।

୩. ପଶୁଟି କ'ଣ ଖାଉଛି ଏବଂ ଖାଦ୍ୟ ଖାଇବା ସମୟରେ ଓ ଖାଇ ସାରିବା ପରେ ତାର ବ୍ୟବହାରକୁ ନିରୀକ୍ଷଣ କରି ଖାତାରେ ଲିପିବଦ୍ଧ କର ।

୪. ଯଦି ତୁମ ଗ୍ରାମରେ ବାଦୁଡ଼ି ଦଳ କୌଣସି ଗଛ, ଭଙ୍ଗା ଘର ଓ ପୁରୁଣା ରାଜପ୍ରସାଦ ଆଦି ସ୍ଥାନରେ ବାସ କରୁଥାନ୍ତି, ତାକୁ ମଧ୍ୟ ନିରୀକ୍ଷଣ କର ଏବଂ ନିମ୍ନରେ ଦିଆଯାଇଥିବା ସାରଣୀରେ ଲିପିବଦ୍ଧ କର ।

ନାମ :- ଶ୍ରେଣୀ :-

ବୟସ :- ବିଦ୍ୟାଳୟ ନାମ :-

ପ୍ରତ୍ୟେକ ଦିନ ଘର ପାଖରେ ଦେଖାଯାଉଥିବା ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ସକାଳେ ଓ ସନ୍ଧ୍ୟାରେ ନିରୀକ୍ଷଣ କରିବା

| ତାରିଖ/ | ସମୟ | ପ୍ରାଣୀର ନାମ | ଇଂରାଜୀ ନାମ | ଖାଦ୍ୟର ପ୍ରକାର | ବାସସ୍ଥାନ | ନିରୀକ୍ଷଣ କରିଥିବା ତଥ୍ୟ |
|---|---|---|---|---|---|---|
| ୦୧.୦୧.୨୦୨୪ | | ବିଲୁଆ | Golden Jackal | ମୂଷା, ପଚାଷଢ଼ା ଜନ୍ତୁ | ବାଉଁଶ ବୁଦା ପାଖରେ ଗାତରେ ରହେ । | ସନ୍ଧ୍ୟା ସମୟରେ ଜୋରରେ ଭୁକୁଥିଲା (Howling) । |
| ୦୨.୦୧.୨୦୨୪ | | ଘୁଷୁରୀ | | | | |
| ୦୩.୦୧.୨୦୨୪ | | କୁକୁର | | | | |

**ପ୍ରକଳ୍ପ (Project)-୨**

**ଗଛରେ ବାସ କରୁଥିବା ସ୍ତନ୍ୟପାୟୀ ପ୍ରାଣୀଙ୍କୁ ଜାଣିବା** (To know the arboreal mammals)

ପିଲାମାନେ ତୁମେ ଜାଣିଥିବ, ବିଭିନ୍ନ ପଶୁମାନଙ୍କର ବାସସ୍ଥାନ ଭିନ୍ନ ଭିନ୍ନ ହୋଇଥାଏ । କିଛି ବନ୍ୟଜନ୍ତୁ ଗୁମ୍ଫାରେ ରହୁଥିବାବେଳେ ଆଉ କେତେକ ଗାତ କରି ବାସ କରନ୍ତି ଓ ଗୃହପାଳିତ ପଶୁମାନେ ଗୁହାଳ (Cowshed) ରେ ରହିଥାନ୍ତି । ସେହିପରି କିଛି ପ୍ରାଣୀ ଗଛ ଡାଳରେ ଓ କୋରଡ଼ରେ ବସବାସ କରନ୍ତି ।

୧. ତୁମ ଚାରିପାର୍ଶ୍ୱରେ ଦେଖାଯାଉଥିବା କେଉଁ ସବୁ ସ୍ତନ୍ୟପାୟୀ ପ୍ରାଣୀ ଗଛରେ ରହୁଛନ୍ତି ତାହା ନିରୀକ୍ଷଣ କର ଓ ନିମ୍ନସାରଣୀରେ ପୂରଣ କର ।

୨. ଗଛରେ ବାସ କରୁଥିବା ସମୟରେ ସେମାନେ ଦଳବଦ୍ଧ ହୋଇ କିମ୍ବା ଏକାକୀ ରହୁଛନ୍ତି ତାହା ମଧ୍ୟ ଲକ୍ଷ୍ୟ କର ।

୩. ସେମାନଙ୍କର ବିଶ୍ରାମ କରିବାର ସମୟକୁ ଜାଣିବାକୁ ଚେଷ୍ଟା କର ଓ ନିମ୍ନରେ ଦିଆଯାଇଥିବା ସାରଣୀରେ ଲିପିବଦ୍ଧ କର ।

୪. ମଣିଷମାନଙ୍କ ସହିତ ସେମାନଙ୍କ ବ୍ୟବହାରରେ କିଛି କୌତୁହଳ ପୂର୍ଣ୍ଣ ତଥ୍ୟ ଦେଖିଲେ ତାକୁ ମଧ୍ୟ ଲିପିବଦ୍ଧ କର ।

| ତାରିଖ/ସମୟ | ପ୍ରାଣୀର ନାମ | ବାସ କରୁଥିବା ଗଛ ର ନାମ | ପରିବେଶରେ ଭୂମିକା | ନିରୀକ୍ଷଣ କରିଥିବା ତଥ୍ୟ |
|---|---|---|---|---|
| ୦୧.୦୨.୨୦୨୪/ ସନ୍ଧ୍ୟାବେଳେ | ବାଦୁଡ଼ି | କୃଷ୍ଣଚୂଡ଼ା | ମଞ୍ଜି ବିକ୍ଷେପଣରେ ସାହାଯ୍ୟ କରେ । | ସନ୍ଧ୍ୟା ସମୟ ଗଳାପରେ , ଆଉ ଦେଖିବାକୁ ମିଳିଲା ନାହିଁ । |
| ୦୧.୦୨.୨୦୨୪/ ଦିନବେଳେ | ମାଙ୍କଡ଼ | ସିରିଷ | | |
| ୦୧.୦୨.୨୦୨୪/ ଦିନବେଳେ | ଗୁଣ୍ଡୁଚି ମୁଷା | ନଡ଼ିଆ | | |

**ପ୍ରକଳ୍ପ (Project)-୩**

**ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ପରିବେଶ ପ୍ରତି ଥିବା ଭୂମିକା**
(Role of mammals towards the environment)

ଆମ ଚତୁଃପାର୍ଶ୍ୱରେ ଥିବା ପ୍ରତ୍ୟେକ ପ୍ରାଣୀମାନଙ୍କର ପରିବେଶ ପ୍ରତି ତଥା ମାନବ ସମାଜ ପ୍ରତି ଅନେକ ଉପକାରିତା ରହିଅଛି । ପ୍ରତ୍ୟେକ ପ୍ରାଣୀ ପରିସଂସ୍ଥାରେ ଖାଦ୍ୟ ଶୃଙ୍ଖଳର ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ସେଥିମଧ୍ୟରୁ ମୃତପୋଜୀବୀମାନେ ମୃତ ଓ ପଚାସଢ଼ା ଜିନିଷ ଖାଇ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସହାୟକ ହୋଇଥାନ୍ତି । ଆଉ କିଛି ସ୍ତନ୍ୟପାୟୀ ପ୍ରାଣୀ ବୀଜ ବିକ୍ଷେପଣ, ପରାଗସଂଗମରେ ସାହାଯ୍ୟ କରନ୍ତି ଏବଂ କୀଟପତଙ୍ଗ ସଂଖ୍ୟାକୁ ନିୟନ୍ତ୍ରଣରେ ରଖିଥାନ୍ତି । ଠିକ ସେହିପରି ଗୃହପାଳିତ ପଶୁମାନେ ମଧ୍ୟ ବିଭିନ୍ନ ଉପାୟରେ ମାନବ ସମାଜର ଉପକାର କରିବା ସହିତ ଜୀବନ ଜୀବିକା ନିର୍ବାହ କରିବାରେ ସହାୟକ ହୋଇଥାନ୍ତି ।

୧. ମଣିଷ ସମାଜ ପ୍ରତି କେଉଁ ପ୍ରାଣୀମାନଙ୍କର କ'ଣ ଉପକାରିତା ତୁମେ ଲକ୍ଷ୍ୟ କରିଛ, ନିମ୍ନରେ ଏକ ତାଲିକା ପ୍ରସ୍ତୁତ କର ।

୨. କେଉଁ ପ୍ରାଣୀମାନେ ଆମ ପାରମ୍ପରିକ, ସାଂସ୍କୃତିକ ତଥା ଧାର୍ମିକ ଭାବନା ସହିତ ସମ୍ପୃକ୍ତ ତାହା ବୟୋଜ୍ୟେଷ୍ଠମାନଙ୍କ ସହ ଆଲୋଚନା କରି ଲିପିବଦ୍ଧ କର ।

୩. କୃଷିକ୍ଷେତ୍ରରେ ପଶୁମାନଙ୍କ କେଉଁ ସବୁ ଅବଦାନ ତୁମେ ଲକ୍ଷ୍ୟ କରିଛ ତାହା ମଧ୍ୟ ଲିପିବଦ୍ଧ କର ।

| କ୍ରମିକ ନଂ. | ପ୍ରାଣୀର ନାମ | ପରିବେଶ ପ୍ରତି ଥିବା ଉପକାରିତା |
|---|---|---|
| ୧ | ଗାଈ | କ୍ଷୀର ଯୋଗାଇ ଥାଏ, ଗୋବର ଜୈବିକ ଖତ ଭାବେ ବ୍ୟବହାର ହୁଏ । |
| ୨ | ବିଲେଇ | ଘରେ ମୂଷା ମାରି ଶସ୍ୟକୁ ସୁରକ୍ଷା ଦେଇଥାଏ । |
| ୩ | ବିଲୁଆ | |
| ୪ | | |
| ୫ | | |

## ପ୍ରକଳ୍ପ (Project)-୪

**ବାଦୁଡ଼ି କିମ୍ବା ଚେମେଣିର ପର୍ଯ୍ୟବେକ୍ଷଣ** (Observation of Bats)

୧. ସନ୍ଧ୍ୟା ସମୟରେ ଘର ପାଖରେ ଗୋଟେ ସ୍ଥାନରେ ଧୀର ଭାବରେ ଛିଡ଼ା ହୋଇ ବାଦୁଡ଼ି ମାନଙ୍କୁ ନିରୀକ୍ଷଣ କର l ବଡ଼ ବାଦୁଡ଼ି ଏବଂ ଚେମେଣି ଉଭୟଙ୍କୁ ଲକ୍ଷ୍ୟ କର l

୧. ଗୋଟେ ସ୍ଥାନରେ ଅତିକମ୍‌ରେ ୧୫ ମିନିଟ ନିରୀକ୍ଷଣ କରିବ l

୨. ସେହି ସ୍ଥାନରେ କେତେ ସଂଖ୍ୟକ ବାଦୁଡ଼ି/ଚେମେଣି ଦେଖାଯାଉଛନ୍ତି ତାହା ନିମ୍ନରେ ଥିବା ତଥ୍ୟ ସଂଗ୍ରହ ସାରଣୀରେ ଲିପିବଦ୍ଧ କର l

୩. ସେହିପରି ୧୫ ମିନିଟ ପରେ କିଛି ଦୂରକୁ ଯାଇ ଅନ୍ୟ ଏକ ସ୍ଥାନରେ ପୂର୍ବ ପରି ନିରୀକ୍ଷଣ କରିବ ଏବଂ ସଂଖ୍ୟା ଲେଖିରଖିବ l

| ତାରିଖ | ପର୍ଯ୍ୟବେକ୍ଷଣ ସମୟ | ବାଦୁଡ଼ି/ ଚେମେଣି | ବାରମ୍ବାରତା (Frequency) | ରାଶିକୃତ ବାରମ୍ବାରତା (Cumulative frequency) | ସୂଚନା |
|---|---|---|---|---|---|
| ୦୧.୦୪.୨୦୨୪ | ୬.୦୦pm | ବାଦୁଡ଼ି | ୫ | ୫ | =୫ (ସ୍ଥାନ ୧ ର ବାରମ୍ବାରତା |
| | ୬.୧୫pm | | ୨ | ୭ | =୫+୨ (ସ୍ଥାନ ୨ ର ବାରମ୍ବାରତା |
| | ୬.୩୦ pm | | ୬ | ୧୩ | =୭+୬ (ସ୍ଥାନ ୩ ର ବାରମ୍ବାରତା) |
| | ୬.୪୫ pm | | ୮ | ୨୧ | =୧୩+୮ (ସ୍ଥାନ ୪ରବାରମ୍ବାରତା) |

ମୋଟ ବାରମ୍ବାରତା = ୨୧

ମୋଟ ପର୍ଯ୍ୟବେକ୍ଷଣ କରିଥିବା ସ୍ଥାନର ସଂଖ୍ୟା = ୪

ବାରମ୍ବାରତା (Frequency) = ଏକ ସ୍ଥାନରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଦେଖିଥିବା ପ୍ରାଣୀମାନଙ୍କ ସଂଖ୍ୟା

ରାଶିକୃତ ବାରମ୍ବାରତା(Cumulative frequency) = ପୂର୍ବ ସମୟରେ ରାଶିକୃତ ବାରମ୍ବାରତା + ସେହି ସମୟର ବାରମ୍ବାରତା

ମାଧ୍ୟମାନ (Mean) = ସର୍ବମୋଟ ବାରମ୍ବାରତା / ସର୍ବମୋଟ ପର୍ଯ୍ୟବେକ୍ଷଣ ସ୍ଥାନ

= ୨୧/୪= **୫.୨୫**

**ପ୍ରକଳ୍ପ (Project)-୫**

**ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଶିଙ୍ଘ** (Mammals Horn)

ପିଲାମାନେ ତୁମେ ଜାଣିଛ କି ? ଆମ ଚତୁପାର୍ଶ୍ୱରେ ଥିବା ଭିନ୍ନ ଭିନ୍ନ ପ୍ରାଣୀମାନଙ୍କର ଶିଙ୍ଘର ଆକାର ଓ ଗଠନରେ ଅନେକ ଭିନ୍ନତା ରହିଛ । ଯେପରିକି ହରିଣ ଏବଂ ଗୟଳର ଶିଙ୍ଘର ଆକାର ଭିନ୍ନ ହୋଇଥାଏ, ହରିଣ ମାନଙ୍କର ଶିଙ୍ଘ ଶାଖା ବିଶିଷ୍ଟ ହୋଇଥିବାରୁ, ସେମାନଙ୍କୁ ଶାଖା ଶିଙ୍ଘ ବିଶିଷ୍ଟ ପ୍ରାଣୀ (Antlers) କୁହାଯାଏ । ସେହିପରି ଗୟଳ, କୃଷ୍ଣସାର ମୃଗ ଆଦି ମାନଙ୍କର ଅଲଗା ଶିଙ୍ଘ ଥାଏ, ଏମାନଙ୍କୁ Antelope କୁହାଯାଏ ।

୧. ପିଲାମାନେ ତୁମ ଚାରିପାର୍ଶ୍ୱରେ ଥିବା ପ୍ରାଣୀମାନଙ୍କର ଶିଙ୍ଘକୁ ଲକ୍ଷ୍ୟ କର ଏବଂ କ'ଣ ପ୍ରକାରଭେଦ ଲକ୍ଷ୍ୟ କରୁଛ ଲେଖ ।

୨. ସ୍ତନ୍ୟପାୟୀ ପ୍ରାଣୀଙ୍କର ଶିଂଙ୍ଗର ଚିତ୍ର ଅଙ୍କନ କରି ଉଦାହରଣ ସହ ସେଗୁଡ଼ିକର ପାର୍ଥକ୍ୟ ଦର୍ଶାଅ ।

| **ଶାଖା ଶିଙ୍ଘ (Antlers)** | **ଶିଙ୍ଘ (Horns)** |
| --- | --- |
| ୧. ହରିଣ, ସମ୍ବର ଆଦି ସ୍ତନ୍ୟପାୟୀ ପ୍ରାଣୀଙ୍କର ଶାଖା ଶିଙ୍ଘ ଦେଖାଯାଏ | କୃଷ୍ଣସାର ମୃଗ, ଗୟଳ, ଗାଈ, ମଇଁଷି ଆଦି ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଶିଙ୍ଘ ଦେଖାଯାଏ ଯାହା ଶାଖାଯୁକ୍ତ ହୋଇ ନଥାଏ । |
| ୨. | |
| ୩. | |
| ୪. | |
| ୫. | |

**ପ୍ରକଳ୍ପ (Project)-୬**

**ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ସାଧାରଣ ବିଶେଷତ୍ୱ ଏବଂ ବର୍ଗୀକରଣ ଅଧ୍ୟୟନ କରିବା** (Study the general characteristics and classification of animals belonging to class Mammalia)

ଆମ ପରିବେଶରେ ଥିବା ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ସେମାନଙ୍କ ଶରୀରର ଗଠନ ଶୈଳୀ ଓ ବ୍ୟବହାର ଆଧାରରେ ପରିଚୟ ବୈଶିଷ୍ଟ୍ୟତା ନିର୍ଣ୍ଣୟ କରାଯାଇ ବିଭିନ୍ନ ଜାତି ଏବଂ ପ୍ରଜାତିରେ ବର୍ଗୀକୃତ କରାଯାଇଥାଏ ।

ନିମ୍ନସାରଣୀରେ ପ୍ରଦତ୍ତ ଚିତ୍ରରେ ପ୍ରାଣୀମାନଙ୍କର ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ଦର୍ଶାଅ ଏବଂ ପ୍ରାଣୀମାନଙ୍କର ସାଧାରଣ ବିଶେଷତ୍ୱ ଲିପିବଦ୍ଧ କର ।

| | |
|---|---|
| **ନାମ :-** | **ଶ୍ରେଣୀ :-**<br>**ବିଦ୍ୟାଳୟ ନାମ :-** |
| **ପ୍ରାଣୀମାନଙ୍କ ଚିତ୍ର** | **ସାଧାରଣ ଚରିତ୍ର** |



## ପ୍ରକଳ୍ପ (Project)-୭

### ଅର୍ଥନୀତି କ୍ଷେତ୍ରରେ ଗୃହପାଳିତ ପଶୁମାନଙ୍କ ଭୂମିକା

(Role of Domestic animals in Economic significance)

୧. ଜଙ୍ଗଲରେ ବାସ କରୁଥିବା ବନ୍ୟଜନ୍ତୁଙ୍କ ବ୍ୟତୀତ ଏମିତି ଅନେକ ଗୁଡ଼ିଏ ପ୍ରଜାତି ର ପଶୁ ଅଛନ୍ତି, ଯେଉଁମାନଙ୍କ ଲାଳନପାଳନ ଆମେ ନିଜ ଘରେ ଗୃହପାଳିତ ପଶୁ ଭାବରେ କରିଥାଉ । ଯଥା ଗାଈ, ବଳଦ, ଛେଳି, ମେଣ୍ଢା, ଘୁଷୁରୀ, ଘୋଡା, ଗଧ ଇତ୍ୟାଦି ।

୨. ପିଲାମାନେ ତମେ ଜାଣିଛ କି ? ୧୧୪ ଟି ପ୍ରଜାତିର ପଶୁମାନଙ୍କ ମଧ୍ୟରୁ କେବଳ ୧୧ଟି ପ୍ରଜାତିର ପଶୁହିଁ ଗୃହପାଳନ ଉପଯୋଗୀ ଅଟନ୍ତି ।

୩. ଆମ ଦୈନନ୍ଦିନ ଜୀବନର ଜୀବିକା ନିର୍ବାହ ପାଇଁ ଆମେ ବିଭିନ୍ନ ପ୍ରକାରରେ ଗୃହପାଳିତ ପଶୁମାନଙ୍କ ଉପରେ ନିର୍ଭର କରିଥାଉ । ଗୃହପାଳିତ ପଶୁମାନେ ଆମ ରାଜ୍ୟର ସୁଦୃଢ ଅର୍ଥନୀତିର ଏକ ଉତ୍ସ ।

୪. ପିଲାମାନେ, ନିମ୍ନ ସାରଣୀକୁ ଅନୁସରଣ କରି ନିଜ ଘରେ ଥିବା ଗୃହପାଳିତ ପଶୁମାନଙ୍କ ନାମ ସହିତ ତାଙ୍କ ଅର୍ଥନୈତିକ ଭୂମିକାର ଏକ ତାଲିକା ପ୍ରସ୍ତୁତ କର ।

୫. ଏହା ବ୍ୟତୀତ ଗୃହପାଳିତ ପଶୁମାନଙ୍କ ସାହାଯ୍ୟରେ ମିଳୁଥିବା ବାର୍ଷିକ ଆୟ ସମ୍ପର୍କରେ ଘରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସହିତ ଆଲୋଚନା କରି ଲିପିବଦ୍ଧ କର ।

| କ୍ରମିକ ନମ୍ବର | ଗୃହପାଳିତ ପଶୁର ନାମ | ବୈଜ୍ଞାନିକ ନାମ | ଉପଯୋଗୀ ଉତ୍ସ | ବିକ୍ରୟ ମୂଲ୍ୟ | ବାଣିଜ୍ୟ ଆୟ | ଆର୍ଥନୈତିକ ଭୂମିକା |
|---|---|---|---|---|---|---|
| ୧ | ମେଣ୍ଢା | *Ovis aries* | ଶରୀରର ଲୋମ | | | ଲୋମରୁ ପ୍ରକ୍ରିୟାକରଣ ମାଧ୍ୟମରେ ଶୀତ ବସ୍ତ୍ର ପ୍ରସ୍ତୁତ କରାଯାଏ । |
| ୨ | | | | | | |

## ପ୍ରକଳ୍ପ (Project)-୮

ସ୍ତନ୍ୟପାୟୀ ପ୍ରାଣୀମାନଙ୍କର  ଆତ୍ମରକ୍ଷା କୌଶଳ ସମ୍ବନ୍ଧରେ ଅଧ୍ୟୟନ
**(To study about the mammalian defence mechanism)**

ଭୂ-ପୃଷ୍ଠର ପ୍ରତ୍ୟେକ ପ୍ରାଣୀ, ଛୋଟ କୀଟପତଙ୍ଗରୁ ଆରମ୍ଭ କରି ବିଶାଳକାୟ ବନ୍ୟଜନ୍ତୁ ପର୍ଯ୍ୟନ୍ତ ସମସ୍ତେ ନିଜକୁ ଓ ନିଜର ଗୋଷ୍ଠୀକୁ, ଶିକାରୀ ପ୍ରାଣୀ ମାନଙ୍କ ଠାରୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପ୍ରକାରର ଆତ୍ମରକ୍ଷା କୌଶଳ ଅବଲମ୍ବନ କରିଥାନ୍ତି ।

ତୁମେ କେବେ ଦେଖିଛ କି  ?

୧. ଆମ ଚତୁଃପାର୍ଶ୍ୱରେ ଥିବା ସ୍ତନ୍ୟପାୟୀ ପ୍ରାଣୀମାନେ ମଧ୍ୟ ଅନେକ ଗୁଡ଼ିଏ ଅଦ୍ଭୁତପୂର୍ଣ୍ଣ ଶୈଳୀ ମାଧ୍ୟମରେ ନିଜକୁ ଶିକାରଠାରୁ ବଂଚିତ ରଖିଥାନ୍ତି ।

୨. ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସ୍ତନ୍ୟପାୟୀମାନଙ୍କ ପ୍ରତିରକ୍ଷା ପଦ୍ଧତିଗୁଡ଼ିକୁ ଚିତ୍ରମାଧ୍ୟମରେ ଦର୍ଶାଇ ଛାତ୍ରଛାତ୍ରୀଙ୍କୁ ତଥ୍ୟ ପ୍ରଦାନ କରିବେ ।

୩. ଜ୍ଞାନ ଆହରଣ ପରେ ପିଲାମାନେ ନିମ୍ନସାରଣୀକୁ ଅନୁସରଣ କରି ତଥ୍ୟ ଲିପିବଦ୍ଧ କରିବେ ।

| କ୍ରମିକ ନଂ. | ସ୍ତନ୍ୟପାୟୀ ପ୍ରାଣୀର ନାମ | ଶିକାରୀ ପ୍ରାଣୀ | ପ୍ରତିରକ୍ଷା ପଦ୍ଧତି |
|---|---|---|---|
| ୧ | ଝିଙ୍କ | କଲରାପତରିଆ | ଶରୀର ଉପରେ ଥିବା କଣ୍ଟା କୁ ଶକ୍ତ ଭାବରେ ଖୋଲି ଚାଲିଥାଏ । |
| ୨ | | | |
| ୩ | | | |

## ପ୍ରକଳ୍ପ (Project)-୯

**ସ୍ତନ୍ୟପାୟୀ ପ୍ରାଣୀର ଲଣ୍ଡି ଓ ମଳ (Mammals faecal matters)**

୧. ସବୁ ସମୟରେ ସ୍ତନ୍ୟପାୟୀ ପ୍ରାଣୀମାନେ ପ୍ରତ୍ୟକ୍ଷଭାବରେ ଦୃଷ୍ଟିଗୋଚର ହୋଇନଥାନ୍ତି, କିନ୍ତୁ ଏମିତି ଅନେକ ପରୋକ୍ଷ ପ୍ରମାଣ ଅଛି ଯାହାଦ୍ୱାରା ଆମେ ତାଙ୍କର ଅବସ୍ଥିତି, ବାସସ୍ଥାନ, ଖାଦ୍ୟ ଓ ଜୀବନଶୈଳୀ ଆଦି ବିଷୟରେ ଜ୍ଞାନ ଆହରଣ କରିପାରିବା । ଯେପରିକି ପ୍ରାଣୀର ଲଣ୍ଡି ଓ ମଳ ।

୨. ପ୍ରାଣୀମାନଙ୍କ ଭିନ୍ନତା ଅନୁଯାୟୀ ତାଙ୍କର ମଳ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ ।

୩. ଶିକ୍ଷକ/ଶିକ୍ଷିକା ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଳରେ ଦେଖାଯାଉଥିବା ଭିନ୍ନତା କୁ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ଉଲ୍ଲେଖ କରିବେ । (ଯଦି ବିଦ୍ୟାଳୟ ନିକଟରେ ଜଙ୍ଗଲ ଥାଏ , ପିଲାମାନଙ୍କୁ ସାଥିରେ ନେଇ ଯାଇପାରିବେ)

୪. ଏତତ୍‌ବ୍ୟତୀତ ବିଭିନ୍ନ ପ୍ରାଣୀମାନଙ୍କ ମଳ ଓ ଲଣ୍ଡିର ନମୂନା ସଂଗ୍ରହ କରି ପିଲାଙ୍କ ଉପସ୍ଥିତିରେ ତାର ପରୀକ୍ଷା କରିବେ ।

୫. ଯାହାଦ୍ୱାରା ଛାତ୍ରଛାତ୍ରୀ ପରୋକ୍ଷ ଭାବରେ ସ୍ତନ୍ୟପାୟୀମାନଙ୍କୁ ଚିହ୍ନିତ କରିପାରିବେ ଏବଂ ସେମାନଙ୍କ ଅନୁପସ୍ଥିତିରେ ମଧ୍ୟ ତାଙ୍କର ଖାଦ୍ୟର ଉପାଦାନ ଗୁଡ଼ିକ ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ ।

୬. ଜ୍ଞାନ ଆହରଣ ପରେ ପିଲାମାନଙ୍କୁ ପ୍ରାଣୀମାନଙ୍କ ମଳ ବିଷୟରେ ଏକ ସାରଣୀ ପ୍ରସ୍ତୁତ କରିବାକୁ କହିବେ ଏବଂ ନିରୀକ୍ଷଣ କରିଥିବା ତଥ୍ୟକୁ ନିମ୍ନ ପ୍ରଦତ୍ତ ସାରଣୀରେ ଲିପିବଦ୍ଧ କରିବେ ।

| ସ୍ତନ୍ୟପାୟୀ ପ୍ରାଣୀର ନାମ | ମଳ/ଲଣ୍ଡି | ରଙ୍ଗ | ଆକାର | ଲମ୍ବ/ମୋଟେଇ | ଅନ୍ୟ ତଥ୍ୟ |
|---|---|---|---|---|---|
| ହରିଣ | ଲଣ୍ଡି | ଗାଢ ଧୂସର | ସିଲିଣ୍ଡର ଆକାରର | ୧.୧-୧.୮ସେ.ମି | |
| ବିଲୁଆ | ମଳ | ଧଳା | ଉପର ଓ ନିମ୍ନଭାଗ ଗୋଲାକାର | ୫-୭ ସେ.ମି | |

# ପରିଶିଷ୍ଟ

| କ୍ରମିକ ନଂ. | ଓଡ଼ିଆ ନାମ | ସାଧାରଣ ନାମ | ବୈଜ୍ଞାନିକ ନାମ | ପୃଷ୍ଠା ନଂ. |
|---|---|---|---|---|
| ୧ | ହନୁ ମାଙ୍କଡ଼ | Northern plains langur/Hanuman langur | *Semnopithecus entellus* | ୬୮ |
| ୨ | ପାତି ମାଙ୍କଡ଼ | Rhesus macaque | *Macaca mulatta* | ୬୯ |
| ୩ | ହାତୀ | Asian elephant | *Elephas maximus* | ୭୦ |
| ୪ | ଗୁରାଣ୍ଡି | Indian mouse deer/ Indian chevrotain | *Moschiola indica* | ୭୧ |
| ୫ | କୁଟୁରା | Northern red muntjac/ barking deer | *Muntiacus vaginalis* | ୭୨ |
| ୬ | ହରିଣ | Spotted deer / Chital | *Axis axis* | ୭୩ |
| ୭ | ସମ୍ବର | Sambar | *Rusa unicolor* | ୭୪ |
| ୮ | କୃଷ୍ଣସାର ମୃଗ | Blackbuck | *Antilope cervicapra* | ୭୫ |
| ୯ | ଗୟଳ | Gaur/ Indian bison | *Bos gaurus* | ୭୬ |
| ୧୦ | ବାର୍‌ହା | Wild pig | *Sus scrofa* | ୭୭ |
| ୧୧ | କଟାସ | Jungle cat | *Felis chaus* | ୭୮ |
| ୧୨ | ମାଛରଙ୍କା ବିରାଡ଼ି | Fishing cat | *Prionailurus viverrinus* | ୭୯ |
| ୧୩ | ଚିତ୍ରା ବିରାଡ଼ି | Leopard cat | *Prionailurus bengalensis* | ୮୦ |
| ୧୪ | କଲରାପତରିଆ ବାଘ | Leopard | *Panthera pardus* | ୮୧ |
| ୧୫ | ମହାବଳ ବାଘ | Royal Bengal Tiger | *Panthera tigris* | ୮୨ |
| ୧୬ | ରାମ ଶିଆଳ | Gray wolf | *Canis lupus* | ୮୩ |

| | | | | |
|---|---|---|---|---|
| ୧୭ | ବିଲୁଆ | Golden jackal | *Canis aureus* | ୮୪ |
| ୧୮ | କୋକିଶିଆଳ | Bengal fox | *Vulpes bengalensis* | ୮୫ |
| ୧୯ | ହେଟାବାଘ | Striped Hyena | *Hyaena hyaena* | ୮୬ |
| ୨୦ | ଭାଲୁ | Sloth bear | *Melursus ursinus* | ୮୭ |
| ୨୧ | ଗାଡ଼ ଭାଲୁ | Honey badger/Ratel | *Mellivora capensis* | ୮୮ |
| ୨୨ | କଳା ଲାଞ୍ଜିଆ ନେଉଳ | Ruddy mongoose | *Herpestes smithii* | ୮୯ |
| ୨୩ | କୁଜି ନେଉଳ | Small Asian Mongoose | *Herpestes javanicus* | ୯୦ |
| ୨୪ | ପାହାଡ଼ି ନେଉଳ | Indian Grey Mongoose | *Herpestes edwardsii* | ୯୧ |
| ୨୫ | ଓଧ | Smooth-coated otter | *Lutrogale perspicillata* | ୯୨ |
| ୨୬ | ଓଧ | Small-clawed Otter | *Aonyx cinereus* | ୯୩ |
| ୨୭ | ଡାଳି ଓଧ | Small Indian Civet | *Viverricula indica* | ୯୪ |
| ୨୮ | ଶାଳିଆପତନି | Common Palm Civet | *Paradoxurus hermaphroditus* | ୯୫ |
| ୨୯ | ଶଶା | Indian hare | *Lepus nigricollis* | ୯୬ |
| ୩୦ | ଝିଙ୍କ | Indian porcupine | *Hystrix indica* | ୯୭ |
| ୩୧ | ବଜ୍ରକାପ୍ତା | Indian pangolin | *Manis crassicaudata* | ୯୮ |
| ୩୨ | ବେଲେରା ମୂଷା | Indian giant squirrel | *Ratufa indica* | ୯୯ |
| ୩୩ | ତିନି ଗାରିଆ ଗୁଣ୍ଡୁଚି | Three-striped squirrel | *Funambulus palmarum* | ୧୦୦ |

| | | | | |
|---|---|---|---|---|
| ୩୪ | ପାଞ୍ଚ ଗାରିଆ ଗୁଣ୍ଡୁଚି | Five-striped squirrel | *Funambulus pennantii* | ୧୦୧ |
| ୩୫ | ଗାତୁଆ ମୂଷା | Lesser bandicoot rat | *Bandicota bengalensis* | ୧୦୨ |
| ୩୬ | ବିଲ ମୂଷା | Little Indian field mouse | *Mus booduga* | ୧୦୩ |
| ୩୭ | ଚୁଟିଆ ମୂଷା | House mouse | *Mus musculus* | ୧୦୪ |
| ୩୮ | ମୂଷା | House rat | *Rattus rattus* | ୧୦୫ |
| ୩୯ | ମୂଷା | Indian gerbil/Antelope rat | *Tatera indica* | ୧୦୬ |
| ୪୦ | ଚୁଚୁନ୍ଦ୍ରା | Asian house shrew/Grey musk shrew | *Suncus murinus* | ୧୦୭ |
| ୪୧ | ବାଦୁଡ଼ି | Indian flying fox | *Pteropus giganteus* | ୧୦୮ |
| ୪୨ | ଚେମେଣି | Greater false vampire bat | *Megaderma lyra* | ୧୦୯ |
| ୪୩ | ବାଦୁଡ଼ି | Fulvous fruit bat/Indian fulvous fruit bat | *Rousettus leschenaultii* | ୧୧୦ |
| ୪୪ | ଚେମେଣି | Schneider's leaf-nosed bat | *Hipposideros speoris* | ୧୧୧ |
| ୪୫ | ଚେମେଣି | Cantor's leaf-nosed bat | *Hipposideros galeritus* | ୧୧୨ |
| ୪୬ | ଚେମେଣି | Dusky leaf-nosed bat | *Hipposideros ater* | ୧୧୩ |
| ୪୭ | ଚେମେଣି | Indian pipistrelle | *Pipistrellus coromandra* | ୧୧୪ |
| ୪୮ | ଡଲ୍ଫିନ୍ | Humpback dolphin | *Sousa chinensis* | ୧୧୫ |
| ୪୯ | ଡଲ୍ଫିନ୍ | Irrawaddy dolphin | *Orcaella brevirostris* | ୧୧୬ |
| ୫୦ | ଶିଶୁମାର | River Dolphin | *Platanista gangetica* | ୧୧୭ |

